


ସୀମା ଜଗିବେ ସାପ, କୁମ୍ଭୀର ! ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 16 ଭାଗ ୩୪ | ସଂଖ୍ୟା ୧୬ | Tuesday 7 April 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୭ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ଗ୍ୟାସ୍ ଦ୍ୱନ୍ଦ୍ୱ ଦୂର କଲେ ସରକାର

# ଆଇଡି ହେଲେ ମିଳିବ ୫ କେଜି ସିଲିଣ୍ଡର



## ପେଟ୍ରୋଲ୍ ଓ ଡିଜେଲର ଅଭାବ ନାହିଁ

## ପିଏନଜି କନେକ୍ସନ ପାଇଁ ସରକାର ତତ୍ପର

## କଳାବଜାରୀ ରୋକିବ ଡିଜିଟାଲ ବୁକିଂ

ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ)ଃ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ, ଏଲପିଜି ଗ୍ୟାସର କୌଣସି ଅଭାବ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ସାରା ଦେଶରେ ସୃଷ୍ଟି ହୋଇଥିବା ଆତଙ୍କ ପରିପ୍ରେକ୍ଷୀରେ ଆଜି ରାଜ୍ୟ ଯୋଗାଣ ସଚିବ ସାଧାରଣ ଖାଉଟିଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି। ବ୍ୟକ୍ତିଗତ ବ୍ୟବହାରଠାରୁ ଆରମ୍ଭ କରି ବାଣିଜ୍ୟିକ ବ୍ୟବହାର ପାଇଁ ତେଲ କି ପେଟ୍ରୋଲର ଅଭାବ ନାହିଁ। କେତେକ ସ୍ଥାନରେ କଳାବଜାରୀମାନେ କୃତ୍ରିମ ଅଭାବ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି ରାଜ୍ୟ ଯୋଗାଣ ସଚିବ ସଞ୍ଜୟ ସିଂ।

ଘରୋଇ ଏଲପିଜି ପ୍ରଦାନରେ କୌଣସି ସମସ୍ୟା ନାହିଁ। ଘରୋଇ ଉପଭୋକ୍ତାଙ୍କୁ ବୁକିଂ ପାଇଁ ସହରାଞ୍ଚଳରେ ୨୫ ଦିନ ଓ ଗ୍ରାମାଞ୍ଚଳରେ ୪୫ ଦିନର ସମସ୍ୟା ସୀମା ଦିଆଯାଇଛି। ଉଜ୍ଜ୍ୱଳା ଯୋଜନାରେ ଗ୍ରାମାଞ୍ଚଳରେ ହେଉଥିବା ବୁକିଂ ଆଧାରରେ ଏହି ସମୟ ସୀମା ଧାର୍ଯ୍ୟ କରାଯାଇଛି। ବୈଧ ଭାବେ ବିଭିନ୍ନ ବିତରକଙ୍କଠାରୁ ଘରୋଇ ସିଲିଣ୍ଡର ନେଇଥିବା ଉପଭୋକ୍ତାଙ୍କୁ ଏଲପିଜି ଯୋଗାଣରେ ଏବେ କୌଣସି ସମସ୍ୟା ନାହିଁ। ସେହିଭଳି ପୃଷ୍ଠା-୬

### ତୈଳ ଉଦ୍ୟୋଗର ସ୍ପଷ୍ଟୀକରଣ

## ରାଜ୍ୟରେ ଯୋଗାଣ ସ୍ଥିର ଓ ସ୍ୱାଭାବିକ ରହିଛି




### ଗୁଜବରେ ବିଶ୍ୱାସ ନ କରିବାକୁ ପରାମର୍ଶ

ଓଡ଼ିଶାରେ ଯଥେଷ୍ଟ ପରିମାଣରେ ପେଟ୍ରୋଲ, ଡିଜେଲ୍ ଓ ଏଲପିଜି ମହଜୁଦ ରହିଛି। ଭୟଭୀତ ହୋଇ କିମ୍ବା ଆଶଙ୍କାରେ କିଣାକିଣି କରିବାର କୌଣସି ଆବଶ୍ୟକତା ନାହିଁ। ଆଜି ଭୁବନେଶ୍ୱରରେ ଇଣ୍ଡିଆନ୍ ଅଏଲ୍ ଓ ପିଆଇବି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଆଶ୍ୱାସନା ଦିଆଯାଇଛି। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଆଇଓସିଏଲ)ର ମୁଖ୍ୟ ମହାପ୍ରବନ୍ଧକ, ଓଡ଼ିଶା ମୁଖ୍ୟ ତଥା ତୈଳ ଉଦ୍ୟୋଗଗୁଡ଼ିକର ପୃଷ୍ଠା-୬

### ୬ ବର୍ଷ ପରେ ଆସିଲା ପିତା-ପୁତ୍ର ହାଜତ ମୃତ୍ୟୁ ମାମଲାର ରାୟ

# ୯ ପୁଲିସ ଅଧିକାରୀଙ୍କୁ ଫାଶୀ



କଠୋରତମ ଦଣ୍ଡ ପାଇଁ ନିବେଦନ କରିଥିଲା ସିବିଆଇ

ମଦୁରାଇ,୬।୪ଃ ୬ ବର୍ଷ ତଳର ଏକ ହାଜତ ମୃତ୍ୟୁ ମାମଲାରେ ଆଜି ୯ ଜଣ ପୁଲିସ୍ ଅଧିକାରୀଙ୍କୁ ଫାଶୀ ଦଣ୍ଡାଦେଶ ଦିଆଯାଇଛି। ତାମିଲନାଡୁର ମଦୁରାଇ ଜିଲ୍ଲା କୋର୍ଟ ପୁଲିସ ହେପାଜତରେ ପିତା-ପୁତ୍ରଙ୍କ ମୃତ୍ୟୁ ମାମଲାରେ ଏହି ରାୟ ଶୁଣାଇଛନ୍ତି। ମଦୁରାଇ କୋର୍ଟ ବ୍ୟବସାୟୀ ପି. ଜୟରାଜ ଓ ତାଙ୍କ ପୁଅ ଜେ. ବେନିକ୍ସ ପୁଲିସ୍‌ର ମାତ୍ରାଧିକ ନିର୍ଯାତନା ଯୋଗୁଁ ମୃତ୍ୟୁବରଣ କରିଥିଲେ। ସେହିପରି ଏହି ମାମଲାରେ ୯ ଦୋଷୀଙ୍କ ମଧ୍ୟରୁ ପୁଲିସ ଇନ୍ସପେକ୍ଟର ଶ୍ରୀଧରଙ୍କୁ ୧.୫ ଲକ୍ଷ ଟଙ୍କାର ଜରିମାନା ପଇଠ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ୮ ଜଣ ଦୋଷୀ ସାବ୍ୟସ୍ତ ପୁଲିସ୍ ଅଧିକାରୀ ହେଲେ ସବଇନ୍ସପେକ୍ଟର ବାଲକ୍ରିଷ୍ଣନ ଏବଂ ରଘୁ ଗଣେଶ, ପୁଲିସକର୍ମୀ ମୁରୁଗାନ, ସାମଦୁରାଇ, ମୁଥୁରାଜା, ଚେଲ୍ଲାଦୁରାଇ, ଥୋମାସ ଫ୍ରାନ୍‌ସିସ ଓ ଭିଲୁମୁଥୁ। ମାମଲାର ରାୟ ଶୁଣାଣି ସମୟରେ କୋର୍ଟ କହିଛନ୍ତି ଯେ ପ୍ରତିଶୋଧ ନେବା ପାଇଁ ପିତା-ପୁତ୍ରଙ୍କୁ ଦାୟିତ୍ୱରେ ଥିବା ପୁଲିସ୍ ଅଧିକାରୀ ଓ କର୍ମଚାରୀମାନେ ଉଲଗ୍ନ କରି ନିର୍ମମ ଭାବେ ମାଡ଼ ମାରିଥିଲେ। ଏପରି ଏକ ଘଟଣାକୁ ମନେ ପକାଇଲେ ହୃଦୟ ଥରିଉଠୁଛି। ଯଦି ଖଣ୍ଡପୀଠ ଦ୍ୱାରା କୌଣସି ତଦାରଖ କରାଯାଇ ନଥାନ୍ତା, ତେବେ ସତ୍ୟ ନିଶ୍ଚିତ ଭାବେ ଚାପି ହୋଇ ରହିଯାଇଥାନ୍ତା ବୋଲି ପୃଷ୍ଠା-୬

# ପୁନର୍ଗଠନ ହେଲା ସ୍ୱତନ୍ତ୍ର ବିକାଶ ପରିଷଦ

- ୨୩ ଏସଡିସିରେ ୪୬ ନେତାଙ୍କୁ ଦାୟିତ୍ୱ
- ଯୋଜନା ବୋର୍ଡ ପରେ ଦ୍ୱିତୀୟ ବଡ଼ ରାଜନୈତିକ ନିଯୁକ୍ତି



ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ)ଃ ଜିଲ୍ଲା ଯୋଜନା ବୋର୍ଡର ପୁନର୍ଗଠନ ପରେ ସ୍ୱତନ୍ତ୍ର ବିକାଶ ପରିଷଦ ବା ଏସଡିସକୁ ପୁଣି ଥରେ କାର୍ଯ୍ୟକ୍ଷମ କରିଛନ୍ତି ରାଜ୍ୟ ସରକାର। ରାଜ୍ୟରେ ବିଜେପି କ୍ଷମତାକୁ ଆସିବାର ତିନି ମାସ ପରେ ସମସ୍ତ ୨୩ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଥିବା ସ୍ୱତନ୍ତ୍ର ବିକାଶ ପରିଷଦକୁ ଭାଙ୍ଗିଦେଇଥିଲେ। ଆଜି ଏସବୁ ବିକାଶ ପରିଷଦରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଯାଇଛି। ୨୩ ଏସଡିସିରେ ୪୬ ଜଣ ବିଜେପି ନେତାଙ୍କୁ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜିଲ୍ଲା ଯୋଜନା ବୋର୍ଡ ପରେ ଏହା ସରକାରଙ୍କ ଦ୍ୱିତୀୟ ବୃହତ ରାଜନୈତିକ ନିଯୁକ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ତାଲିକା ଅନୁସାରେ, ଅନୁଗୁଳ ଜିଲ୍ଲାରେ ବଶିଷ୍ଠ ନାୟକ, ବଲାଙ୍ଗୀରରେ ବଲ୍ଲଭ ଧରୁଆ, ବାଲେଶ୍ୱରରେ ବିପିନ ମାରାଣ୍ଡି, ବରଗଡ଼ରେ ଗୋବର୍ଦ୍ଧନ ଭୋଇ, ବୌଦ୍ଧରେ ଡମ୍ବୁରୁଧର କଅଁର, ଦେବଗଡ଼ରେ ପ୍ରଶାନ୍ତ କୁମାର ବେହେରା, ଢେଙ୍କାନାଳରେ ନାଉରୀ ସିଂ, ଗଜପତିରେ କାମଦେବ ବଡ଼ନାୟକ, ଗଞ୍ଜାମରେ ନୀଳମାଧବ ପାତ୍ର, ଯାଜପୁରରେ ରାଜେନ୍ଦ୍ର କାଣ୍ଡୁଲିଆ, ଝାରସୁଗୁଡ଼ାରେ ସମଲ ନାୟକ, କଳାହାଣ୍ଡିରେ ବିଜୟ କୁମାର ଦିଶାରୀ, କନ୍ଧମାଳରେ ମାନଗୋବିନ୍ଦ ପ୍ରଧାନ, କେନ୍ଦୁଝରରେ ମମିତା ନାଏକ, କୋରାପୁଟରେ ଭଗବାନ ମୁଦୁଲି, ମାଲକାନଗିରିରେ ଗଙ୍ଗାଧର ସୋଡ଼ି, ମୟୂରଭଞ୍ଜରେ ଡାକ୍ତର ବୁଧାନ ମୁର୍ମୁ, ନବରଙ୍ଗପୁରରେ ବାସନ୍ତୀ ମାଝୀ, ନୟାଗଡ଼ରେ ତ୍ରିନାଥ ମଲ୍ଲିକ, ନୂଆପଡ଼ାରେ ଇଂ. ହୋମସିଂ ମାଝୀ, ରାୟଗଡ଼ାରେ ବିଦ୍ୟାଧର ଶବର, ସମ୍ବଲପୁରରେ ଭଗୀନ୍ଦ୍ର କିଷାନ ଓ ସୁନ୍ଦରଗଡ଼ ଜିଲ୍ଲାରେ ସନ୍ତୋଷ କୁମାର ଅମାତଙ୍କୁ ଏସଡିସିର ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି।

ସେହିପରି ଉପାଧ୍ୟକ୍ଷ ଭାବେ ଅନୁଗୁଳରେ ସୁରୁମଣି ଛତର, ବଲାଙ୍ଗୀରରେ ଜୟନ୍ତୀ ଭୋଇ, ବାଲେଶ୍ୱରରେ ଝରଣା ସିଂ, ବରଗଡ଼ରେ ତିଲୋତ୍ତମା ଭୁଏ, ବୌଦ୍ଧରେ ଝରଣା ଜାନୀ, ଦେବଗଡ଼ରେ ପ୍ରମିଳା କିଷାନ, ଢେଙ୍କାନାଳରେ ସେବତୀ ଭୋଇ, ଗଜପତିରେ ପଙ୍କଜିନୀ ଦଳାଇ, ଗଞ୍ଜାମରେ ଲଳିତା ପ୍ରଧାନ, ଯାଜପୁରରେ ସାନି ଜାରିକା, ଝାରସୁଗୁଡ଼ାରେ ସଂଯୁକ୍ତା ଓରାମ, କଳାହାଣ୍ଡିରେ ରୀନା ଭୋଇ, କନ୍ଧମାଳରେ କଳ୍ପନା କୁମାରୀ କାହ୍ନର, କେନ୍ଦୁଝରରେ ମାନସ କୁମାର ନାୟକ, କୋରାପୁଟରେ ସୁକାନ୍ତି ମାଝୀ, ମାଲକାନଗିରରେ ସାବିତ୍ରୀ ପାଡ଼ିଆମି, ମୟୂରଭଞ୍ଜରେ କୌଶଲ୍ୟା ନାୟକ, ନବରଙ୍ଗପୁରରେ ଲିଙ୍ଗରାଜ ଭତ୍ରା, ନୟାଗଡ଼ରେ ସମିତା ପୃଷ୍ଠା-୬

### ୧୪ ବିଶ୍ୱବିଦ୍ୟାଳୟରେ ନୂଆ କୁଳପତି

## ଉତ୍କଳରେ ଚଣ୍ଡୀପ୍ରସାଦ, ରେଭେନ୍ସାରେ ଅର୍କକୁମାର




- ପ୍ରଫେସର ସତ୍ୟନାରାୟଣ ଓଡିଶା ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର,୬।୪ (ସଂଚାର ବ୍ୟୁରୋ)ଃ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଗତ ୬ ମାସ ଧରି ସ୍ଥାୟୀ କୁଳପତି ନଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଥିଲା। ହେଲେ ଆଜି ସରକାର ୧୪ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତ କରିଛନ୍ତି। ରାଜ୍ୟପାଳ ତଥା କୁଳାଧିପତି ଡଃ ହରିବାବୁ କମ୍ଭମପାଟି ଆଜି ଏକକାଳୀନ ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନାମ ଘୋଷଣା କରିଛନ୍ତି। ଲୋକଭବନ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ ଓ ପୃଷ୍ଠା-୬

# ମଫି ଗାର୍ଲଫ୍ରେଣ୍ଡକୁ ମାରାଥନ୍ ଜେରା

- ବିସ୍ଫୋରଣ କେସରେ ପୂର୍ଣ୍ଣ ତଦନ୍ତଭାର ନେଲା ଏନଆଇଏ
- ଓଡ଼ିଶାକୁ ଅଶାନ୍ତ କରିବାକୁ ହୋଇଥିଲା ବଡ଼ ଷଡଯନ୍ତ୍ର !
- ଆରଡିଏକ୍ସ ବିସ୍ଫୋରଣ ପାଇଁ ହୋଇଥିଲା ମାଷ୍ଟର ପ୍ଲାନ !
- ମାଫିଆ ମଫିକୁ ପାଇଁ ରାଜ୍ୟ ବାହାରୁ ଆସୁଥିଲା ପାଣ୍ଠି

୨୦୨୬ ଜାନୁଆରୀ ୨୭ ତାରିଖରେ ଏୟାରଫିଲ୍‌ଡ ଥାନା ଅନ୍ତର୍ଗତ ସୁନ୍ଦରପଦାସ୍ଥିତ ଆଜାଦ ନଗରରେ ହୋଇଥିଲା ଭୟଙ୍କର ବିସ୍ଫୋରଣ। ମୁଖ୍ୟ ଅଭିଯୁକ୍ତ ଶେହେନୱାଜ ମଲ୍ଲିକ ଓରଫ ମଫି ଓ ତା' ମା'ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏନେଇ ଏନଆଇଏ ୧/୨୦୨୬ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତର ସମ୍ପୂର୍ଣ୍ଣ ଭାର କମିଶନରେଟ ପୁଲିସଠାରୁ ନିଜ ହାତକୁ ନେଇଛି। ଏୟାରଫିଲ୍‌ଡ ଥାନାଠାରୁ ସମସ୍ତ ଡକ୍ୟୁମେଣ୍ଟ ଓ ସାଇଣ୍ଟିଫିକ ରିପୋର୍ଟ ନେବା ପରେ ତଦନ୍ତକୁ ବ୍ୟାପକ କରିଛି ଏନ୍ଆଇଏ। ଏହି ତଦନ୍ତ ପ୍ରକ୍ରିୟା ବେଳେ ଜବତ ହୋଇଥିବା ବିସ୍ଫୋରକ ଆରଡିଏକ୍ସର ବ୍ୟବହାର, ମଫିର ଆନ୍ତଃରାଜ୍ୟ ଲିଙ୍କ, ପୂର୍ବର ଅପରାଧିକ ମାମଲା ଆଦି ସମ୍ପର୍କରେ ପୃଷ୍ଠା-୬




### ବିଜେପିର ପ୍ରତିଷ୍ଠା ଦିବସ ପାଳିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ବିଜେପି ଜନସେବାର ଏକ ଅନୁଷ୍ଠାନ



### ଦଳର ପ୍ରତିଷ୍ଠାତା ଓ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ

### ସମର୍ପିତ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଲେ

ମେଦିନୀପୁର,୬।୪ଃ ବିଜେପି କେବଳ ଏକ ରାଜନୈତିକ ଦଳ ନୁହେଁ, ବରଂ ଜନସେବାର ଏକ ଅନୁଷ୍ଠାନ। ଆମର କୋଟି କୋଟି କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ପରିଶ୍ରମ ଯୋଗୁଁ ଆଜି ବିଜେପି ବିଶ୍ୱର ସର୍ବବୃହତ ସଂଗଠନ ହୋଇପାରିଛି। 'ମେରା ବୁଥ୍ ସବ ସେ ମଜବୁତ୍' କେବଳ ଏକ ସ୍ଲୋଗାନ ନୁହେଁ, ଏହା ଆମ ସଂଗଠନର ମେରୁଦଣ୍ଡ ବୋଲି ଆଜି ପଶ୍ଚିମବଙ୍ଗରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି।

ଶ୍ରୀ ପ୍ରଧାନ ଆଜି ପଶ୍ଚିମବଙ୍ଗର ଏଗ୍ରା, ମେଦିନୀପୁର ଗସ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମନୋବଳ ବଢ଼ାଇବା ସହ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏଗ୍ରାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଦଳୀୟ ପତାକା ଉତ୍ତୋଳନ କରିବା ସହ ଦଳର ପ୍ରତିଷ୍ଠାତା ଓ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମସ୍ତ ସମର୍ପିତ ପୃଷ୍ଠା-୬

# ବିଦାହେଲେ ମଣ୍ଡଳ ଦମ୍ପତି



- ମୁକ୍ତିକାନ୍ତ ଓ ମଞ୍ଜୁଲତା ନିଲମ୍ବିତ
- ଦଳବିରୋଧୀ କାର୍ଯ୍ୟ ପଡ଼ିଲା ମହଙ୍ଗା
- ବିଜେପି ସହ ଭିତିରିଆ ଲିଙ୍କ୍ ଅଭିଯୋଗ

ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ)ଃ ଦଳ ବିରୋଧୀଙ୍କ ପ୍ରତି ଆଉ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କର ନାହିଁ କୋହଳ ମନୋଭାବ। ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ପରେ ୬ ଜଣ ବିଧାୟକଙ୍କୁ ନିଲମ୍ବନ କରିଥିଲେ। ଆଜି ଦଳ ବିରୋଧୀ କାର୍ଯ୍ୟ ପାଇଁ ମଞ୍ଜୁଲତା ମଣ୍ଡଳ ଓ ମୁକ୍ତିକାନ୍ତ ମଣ୍ଡଳଙ୍କୁ ନିଲମ୍ବିତ କରିଛନ୍ତି। ଭଦ୍ରକର ପୂର୍ବତନ ବିଜେଡି ସାଂସଦ ମଞ୍ଜୁଲତା ମଣ୍ଡଳ ଓ ତାଙ୍କ ସ୍ୱାମୀ ତଥା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଉଭୟଙ୍କୁ ବିଦା କରିଛନ୍ତି ନବୀନ। ନିଲମ୍ବନ ପରେ ମୁକ୍ତିକାନ୍ତ ମଣ୍ଡଳ କହିଛନ୍ତି, କାହିଁକି ସସ୍ପେଣ୍ଡ କରାଗଲା ମୁଁ ଜାଣିନି। ମୁଁ କୌଣସି ପ୍ରକାର ଦଳବିରୋଧୀ କାର୍ଯ୍ୟ କରିନାହିଁ। ସରପଞ୍ଚରୁ ମୋର ରାଜନୈତିକ ପୃଷ୍ଠା-୬

# ପଡ଼ିଶାରେ ପରୀକ୍ଷା ଦେଉଛନ୍ତି ଓଡ଼ିଶା ନେତା

- ପଦପଦବୀ ଆଶାରେ ଦିନ ରାତି ଖଟୁଛନ୍ତି
- ନଜର ରଖିଛନ୍ତି ଦଳୀୟ ନେତା




ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ)ଃ ଓଡିଶାର ମାଳ ମାଳ ନେତା ଏବେ ପଡ଼ୋଶୀ ପଶ୍ଚିମବଙ୍ଗରେ ପରୀକ୍ଷା ଦେଉଛନ୍ତି। ଭବିଷ୍ୟତରେ ପଦପଦବୀ ପାଇବା ଆଶାରେ ଏମାନେ ଦିନ ରାତି ଏକ କରିଦେଉଛନ୍ତି। ଦିନକୁ ଦିନ ପଶ୍ଚିମବଙ୍ଗରେ ଓଡ଼ିଶାର ନେତାଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଏମାନଙ୍କ ଉପରେ ଦଳର ବରିଷ୍ଠ ନେତାମାନେ ବି କଡ଼ା ନଜର ରଖିଛନ୍ତି।

ପଶ୍ଚିମବଙ୍ଗରେ ଏବେ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଚାଲିଥିବା ବେଳେ ସେଠାରେ ଥିବା ଓଡ଼ିଆ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଏବେ ଓଡ଼ିଶାର ନେତାମାନେ ଡେରା ପକାଇଛନ୍ତି। ଏମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ରହିଛନ୍ତି ଶାସକ ବିଜେପି ଦଳର। ରାଜ୍ୟର ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତାମାନେ ପଶ୍ଚିମବଙ୍ଗର ବିଭିନ୍ନ ଓଡ଼ିଆ ଭୋଟର ବହୁଳ ଇଲାକାରେ ଡେରା ପକାଇଛନ୍ତି। ବିଜେପି ସପକ୍ଷରେ ଭୋଟର୍‌ମାନଙ୍କୁ ପ୍ରଭାବିତ କରିବାରେ ଲାଗିଛନ୍ତି।

ତେବେ ଏମାନେ କେତେ ସଫଳ ହେବ, ତା' ନିର୍ବାଚନ ଫଳାଫଳ ହିଁ କହିବ। କିନ୍ତୁ ପଶ୍ଚିମବଙ୍ଗ ନିର୍ବାଚନ ସରିବା ପରେ ଓଡ଼ିଶାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ପଦପଦବୀ ବଣ୍ଟା ହେବାର ଆଭାସ ମିଳୁଥିବାରୁ ଏହି ଦୌଡ଼ରେ ଥିବା ଆଶାୟୀମାନେ ଏବେ ପଶ୍ଚିମବଙ୍ଗରେ ଏକପ୍ରକାର ପରୀକ୍ଷା ଦେଉଥିବା ନେଇ ଆଲୋଚନା ହେଉଛି। ଦିନରାତି ଏକ କରିଦେଉଛନ୍ତି। ଓଡ଼ିଆ ଭୋଟରମାନଙ୍କୁ ଘରକୁ ଘର ବୁଲି ଭେଟିବା ସହ ଅନ୍ୟ ଭୋଟରମାନଙ୍କୁ ବି ପ୍ରଭାବିତ କରିବାରେ ଲାଗିଛନ୍ତି।

ପଦପଦବୀ ପାଇବା ପାଇଁ ଦୁଇ ବର୍ଷ ଧରି ଅପେକ୍ଷା କରି ଏକପ୍ରକାର ନିରାଶ ହୋଇପଡ଼ିଥିବା ନେତାମାନେ ଏବେ ଯେମିତି ହେଲେ ପଡ଼ିଶା ରାଜ୍ୟରେ ସଫଳ ପ୍ରଦର୍ଶନ କରି ପୁରସ୍କାର ପାଇବା ପାଇଁ ଲାଗି ପଡ଼ିଛନ୍ତି। କିଛି ନେତା ଦଳୀୟ ସୁପାରିସ୍‌ରେ ପଶ୍ଚିମବଙ୍ଗ ଯାଇଥିବା ବେଳେ ଆଉ କେତେକ ନିଜ ନିଜ ଉଦ୍ୟମରେ ସେଠାକୁ ଯାଇଛନ୍ତି। କିଛି ନେତା ଉପର ସ୍ତରରେ ଚାପ ପକାଇ ପଶ୍ଚିମବଙ୍ଗ ଯାଇଥିବା ନେଇ ଆଲୋଚନା ମଧ୍ୟ ହେଉଛି।

ତେବେ ଦଳୀୟ ଅର୍ଥ ବ୍ୟୟରେ ପଶ୍ଚିମବଙ୍ଗ ଯାଇଥିବା ନେତାମାନେ ସେଠାରେ କେଉଁ କେଉଁ ଅଞ୍ଚଳରେ କିଭଳି କାର୍ଯ୍ୟ କରୁଛନ୍ତି, ତାହାର ଟିକିନିଖି ହିସାବ ରଖାଯାଉଛି। ଏଥିପାଇଁ ଦଳ ପୃଷ୍ଠା-୬


SIKSHA 'O' ANUSANDHAN
SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT,
Please visit: www.soa.ac.in

ରହସ୍ୟ ବଢ଼ଉଛି ଶୁଭଲକ୍ଷ୍ମୀ ମୃତ୍ୟୁ ମାମଲା

# ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ପରିବାର ଲୋକେ

ରାଜନଗର,୬।୪ (ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ବଡ଼କୋଲ୍ଲା ଗାଁରେ ୨ ତାରିଖ ଦିନ ନିଖୋଜ ଥିବା ଶିଶୁକନ୍ୟା ଶୁଭଲକ୍ଷ୍ମୀଙ୍କ ମୃତ୍ୟୁକୁ ନେଇ ରହସ୍ୟ ବଢିବାରେ ଲାଗିଛି | ଶୁଭଲକ୍ଷ୍ମୀ ନିଖୋଜ ହେବା ଓ ପରବର୍ତ୍ତୀ ଘଟଣାକ୍ରମକୁ ଦେଖିଲେ ଏହା ରହସ୍ୟମୟ ହେବାରେ ଲାଗିଛି। ଅନ୍ୟ ପକ୍ଷରେ ପୁଲିସ ଗତକାଲି ଅଟକ ରଖିଥିବା ଦୁଇ ଜଣଙ୍କୁ ଛାଡିଦେବା ପରେ ପରିବାର ଲୋକେ ପୁଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଶୁଭଲକ୍ଷ୍ମୀର ହତ୍ୟାକାରୀକୁ ଦଣ୍ଡ ଦିଆଯିବା ଦରକାର ଆମର ଆଉ କିଛି ଆବଶ୍ୟକ ନାହିଁ ବୋଲି ବୋଲି ଶୁଭଲକ୍ଷ୍ମୀର ଅଜା , ଆଇ ଓ ବାପା କହିଛନ୍ତି |

ଗତକାଲି ଶୁଭଲକ୍ଷ୍ମୀଙ୍କ ଅଜା କାଳନ୍ଦି ନାୟକ ରାଜନଗର ଥାନାରେ ପହଞ୍ଚି ନାତି ମୃତ୍ୟୁର ପ୍ରତିଶୋଧ ପାଇଁ ବେନୁ ଚରଣ ଦାସ , ତାଙ୍କ ପତ୍ନୀ ଅହଲ୍ୟା ଦାସ, ଝିଅ ସତ୍ୟଭାମା ପାତ୍ର ,ପୁଅ ପ୍ରଶାନ୍ତ ଦାସ ଓ ବେନୁଙ୍କ ଶଳାର ପୁଅ ଏଣ୍ଡୁଳାପୁର ଭେଡିସାହିର ଜୟୀରାମ ସ୍ୱାଇଁ ମିଳିମିଶି ଯୋଜନାବଦ୍ଧ ଭାବେ ନତୁଣୀକୁ ହତ୍ୟା କରିଛନ୍ତି ଆଉ ଏକ ଅଭିଯୋଗ ଦେଇଛନ୍ତି। କାଳନ୍ଦିଙ୍କ ସହିତ ତାଙ୍କ ଭାଇ ହଲଧର, ଜଳଧର, ଜ୍ୱାଇଁ ମାନଗୋବିନ୍ଦ ସେନାପତି ହତ୍ୟା ଅଭିଯୋଗ କରିବାକୁ ଯାଇଥିଲେ | ପୋଲିସ ବ୍ୟବଛେଦ ରିପୋର୍ଟ ନଆସିବା ଯାଏଁ ଆମେ କିଛି କରିପାରିବୁ ନାହିଁ, ଏପରିକି ଶୁଭଲକ୍ଷ୍ମୀ ଦେହରେ କାହାରି ହାତ ଚିହ୍ନ ନଥିବା କହିବା ସହ ଯଦି କହିବେ ଅନ୍ୟ ଦିଗରୁ ଚେଷ୍ଟା କରିବା ବୋଲି ଆଇଆଇସି କହିଥିବା ନେଇ ଶୁଭଲକ୍ଷ୍ମୀଙ୍କ ବାପା ଓ ଅଜା ଅଭିଯୋଗ କରିଛନ୍ତି। ଯଦି ବ୍ୟବଛେଦ ରିପୋର୍ଟ ଆସିନଥିବା ନଥିବା ବେଳେ ପୋଲିସ କିପରି ଶୁଭଲକ୍ଷ୍ମୀ ଦେହରେ କାହାରି ହାତ ଚିହ୍ନ ନାହିଁ ବୋଲି ଜାଣିଲା ବୋଲି ପ୍ରଶ୍ନ କରିଛନ୍ତି। ଏପରିକି ସନ୍ଧାନୀ କୁକୁରକୁ ଆମେ କେବଳ ଆମର ସହାୟତା ପାଇଁ ବ୍ୟବହାର କରିଥାଉ, ସନ୍ଧାନୀ କୁକୁର ଆଧାରରେ କାହାକୁ ବାନ୍ଧି ହେବନି ବୋଲି ପୁଲିସ କହିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି | ପରିବାର ଲୋକଙ୍କ ଏହି ଅଭିଯୋଗ ତଦନ୍ତ ପକ୍ରିୟାକୁ ନେଇ ସନ୍ଦେହ ବଢ଼ାଇଛି |

ସବୁଠୁ ବଡ କଥା ହେଲା ସନ୍ଧାନୀ କୁକୁର ବାରମ୍ବାର ବେନୁ ଦାସଙ୍କ ଘରକୁ ପଶିଥିଲା। ବେନୁଙ୍କ ଘର, ରୋଷେଇ ଘରକୁ ଯିବା ପରେ ଘର ଦେଇ ପଛପଟ କେନାଲ୍ ନିକଟକୁ ଯାଇ ଶୋଇରହିଥିଲା। ଯେଉଁ କେନାଲରୁ ଶୁଭଲକ୍ଷ୍ମୀଙ୍କ ମୃତ ଦେହ ମିଳିଲା , ବେନୁଙ୍କ ଘରୁ ସନ୍ଧାନୀ କୁକୁର ସେହି କେନାଲ ନିକଟକୁ ଯାଇ ଶୋଇ ରହିଥିଲା | ସନ୍ଧାନୀ କୁକୁର ଯେଉଁ ପରିବାରକୁ ଧରୁଛି , ବ୍ୟବଛେଦ ରିପୋର୍ଟ ଆସିନଥିବା ବେଳେ ସେମାନଙ୍କୁ ପୋଲିସ ଛାଡି ଦେବା ସନ୍ଦେହ ବଢ଼ାଇଛି | ଅନ୍ୟ ପକ୍ଷରେ ନତୁଣୀକୁ ନ୍ୟାୟ ନମିଳିଲେ ମୁଁ ଆତ୍ମହତ୍ୟା କରିବି ବୋଲି କାନ୍ଦି କାନ୍ଦି ଶୁଭଲକ୍ଷ୍ମୀଙ୍କ ଆଇ ଦମୟନ୍ତୀ ନାୟକ କହିଛନ୍ତି |


(ଫାଇଲ ଫଟୋ)

## ରାସ୍ତା କାମ ଅଧାରୁ ଛାଡି ଠିକାଦାର ଛୁ'
## ସମସ୍ୟା ଭୋଗୁଛନ୍ତି ଜନସାଧାରଣ



ମହାକାଳପଡ଼ା,୬।୪(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୁଳ ଗ୍ରାମପଞ୍ଚାୟତ ଅଧିନସ୍ଥ ଦହିମାଛ ଗ୍ରାମର ପତିତପାବନ ମଠ ଠାରୁ ବଡ଼କୁଳ ସ୍କୁଲ ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଫେବର ବ୍ଲକ କାମ କରାଯାଉଛି। ବିନା ସୂଚନା ଫଳକରେ ନିମ୍ନମାନର କାମ କରାଯାଉଥିବା ନେଇ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ସେବେଠାରୁ ରାସ୍ତା କାମ ଅଧାରୁ ବନ୍ଦ କରି ଠିକାଦାର ଚାଲିଯାଇଛନ୍ତି। ଦୀର୍ଘଦିନ ଧରି କାମ ନହେବାରୁ ସାଧାରଣ ଲୋକଙ୍କ ସମେତ ସ୍କୁଲର ପିଲାମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ଆମେ ବିଭାଗୀୟ ଯନ୍ତ୍ରୀ ଅମରେଶ ସେଠୀଙ୍କୁ ଫୋନ୍ ଯୋଗେ ପଚାରିବାରୁ ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ ରାସ୍ତାକାମ ଆରମ୍ଭ କରାଯିବ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି।

## ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକଙ୍କୁ ସମ୍ବର୍ଦ୍ଧନା



ଡେରାବିଶ,୬।୪ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ବଜାର ସ୍ଥିତ ବିଜେପି ଦଳୀୟ କାର୍ଯ୍ୟାଳୟରେ ଚାନ୍ଦୋଳ ମଣ୍ଡଳ ପକ୍ଷରୁ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ସ୍ମାରକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଚାନ୍ଦୋଳ ମଣ୍ଡଳ ପକ୍ଷରୁ ଓଡ଼ିଶା ରାଜ୍ୟ ବିଜେପି ପକ୍ଷରୁ ମନୋନିତ ଓଡ଼ିଶା ବିଜେପି ଯୁବମୋର୍ଚ୍ଚାର ସଂଯୋଜକ ଶୋଭନ ଆଚାର୍ଯ୍ୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଚାନ୍ଦୋଳ, ଦାନପୁର, ମୁକୁନ୍ଦପୁର, ଖମୋଳ, ରଘୁନାଥସାହି, ବସୁପୁର, ହରିଅଙ୍ଗ, ଯଅଁରାବାରିମୂଳ ଓ ଇନ୍ଦୋଳ ପଞ୍ଚାୟତର ଶକ୍ତିକେନ୍ଦ୍ର ପ୍ରମୁଖ, ବିଭିନ୍ନ ବୁଥର ସଭାପତିଙ୍କ ସମେତ ଜିତେନ୍ଦ୍ର କୁମାର ପଣ୍ଡା, ସନ୍ତୋଷ ତ୍ରିପାଠୀ, ସୁବ୍ରତ କୁମାର ଜେନା, ଅକ୍ଷୟ କୁମାର ସ୍ୱାଇଁ, ରାଜକିଶୋର ମିଶ୍ର, ଦିପ୍ତିକାନ୍ତ ସାହୁ, ଭଞ୍ଜନ କୁମାର ମହାନ୍ତି, ପ୍ରଶାନ୍ତ କୁମାର ଭୂୟାଁ, ପ୍ରକାଶ ଘଡ଼େଇ, ବିଶ୍ୱମୋହନ ଦାସ ପ୍ରମୁଖ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ।

ବେଆଇନ ଗ୍ୟାସ ବିକ୍ରେତାଙ୍କ ଉପରେ ଚଢ଼ାଉ

## ୩୯ ଗ୍ୟାସ ସିଲିଣ୍ଡର ଜବତ



ଡେରାବିଶ,୬।୪(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳ ଚାନ୍ଦୋଳ ବଜାରର ଖରିଦାସାହି ଛକରେ ଆଜି ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ବିକ୍ରି ପାଇଁ ମହଜୁଦ ଥିବା ୩୯ଟି ଗ୍ୟାସ୍ ସିଲିଣ୍ଡରକୁ ଜବତ କରିଛନ୍ତି। ଆଜି କୌଣସି ସୁତ୍ରରୁ ଖବର ପାଇ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରିତମ ଦାସ, ପ୍ରଦୀପ ଦାଶ, ଡେରାବିଶ ଯୋଗାଣ ନିରୀକ୍ଷକ ସ୍ୱରୁପ କୁମାର ଦାସ, ସହାୟକ ଯୋଗାଣ ଅଧିକାରୀ ପୁନମ ଜେନା, ଦେବଶ୍ରୀ ମାର୍ଥା ଓ ଚନ୍ଦନ କୁମାର ମାଣିକ ପ୍ରମୁଖ ଚାନ୍ଦୋଳ ବଜାରରେ ଚଢ଼ାଉ କରି ବଜାରର ଖରିଦାସାହି ଛକରେ ଥିବା ଦୁଇଟି ଦୋକାନର ସଟରର ତାଲା ଭାଙ୍ଗି ୩୩ଟି ଖାଲି ଘରୋଇ ଗ୍ୟାସ୍ ଟାଙ୍କି ସହିତ ୬ଟି ଗ୍ୟାସ୍ ଭର୍ତି ସିଲିଣ୍ଡର ଜବତ କରାଥିଲେ। ଜବତ ସିଲିଣ୍ଡର ଗୁଡ଼ିକୁ ନିକଟସ୍ଥ ଅଧିକୃତ ଗ୍ୟାସ ବିକ୍ରେତାଙ୍କ ଜିମାଦେବା ସହିତ ଦୋକାନ ଦୁଇଟିକୁ ସିଲ୍ କରାଯାଇଥିଲା।

## ବିପନ୍ନ ପରିବାରକୁ ସହାୟତା ଦେଲେ ଜିଲ୍ଲାପାଳ



ପଟ୍ଟାମୁଣ୍ଡାଇ, ୬।୪ (ସଂଚାର ବ୍ୟୁରୋ): ଆଜି ପଟ୍ଟାମୁଣ୍ଡାଇ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନ ଶୁଣାଣୀ ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଂଚାୟତର ରତ୍ନାକର ସେଠୀଙ୍କ ଘର ନିକଟରେ ଅଗ୍ନିକାଣ୍ଡ ଯୋଗୁଁ ପୋଡି ଯାଇଥିବାରୁ ଜିଲ୍ଲାପାଳ ଆର ରଘୁରାମ ଆୟାର ଅଗ୍ନିବିପନ୍ନ ରତ୍ନାକର ସେଠୀଙ୍କୁ ଜିଲ୍ଲା ରେଡ କ୍ରସରୁ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସେହିପରି ନିକଟରେ ବ୍ରାହ୍ମଣୀ ନଦୀରେ ବୁଡି ଯାଉଥିବା ଦୁଇ ବାଳିକାଙ୍କୁ ନିଜ ଜୀବନକୁ ବାଜି ଲଗାଇ ଉଦ୍ଧାର କରିବାକୁ ଯାଇଥିବା ଶ୍ରୀରାମପୁର ଗ୍ରାମର ପୀତବାସ ପରିଡା ପାଣିରେ ବୁଡି ମୃତ୍ୟୁବରଣ କରିଥିଲେ । ତାଙ୍କ ବିଧବା ପତ୍ନୀ ତିଳୋତ୍ତମା ପରିଡାଙ୍କୁ ଜିଲ୍ଲାପାଳ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ



ଯାଜପୁର,୬।୪ (ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ ଆଜି ଜିଲ୍ଲାସ୍ତରୀୟ ଦେବାଳୟ ଓ ଐତିହ ସ୍ଥଳୀ ଗୁଡ଼ିକର ସାମୂହିକ ସ୍ୱଚ୍ଛତା ଅଭିଯାନ, ପୁରାଣ ପ୍ରସିଦ୍ଧ ଦଶାଶ୍ୱମେଧ ଘାଟ ଓ ଜଗନ୍ନାଥ ମନ୍ଦିର ପରିସରରେ ସକାଳ ୬:୩୦ ଘଟିକା ସମୟରେ ଏହି କାର୍ଯ୍ୟକ୍ରମ ଯାଜପୁର ପୌରପାଳିକା ଓ ଜିଲ୍ଲା ପ୍ରଶାସନ, ଯାଜପୁର ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ଜନସାଧାରଣ ମାନଙ୍କୁ ନେଇ ଏହି ଐତିହ୍ୟ ସ୍ଥଳୀ ଗୁଡିକରେ ସାମୂହିକ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ଓଡ଼ିଆ ଜାତୀୟତା ଏବଂ ଓଡ଼ିଆ ପରମ୍ପରା ବଜାୟ ରଖିବାରେ ଏହି ଐତିହ୍ୟ ସ୍ଥଳୀ ଗୁଡ଼ିକର ଭୂମିକା ଅତୁଳନୀୟ ବୋଲି ଏକ ବାର୍ତ୍ତା ସାଧାରଣ ନାଗରିକ ମାନଙ୍କୁ ଦିଆଯାଇଥିଲା। ଏହି କ୍ରମରେ ଜିଲ୍ଲାବ୍ୟାପୀ ବିଭିନ୍ନ ମନ୍ଦିର ଏବଂ ଧାର୍ମିକ ପୀଠ ଗୁଡ଼ିକରେ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧି ମାନଙ୍କୁ ନେଇ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା।

## ମାନସିକ ବିକାରଗସ୍ତ୍ର ଯୁବତୀ ଦୁଷ୍କର୍ମକାରୀକୁ କୋର୍ଟ ଚାଲାଣ



କେନ୍ଦ୍ରାପଡା,୬।୩(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନ ଗାଙ୍ଗପଡା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜନୈକା ମାନସିକ ବିକାରଗସ୍ତ ଯୁବତୀକୁ ସ୍ଥାନୀୟ ଗାଙ୍ଗପଡା ଗ୍ରାମର ଜନୈକ ଯୁବକ ବଳପୂର୍ବକ ଦୁଷ୍କର୍ମ କରିଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପିଡୀତାଙ୍କ ଭାଇ ଲିଖିତ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏକ ମୋକଦମା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି ଥାନାକୁ ଆଣିବା ସହିତ ଏହି ସମବେଦନଶୀଳ ମାମଲାର ଟିକିନିଖି ତଦନ୍ତ କରିଛି। ଏହି ଘଟଣା ପଟ୍ଟାମୁଣ୍ଡାଇ ଥାନା ଅଂଚଳରେ ଚର୍ଚ୍ଚା ର ବିଶେଷ ପାଲଟିଛି।

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ହୋଇଥିବା ଅଭିଯୋଗରୁ ପ୍ରକାଶ ଯେ ଗାଙ୍ଗପଡା ଜେନାସାହି ଗ୍ରାମରେ ଅଷ୍ଟମ ପ୍ରହରୀ ହେବା ପାଇଁ ଟେଷ୍ଟବନ୍ଧା ପ୍ରସ୍ତୁତି ଚାଲିଥିଲା। ଘର ସାମ୍ନାରେ ବସି ଜନୈକା ମାନସିକ ବିକାରଗସ୍ତ ଯୁବତୀ ଟେଷ୍ଟ ବନ୍ଧା କାର୍ଯ୍ୟ ଦେଖୁଥିଲା। ଯୁବତୀଙ୍କ ଅସହାୟତା ଓ ମାନସିକ ବିକଳାଙ୍ଗ ଅବସ୍ଥାର ସୁଯୋଗ ନେଇ ସେହି ଗାଁ ଜନୈକ ଯୁବକ ଅତ୍ୟନ୍ତ ଚତୁରତା ସହିତ ଯୁବତୀ ଜଣଙ୍କୁ ନିକଟସ୍ଥ ଏକ ପରିତ୍ୟକ୍ତ ଘରକୁ ନେଇ ଦୁଷ୍କର୍ମ କରିଥିଲା। ଏନେଇ ଯୁବତୀଙ୍କ ବାପା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଥାନା କେଶ ନଂ୧୪୮/୨୬ରେ ମୋକଦମା ରୁଜୁ କରି ବିଏନଏସ ୬୪(୧)୬୪(୨)(i)୬୪(୨)(କ) ଧାରାରେ ଗିରଫ କରିବା ସହିତ ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ଖବର ପାଇବା ମାତ୍ରେ ତାଙ୍କର ତିନିଟି ଟିମ୍ କରି ରାତିରେ ଅତି ଚତୁରତାର ସହିତ ଅଭିଯୁକ୍ତକୁ ଗିରଫ କରିଥିଲେ। ପିଡୀତାଙ୍କ ଡାକ୍ତରୀ ମାଇନା କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଥିବା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଦୁଷ୍କର୍ମ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି ।

ଅଗ୍ରୀମ ଭତ୍ତା ଟଙ୍କା ପାଖରେ ରଖିବା ଘଟଣା

## ୧.୧୮ ଲକ୍ଷ ଟଙ୍କା ଫେରାଇଲେ ପୂର୍ବତନ ସରପଞ୍ଚ

ମହାକାଳପଡ଼ା,୬।୪(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ରେ ଅଗ୍ରୀମ ଭତ୍ତା ଟଙ୍କାକୁ ନେଇ ତୁମ୍ବୀ ତୋଫାନ ଉଠିଥିଲା। ଭତ୍ତା ପ୍ରଦାନ ବାବଦକୁ ଅଗ୍ରୀମ ନେଇ ପଞ୍ଚାୟତର କିଛି ପିଇଓ,ଏଡିଇଓ ଓ ପୂର୍ବତନ ସରପଞ୍ଚମାନେ ଲକ୍ଷାଧିକ ଟଙ୍କା ନଫେରାଇ ବାପା ଅଜା ସମ୍ପତ୍ତି ଭାବି ନିଜ ପାଖରେ ରଖିଥିଲେ। ଏନେଇ ସୂଚନା ଅଧିକାର ଆଇନରେ ତଥ୍ୟ ସାମ୍ନାକୁ ଆସିବା ପରେ ପୁରା ବିଭାଗୀୟ ଅବହେଳାର ଚିତ୍ର ସାମ୍ନାକୁ ଆସିଥିଲା।

ଏହି ଘଟଣା 'ସଂଚାର'ରେ ନିରନ୍ତର ଖବର ପ୍ରକାଶ ପରେ ହଟଚମଟ ଆରମ୍ଭ ହୋଇଥିଲା। ବରକନ୍ଧା ପଞ୍ଚାୟତର

**ଅନ୍ୟମାନେ କେବେ ଫେରାଇବେ ?**

ପୂର୍ବତନ ସରପଞ୍ଚ ବାଦଲ ସେନାପତିଙ୍କ ପାଖରେ ୧,୧୮,୯୦୦ ଟଙ୍କା ରହିଥିବା ସୂଚନା ମିଳିଥିଲା। ଏନେଇ ବିଭୂତି ରାଉତ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ବିଭୂତିଙ୍କ ଅଭିଯୋଗ ଆଧାରରେ ବାଦଲ ସେନାପତି ତାଙ୍କ ପାଖରେ ରଖିଥିବା ଏକ ଲକ୍ଷ ଅଠର ହଜାର ନଅ ଶହ ଟଙ୍କା ପଞ୍ଚାୟତର ଭତ୍ତା ଆକାଉଣ୍ଟରେ ଦାଖଲ କରିଥିବା ପଞ୍ଚାୟତ ସମିତି ମହାକାଳପଡ଼ା ତରଫରୁ ଚିଠିରେ ଉଲ୍ଲେଖ କରାଯାଇଛି।

ଯଦି ବାଦଲ ସେନାପତି ଅଗ୍ରୀମ ଭତ୍ତା ଟଙ୍କା ଫେରାଇଲେ ତେବେ ଅନ୍ୟମାନେ କେବେ ଟଙ୍କା ଫେରାଇବେ ତାହା ଦେଖିବାକୁ ବାକି ରହିଲା।

## ଚାନ୍ଦୋଳରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ



ଡେରାବିଶ, ୬।୪ (ସଂଚାର ବ୍ୟୁରୋ): ଡେରାବିଶ ଶିକ୍ଷାସର୍କଲ ଅଧୀନ ଚାନ୍ଦୋଳ ପଞ୍ଚାୟତ ବାଙ୍କିମୁଣ୍ଡେଇ ଆଞ୍ଚଳିକ ସାଧନକେନ୍ଦ୍ର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ମାନଙ୍କରେ ଚାନ୍ଦୋଳ ଗ୍ରାମପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର କୁମାର ମଳିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର ଓ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ମଲ୍ଲ ଅତିଥିଭାବେ ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ପରେ ନୂତନ ଛାତ୍ରଛାତ୍ରୀଙ୍କୁ ଖଡ଼ିଛୁଆଇଁ ବିଦ୍ୟାରମ୍ଭର ଶୁଭ ମନାସି ଥିଲେ। ଏହି ସାଧନକେନ୍ଦ୍ର ଅନ୍ତର୍ଗତ ନୂଆପଡ଼ା ପ୍ରକଳ୍ପ ଉନ୍ନତି ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଓରଗଳା ପ୍ରାଥମିକ ବିଦ୍ୟାଳୟ, ବାଙ୍କିମୁଣ୍ଡେଇ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗଣେଶପୁର ପ୍ରାଥମିକ ବିଦ୍ୟାଳୟ, ଭଣଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଖରିଦାସାହି ପ୍ରାଥମିକ ବିଦ୍ୟାଳୟ ଓ ଚାନ୍ଦୋଳ ଉଚ୍ଚପ୍ରଥମିକ ବିଦ୍ୟାଳୟରେ ଏହି ଉତ୍ସବ ପାଳନ କରାଯାଇଛି।

## ବିଜେପି କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ



ନିଶ୍ଚିନ୍ତକୋଇଲି, ୬।୪ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତାପାର୍ଟି ପକ୍ଷରୁ ନିଶ୍ଚିନ୍ତକୋଇଲି ତହସିଲଛକ ପାଖ ଭାଜପା ଦଳୀୟ କାର୍ଯ୍ୟାଳୟ ପରିସରରେ ବିଜେପିର ୪୭ତମ ସ୍ଥାପନା ଦିବସ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ଭାଜପା ନେତା ତଥା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼େଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ଥାପନା ଦିବସରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ବିଜେପି କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ଘଡ଼େଇ ବରାଦୋ ପଞ୍ଚାୟତରେ ଥିବା ଶ୍ରୀ ଶ୍ରୀ ଶଙ୍କରେଶ୍ୱର ଶୈବ ପୀଠକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ମନ୍ଦିର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଇନ୍ଦୁମତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ



ରାଜନଗର, ୬।୪ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ୍ ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତର ନୋଧାବସନ୍ତସ୍ଥ ଇନ୍ଦୁମତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅନାଦୀ ଚରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଷ୍ଟଶମ୍ଭୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ବିଜୟ କୁମାର ଜେନା, ସମ୍ମାନିତ ଅତିଥି ଭାବେ କୈଳାସ ଚନ୍ଦ୍ର ରାଉତ, ସଭାପତି ଗଙ୍ଗାଧର ଷଣ୍ଢ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଟ୍ରଷ୍ଟି ଅକ୍ଷୟ କୁମାର ମିଶ୍ର, ପ୍ରଧାନପଣ୍ଡିତ କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ, ଶିକ୍ଷାବିତ ଗଣେଶ୍ୱର ନାୟକ, ମହେଶ୍ୱର ରାଉତ, ସମ୍ପାଦିକା ମୋନାଲିସା ଜେନା, କୈଳାସ ଚନ୍ଦ୍ର ରାଉତ, ବ୍ରହ୍ମାନନ୍ଦ ରାଉତ, ଦୁର୍ଯ୍ୟୋଧନ ଦାସ, ଦେବେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗଦେଇ ଆଜିର ଶିଶୁ ଆମ ଭବିଷ୍ୟତ ପିଢ଼ିର ସ୍ୱର୍ଣ୍ଣିମ ସ୍ୱାକ୍ଷର। ସେମାନଙ୍କ ବୌଦ୍ଧିକ ବିକାଶ କ୍ଷେତ୍ରରେ ଶିଶୁ ବିଦ୍ୟାମନ୍ଦିରର ଗୁରୁ ପରମ୍ପରା ସହାୟକ ହେବା ପ୍ରତ୍ୟେକ ମାଆ ଏକ୍ଷେତ୍ରରେବଳିଷ୍ଠ ଭୂମିକା ଗ୍ରହଣ କଲେ ଆଗାମୀକାଲି ପାଇଁ ଆଜିର ଶିଶୁଟିଏ ଉତ୍ତମ ନାଗରିକ ହୋଇପାରିବ ବୋଲି କହିଥିଲେ।

ଏହି ଅବସରୀରେ କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାରେ ଅଂଶଗ୍ରହ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ମୁଖ୍ୟ ଗୋବିନ୍ଦ ଚନ୍ଦ୍ର ଜେନା, ପ୍ରଫୁଲ୍ଲ ପ୍ରଧାନ, ରବୀନ୍ଦ୍ର ବିଶ୍ୱାଳ,ପ୍ରଦୀପ କୁମାର ପାଲ, ପ୍ରସନ୍ନ କୁମାର ଦାସ ଓ ଗୁରୁଜୀ, ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ଇନ୍ଦୁମତି ଜେନାଙ୍କ ବିୟୋଗରେ ଦୁଇ ମିନିଟ ନିରବ କରାଯାଇଥିଲା ।

# ନିଲାମ ଘାଟରୁ ବେନିୟମ ଭାବେ ବାଲି ଉତ୍ତୋଳନ

● ଜେସିବି ଦ୍ୱାରା ଅଧିକ ଗଭୀର କରି ଚାଲିଛି ବାଲି ଉତ୍ତୋଳନ ● ବନ୍ଧ ଭୁଷୁଡ଼ିବା ଆଶଙ୍କା



ଡେରାବିଶ,୬।୪ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀରେ ଥିବା ୪ଟି ବାଲି ସୈରାତରୁ ମାତ୍ର ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳ ବାଲିଘାଟଟି ନିଲାମ ହୋଇଛି। ଏହି ଘାଟରୁ ଦୈନିକ ଶହଶହ ହାଇୱା ଭଳି ଭାରୀଯାନ ଓ ଟ୍ରାକ୍ଟରରେ ବାଲି ଚାଲାଣ ହେଉଛି। ସରକାରଙ୍କ ନିୟମ ଅନୁଯାୟୀ ନିଲାମ ହୋଇଥିବା ଘାଟରୁ ଶ୍ରମିକ ମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଗଭୀରର ବାଲି ଉତ୍ତୋଳନ କରାଯାଇ ଯାନମାଧ୍ୟମରେ ଚାଲାଣ କରାଯିବ ଓ ନିଲାମ ହୋଇଥିବା ଘାଟର ଏକ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରୁ କେତେ ପରିମାଣର ବାଲି ଉତ୍ତୋଳନ କରାଯାଇ ପାରିବାର ନିୟମ ମଧ୍ୟ ରହିଛି। ହେଲେ ଏହି ଅର୍ତାମୂଳ ଘାଟରୁ ବାଲି ଉତ୍ତୋଳନ ପାଇଁ ଶ୍ରମିକ ପରିବର୍ତ୍ତେ ଜେସିବି ମେସିନ୍ ବ୍ୟବହାର କରାଯାଉଛି। ଏବେ ଏହି ଘାଟରେ ଦୈନିକ ତିନିରୁ ୪ଟି ଜେସିବି ଅହରହ ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି। ଖଣିବିଭାଗ ପକ୍ଷରୁ ଘାଟର ନିର୍ଦ୍ଧାରିତ ସିମା ଟପି ଜେସିବି ବାଲି ଉତ୍ତୋଳନ କରଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଶ୍ରମିକମାନେ ଯେତିକି ଗଭୀର ଖୋଳିପାରିଥାନ୍ତେ ତାର ଦଶଗୁଣା ଗଭୀର କରି ନଦୀ ଗର୍ଭରୁ ଜେସିବି ମେସିନ୍ ବାଲି ଉତ୍ତୋଳନ କରୁଛି। ଏହା ଦ୍ୱାରା ନଦୀବନ୍ଧ ଦୁର୍ବଳ ହେବା ସହ ଭୁସୁଡ଼ିବାର ଆଶଙ୍କା ରହିଛି। ଯାହାକି ତିନିବର୍ଷ ପୂର୍ବେ ଲୁଣାନଦୀର ନରହରିପୁର ଠାରେ ଏହିଭଳି ଭାବରେ ବାଲି ଉତ୍ତୋଳନ ହେବା ଯୋଗୁଁ ପକ୍ଷୋଟ ଗ୍ରାମ ନିକଟରେ ଲୁଣାନଦୀର ଦକ୍ଷିଣ ପାର୍ଶ୍ୱ ୩୦୦ ମିଟର ଲମ୍ବର ବନ୍ଧ ପାଖାପାଖି ୩୦ଫୁଟ ଗଭୀରକୁ ନଦୀ ଗର୍ଭ ମଧ୍ୟକୁ ଭୁସୁଡ଼ିଯାଇଥିଲା। ବର୍ତ୍ତମାନ ଅର୍ତାମୂଳ ଘାଟରେ ଲୁଣାନଦୀରୁ ଯେଉଁ ପରିମାଣରେ ଓ ଯେତେ ଗଭୀରରୁ ବାଲି ଉତ୍ତୋଳନ କରାଯାଉଛି ସେଠାରେ ନଦୀର ବାମପାର୍ଶ୍ୱରେ ଥିବା ଅର୍ତାମୂଳ ଓ ଖାନନଗର ଗ୍ରାମ ନିକଟରେ ରହିଥିବା ନଦୀପଠା ଭୁସୁଡ଼ିବାର ଆଶଙ୍କା ରହିଛି। ଏହାଯଦି ଭୁଷୁଡ଼େ ତେବେ ଲୁଣାନଦୀର ବାମପାର୍ଶ୍ୱ ବନ୍ଧ ଦୁର୍ବଳ ହେବା ସହିତ ବନ୍ୟା ସମୟରେ ଡେରାବିଶ ବ୍ଲକର ଯଅଁରାବାରିମୂଳ, ହରିଅଙ୍ଗ, ଇନ୍ଦାଳୋ ସମେତ ଗରଦପୁର ଓ ମାର୍ଶାଘାଇ ବ୍ଲକର ବହୁ ପଞ୍ଚାୟତ ପ୍ରତି ବନ୍ୟା ଭୟ ଦେଖାଯିବା ନିଶ୍ଚିତ ହୋଇପଡ଼ିଛି।

ଏହି ବାଲି ସୈରାତରୁ ବାଲି ବୋଝେଇ ହୋଇ ଆସୁଥିବା ଭାରୀଯାନ ଗୁଡ଼ିକରୁ ବାଲି ଝଡ଼ି ଘାଟ ଠାରୁ ଦାନପୁର ଓ ଦାନପୁରରୁ ଚାନ୍ଦୋଳ ଯାଏ ରାସ୍ତାର ଉଭୟ ପାର୍ଶ୍ୱରେ ୧ଫୁଟ ବହଳର ବାଲି ଜମା ହୋଇ ରହିଛି। ଏହାକୁ ସଫା କରିବା ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ବି ଏଥିପ୍ରତି ଜିଲ୍ଲାର ସାଧାରଣ ପ୍ରଶାସନିକ ଅଧିକାରୀ, ପୂର୍ତ୍ତବିଭାଗ ଓ ଖଣିବିଭାଗ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ସାଧାରଣ ଜନତାଙ୍କ ମୌଳିକ ଅଧିକାରକୁ ବଞ୍ଚିତ କରାଇ ବାଲି ମାଫିଆଙ୍କୁ ସୁଯୋଗ ଦେବା ପଛର ରହସ୍ୟ ବୁଝାପଡୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଓଡ଼ିଆ ପକ୍ଷ ପାଳନ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ



ପଟ୍ଟାମୁଣ୍ଡାଇ,୬।୪ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ପାଇଁ ଓଡ଼ିଆ ପକ୍ଷ ପାଳନ ସହ ପରିବେଶ ସୁରକ୍ଷା ସ୍ୱଚ୍ଛତା ଅଭିଯାନକୁ ଜୋରଦାର କରିବା ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ପଟ୍ଟାମୁଣ୍ଡାଇ ସହରରେ ଓଡ଼ିଆ ପକ୍ଷ ପାଳନ ସହ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର ରଘୁ ରାମ ଆୟାର ଓଡ଼ିଆ ପକ୍ଷ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପରିସର ସଫେଇ କରିବା ସହିତ ସ୍ୱଚ୍ଛ, ନିର୍ମଳ ଓ ସୁନ୍ଦର ପରିବେଶ ସହ ସୁସ୍ଥ ସମାଜ ଗଠନ ପାଇଁ ପ୍ଲାଷ୍ଟିକ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ତହସିଲଦାର ପଞ୍ଚାନନ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଶୀତଲ ଅଗ୍ରୱାଲ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ବ୍ଲକ ସହ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଳିକ କାଉନସିଲର ବିଦ୍ୟାଧର ସେଠୀ ବଣିକ ସଂଘ ଉପସଭାପତି ମୋହନ ଦାସ (ନମି ), ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଦୋଷିଆ ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନ,କାଉନସିଲର ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢ଼ୀ ଗୋପୀବଲ୍ଲଭ ନାୟକ, ଯୁବନେତା ସଂଗ୍ରାମ ସ୍ୱାଇଁ, ରବୀନ୍ଦ୍ର ବିଶ୍ୱାଳ, ସମୀର ପାତ୍ର ପୌର ପରିଷଦ ପରିମଳ ନିରୀକ୍ଷକ ପ୍ରଫୁଲ୍ଲ ଦାଶ, ସିଇଓ ତପସ୍ୱିନୀ ଦାଶ, ହୃଷିକେଶ ନାଥ, ଗଙ୍ଗାଧର ନାୟକ ଓ ଗଣେଶ ଦାଶଙ୍କ ସମେତ ସ୍ୱଚ୍ଛସାଥୀ ଓ ସଫେଇ କର୍ମଚାରୀମାନେ ସାମିଲ ହୋଇ ଶ୍ରୀରାମ ମନ୍ଦିର ପରିସର ସଫେଇ କରିଥିଲେ । ସନ୍ଧ୍ୟାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜନସଚେତନତା ପାଇଁ ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ସମୂହ ଦୀପ ଦାନ କରାଯାଇଥିଲା ।

# ବଂଶଧାରା ନଦୀ ଜଳବଣ୍ଟନ ନିଷ୍ପତ୍ତି ଓଡ଼ିଶା ବିରୋଧୀ



**ଭୁବନେଶ୍ୱର,୪।୬(ସଂଚାର ବ୍ୟୁରୋ):** ବଂଶଧାରା ନଦୀ ଜଳ ବଣ୍ଟନରେ ଓଡ଼ିଶା ଓ ଆନ୍ଧ୍ରର ୫୦:୫୦ ପରିମାଣର ବଣ୍ଟନ ଓଡ଼ିଶା ପାଇଁ ଦୁର୍ଭାଗ୍ୟଜନକ ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ଓଡ଼ିଶା ସ୍ୱାର୍ଥର ପରିପନ୍ଥୀ। ଡବଲ ଇଞ୍ଜିନ ସରକାରର ଓଡ଼ିଶାବିରୋଧୀ ମନୋଭାବ ଏଥିରେ ସ୍ପଷ୍ଟ ପ୍ରକଟିତ ହେଉଛି। ଏଭଳି ଓଡ଼ିଶା ସ୍ୱାର୍ଥବିରୋଧୀ ନିଷ୍ପତ୍ତିକୁ ଓଡ଼ିଶାରୁ ସଂସଦକୁ ନିର୍ବାଚିତ ହୋଇଥିବା ୨୦ ଜଣ ବିଜେପି ସାଂସଦ ବିରୋଧ କରିନାହାନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ଓ ବିଜେପି ପକ୍ଷରୁ ଏନେଇ କୌଣସି ପ୍ରକାର ପ୍ରତିକ୍ରିୟା ବି ଦିଆଯାଇନାହିଁ। ସୁତରାଂ ବିଜେପିର ସ୍ୱାର୍ଥ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ତୁଷ୍ଟିକରଣ କରିବା ପାଇଁ ଓଡ଼ିଶା ସ୍ୱାର୍ଥକୁ ବଳି ଦିଆଯାଇଛି। ଏହାକୁ ଓଡ଼ିଶାର ନାଗରିକ କଦାପି କ୍ଷମା ଦେବେ ନାହିଁ ବୋଲି ଶ୍ରୀ ବାହିନୀପତି କହିଛନ୍ତି।

୨୦୧୦ରେ ବସୁନ୍ଧରା ଜଳ ବିବାଦ ଟ୍ରିବ୍ୟୁନାଲ ପ୍ରତିଷ୍ଠା ହୋଇଥିବା ବେଳେ ଗତ ୩୦ ତାରିଖରେ ଆନ୍ଧ୍ର ପ୍ରଦେଶ ସରକାରଙ୍କୁ ନେରେଡି ବ୍ୟାରେଜ୍ ନିର୍ମାଣ ପାଇଁ ଅନୁମତି ମିଳିଛି। କିନ୍ତୁ ନେରେଡି ବ୍ୟାରେଜ୍ ଓ କାଟ୍ରାଗଡ ସାଇଡ୍ ଓ୍ୱାର୍ ନିର୍ମାଣ ହେଲେ ଓଡ଼ିଶାରେ ନଦୀ ଶଯ୍ୟାର ଜଳ ଓ ଭୂତଳ ଜଳକୁ ଏହା ପ୍ରଭାବିତ କରିବ ଏବଂ ପଛୁଆ ଅଞ୍ଚଳରେ ଜଳାଭାବ ଦେଖାଦେବା ସହ ଚାଷ ମଧ୍ୟ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହେବ ବୋଲି ଶ୍ରୀ ବାହିନୀପତି ଚେତାଇ ଦେଇଛନ୍ତି।

ସେ ଆହୁରି କହିଛନ୍ତି ଯେ ବଂଶଧରା ନଦୀ କଳାହାଣ୍ଡି, ରାୟଗଡ଼ା ଓ ଗଜପତି ଜିଲ୍ଲାର ଚାଷୀଙ୍କ ପାଇଁ ଲାଇଫ୍‌ଲାଇନ୍ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ଆନ୍ଧ୍ରର ଦାଦାଗିରି ଯୋଗୁଁ ବର୍ଷାଋତୁ ବାଦ୍ ଅନ୍ୟ ସମୟରେ ବଂଶଧାରା ଶୁଖିଲା ପଡ଼ିଛି। ସବୁ ପାଣି ଆନ୍ଧ୍ରକୁ ବହିଯାଉଥିବାରୁ ୩ଟି ପ୍ରକଳ୍ପ ମାଧ୍ୟମରେ ଆନ୍ଧ୍ର ଏହାର ଫାଇଦା ନେବ। ସୁତରାଂ ଓଡ଼ିଶା ସରକାର ଓ ବିଜେପି ଦଳ ବଂଶଧାରା ଜଳ ବଣ୍ଟନର ନିଷ୍ପତ୍ତିକୁ ସମର୍ଥନ ଦେଉଛି। ମାତ୍ର କଂଗ୍ରେସ ଏହାକୁ ସମ୍ପୂର୍ଣ୍ଣ ବିରୋଧ କରିବା ସହ ଏହାକୁ ଚାଷୀମାରଣ ନିଷ୍ପତ୍ତି ବୋଲି ଘୋଷଣା କରୁଛି। ଏହି ପ୍ରସଙ୍ଗରେ ରାଜ୍ୟର ବିଜେପି ନେତୃତ୍ୱ ମୁହଁରେ ତୁଣ୍ଡି ବାନ୍ଧି ବସିବା ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ବାହିନୀପତି ସମାଲୋଚନା କରି କହିଛନ୍ତି। ସାମ୍ବାଦିକ ସମ୍ମିଳନୀ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଓ ଅମ୍ରିତା ଦାସ ବି ଉପସ୍ଥିତ ଥିଲେ।

# ପରିବା ବର୍ଜ୍ୟରୁ ଉତ୍ପାଦନ ହେବ ଉର୍ଜା




- ବିଏମସି ସହ ଚୁକ୍ତି କଲା ନେକ୍ସବ୍ୟାଣ୍ଡ ରିନ୍ୟୁୟେବଲ୍ସ
- ସହରରୁ କମିବ ବର୍ଜ୍ୟ ଭାର

**ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):** ବର୍ଜ୍ୟରୁ ଉର୍ଜା ଓ ବର୍ଜ୍ୟର ପୁନଃଚକ୍ରଣ କ୍ଷେତ୍ରରେ ଆଉ ଏକ ପାଦ ଆଗକୁ ଗଲା ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ଓଦା ବର୍ଜ୍ୟରୁ ଉତ୍ପାଦନ ହେବ ସିଏନଜି। ଆଜି ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରୁ ବାହାରୁଥିବା ଓଦା, ଶୁଖିଲା, ଇଲେକ୍ଟ୍ରୋନିକ୍ସ ଓ ବିପଦପୂର୍ଣ୍ଣ ବର୍ଜ୍ୟର ପ୍ରକ୍ରିୟାକରଣକୁ ଉନ୍ନତ ମାନର ବୈଜ୍ଞାନିକ ପଦ୍ଧତିରେ କରାଇବା ପାଇଁ ପଦକ୍ଷେପ ଜାରି ରହିଛି। ଓଦା ବର୍ଜ୍ୟରୁ ସିଏନଜି ପ୍ରସ୍ତୁତ କରିବାକୁ ଯାଉଥିବା ନେକ୍ସବ୍ୟାଣ୍ଡ ରିନ୍ୟୁୟେବଲ୍ସ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି ବିଏମସି। ଏହି ଅବସରରେ ବିଏମସି ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ବିଏମସି କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ଓ ନେକ୍ସବ୍ୟାଣ୍ଡ ରିନ୍ୟୁୟେବଲ୍ସର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ଓଡ଼ିଶାର ପ୍ରଥମ ସ୍ୱାୟତ୍ତ ସଂସ୍ଥା ଭାବେ ନେକ୍ସବ୍ୟାଣ୍ଡ ସହ ଚୁକ୍ତି ସ୍ୱାକ୍ଷର କରିଛି ବିଏମସି।

ସୂଚନାଯୋଗ୍ୟ କି ବିଏମସି ଅଞ୍ଚଳରେ ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର (ଏମସିସି) ଏବଂ ମ୍ୟାରିଆଲ ରିକଭରି ଫ୍ୟାସିଲିଟି (ଏମଆରଏଫ୍) କରାଯାଇ ପୃଥକୀକୃତ ବର୍ଜ୍ୟଗୁଡ଼ିକର ପ୍ରକ୍ରିୟାକରଣ କରାଯାଉଛି। ତେବେ ଏହି ବର୍ଜ୍ୟକୁ ଅଧିକ ଉନ୍ନତ ଓ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ କରି କିପରି ସେଥିରୁ ଶକ୍ତି ଉତ୍ପାଦନ କରାଯାଇପାରିବ, ସେଥିପାଇଁ ମଧ୍ୟ ବିଏମସି ପଦକ୍ଷେପ ନେଇଛି। ଭୁବନେଶ୍ୱର ନିକଟରେ ନେକ୍ସବ୍ୟାଣ୍ଡ ରିନ୍ୟୁୟେବଲ୍ସ ତରଫରୁ କରାଯାଉଥିବା କମ୍ପ୍ରେସ୍ଡ ବାୟୋଗ୍ୟାସ୍ ପ୍ଲାଣ୍ଟ ପାଇଁ ପରିବା ବର୍ଜ୍ୟ ଏବଂ ନାପିୟର ଘାସର ଆବଶ୍ୟକତା ରହିଛି। ସମ୍ପୃକ୍ତ ସଂସ୍ଥା ପରିବା ବର୍ଜ୍ୟ ନେବା ପାଇଁ ଆଜି ବିଏମସି ସହ ଚୁକ୍ତି ସ୍ୱାକ୍ଷରିତ କରିଛି। ଦିନକୁ ହାରାହାରି ୫୦ ମେଟ୍ରିକ ଟନ୍ ପରିବା ବର୍ଜ୍ୟ ବିଏମସି ଅଞ୍ଚଳରୁ ଦେବା ସକାଶେ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ଋତୁ ଅନୁସାରେ ପରିମାଣରେ ପରିବର୍ତ୍ତନ ହୋଇପାରେ। ତେବେ ସମଗ୍ର ସହରରୁ ସଂଗୃହୀତ ପରିବା ବର୍ଜ୍ୟକୁ ଚିହ୍ନିତ ସ୍ଥାନଗୁଡ଼ିକରେ ରଖାଯିବ ଏବଂ ଉକ୍ତ ସଂସ୍ଥା ସେହିସବୁ ସ୍ଥାନରୁ ନିଜସ୍ୱ ଖର୍ଚ୍ଚରେ କମ୍ପ୍ରେସ୍ଡ ବାୟୋ ଗ୍ୟାସ୍ ପ୍ଲାଣ୍ଟକୁ ନେବ ଏବଂ ସେଥିରୁ ଶକ୍ତି ଉତ୍ପାଦନ କରିବ।

ଏହି ଚୁକ୍ତି ଏକ ଅଣବ୍ୟାବସାୟିକ ଏବଂ ପ୍ରାଥମିକ ଭାବେ ଏକ ବର୍ଷ ପାଇଁ କରାଯାଇଛି। ଏହି ପଦକ୍ଷେପ ବୈଜ୍ଞାନିକ ପ୍ରକ୍ରିୟାକରଣ ପାଇଁ ଜୈବିକ ପନିପରିବା ବର୍ଜ୍ୟକୁ ସ୍ଥାନାନ୍ତର କରି ଅସ୍ଥାୟୀ ପରିବହନ ଷ୍ଟେସନ (ଟିଟିଏସ) ଉପରେ ବୋଝକୁ ଯଥେଷ୍ଟ ହ୍ରାସ କରିବ। ବଜାରରୁ ପରିବା ବର୍ଜ୍ୟ ସଂଗ୍ରହ ଅଧିକ ନିୟମିତ ହେବା ସହ ବଜାର ଅଞ୍ଚଳର ପରିଚ୍ଛନ୍ନତା ସାଙ୍ଗକୁ ପରିବା ବର୍ଜ୍ୟର ସଦୁପଯୋଗ ହୋଇପାରିବ। ଏହି ପଦକ୍ଷେପ ବିଏମ୍‌ସି ଦ୍ୱାରା ପରିବହନ ଭାର ଓ ସମ୍ବନ୍ଧିତ ପରିଚାଳନାଗତ ସମସ୍ୟା ଓ ଖର୍ଚ୍ଚକୁ ମଧ୍ୟ ହ୍ରାସ କରିବ। ଅଳିଆକୁ ସ୍ୱଚ୍ଛ ଶକ୍ତି ଓ ଜୈବ ସାରରେ ରୂପାନ୍ତରିତ କରାଯିବ। ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ, ସହର ପରିବେଶକୁ ସଫା ରଖିବା ଓ ସ୍ଥାୟୀ ସମ୍ବଳ ବ୍ୟବହାରରେ ମଧ୍ୟ ସହାୟକ ହେବ। ସ୍ଥାୟୀ ସହରାଞ୍ଚଳ ବିକାଶକୁ ଏହା ସୁଦୃଢ଼ କରିବାରେ ସହାୟକ ହେବ ବୋଲି କୁହାଯାଇଛି। ଏହି ବୁଝାମଣାପତ୍ରରେ ବିଏମସି ପକ୍ଷରୁ କମିଶନର ଚଞ୍ଚଳ ରାଣା ଓ ନେକ୍ସବ୍ୟାଣ୍ଡ ରିନ୍ୟୁୟେବଲ୍ସ ପକ୍ଷରୁ ପରିଚାଳନା ନିର୍ଦ୍ଦେଶିକା ଲୋରୀ ଦାସ ସ୍ୱାକ୍ଷର କରିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ଆଠଗଡ଼,୬।୪(ସଂଚାର ବ୍ୟୁରୋ):** ଆଠଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ସର୍ବମୋଟ ୯୪ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୮୬ଟି ଓ ସାମୂହିକ ଅଭିଯୋଗ ୮ଟି ଥିଲା। ଭତ୍ତା ନିମନ୍ତେ ୮ଟି ଅଭିଯୋଗ ମଧ୍ୟ ଗ୍ରହଣ କରାଯାଇଛି। ଏହି ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ବିନୀତ ଭରଦ୍ୱାଜ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, କଟକ ପ୍ରଶାନ୍ତ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ ଦାସ, ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି, ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଜମିଜମା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

### ସ୍ମାର୍ଟ ଫୋନ ସହ ବାଇକ୍ ଜବତ

**କାକଟପୁର/ଅସ୍ତରଙ୍ଗ,୬।୪(ସଂଚାର ବ୍ୟୁରୋ):** ନିମାପଡ଼ା ଅବକାରୀ ଥାନା ପୁଲିସକୁ ସଫଳତା ମିଳିଛି। ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗର୍ ଜବତ ହୋଇଛି। ଅବକାରୀ ପୁଲିସ ଏହି ଘଟଣାରେ ଜଣକୁ ଗିରଫ ମଧ୍ୟ କରିଛି। ଗିରଫ ଯୁବକ ଜଣଙ୍କ କାକଟପୁର ବ୍ଲକ ରସୁଲପୁର ଅଞ୍ଚଳର ଏସକେ ସାହିଲ (୨୮) ବୋଲି ଜଣାପଡ଼ିଛି। ତା'ଠାରୁ ୨୦୫ ଗ୍ରାମ ଓଜନର ବ୍ରାଉନ୍‌ସୁଗାର୍ ସହ ଗୋଟିଏ ସ୍ମାର୍ଟଫୋନ୍, ବାଇକ୍ ଓ ନଗଦ ୮ ଶହ ଟଙ୍କା ଜବତ କରାଯାଇଛି। ଖବର ପାଇ ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ନିମାପଡ଼ା ଅବକାରୀ ଥାନାଧିକାରୀ ପ୍ରଭାକର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଆଜି କାକଟପୁର ମେଡିକାଲ ଛକ ଓ ୟୁକୋ ବ୍ୟାଙ୍କ ନିକଟ ଏକ ସ୍ଥାନରେ ଚଢ଼ାଉ କରି ସାହିଲକୁ ଗିରଫ କରିଛି। ଏସକେ ସାହିଲଙ୍କ ନିକଟରୁ ୨୦୫ ଗ୍ରାମ ଧଳା ଜହର ଜବତ କରିଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ହେବ। ଅଭିଯୁକ୍ତଠାରୁ ଏକ ଟିଭିଏସ ଆପାଚେ ଗାଡି ସହ ୮ ଶହ ଟଙ୍କା ଜବତ ହୋଇଛି। ଏନେଇ ଅବକାରୀ ଥାନାରେ ୨/୨୬-୨୭ ନମ୍ବରରେ ଏନଡିପିଏସ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାକୁ ନିମାପଡା ଉପକାରାଗାରକୁ ପଠାଇ ଦିଆଯାଇଛି ବୋଲି ନିମାପଡ଼ା ଅବକାରୀ ଥାନାଧିକାରୀ ପ୍ରଭାକର ସେଠୀ କହିଛନ୍ତି।

## ଗୈରୀକୀକରଣ ଉଦ୍ୟମର କୁପରିଣାମ କୁଳପତି ମରୁଡ଼ି

- ବିଶ୍ୱବିଦ୍ୟାଳୟରେ ୧୪୦୦ ଅଧ୍ୟାପକ ପଦବୀ ଖାଲି




**ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଓ ଅଧ୍ୟାପକ ମରୁଡ଼ି ସ୍ଥିତି ଜାରି ରହିଥିବାକୁ ନେଇ ଆଜି ବିଜେଡି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଈପ୍‌ସିତା ସାହୁ, ଉଚ୍ଚଶିକ୍ଷା ବିଭାଗର ଏଭଳି ଦୁର୍ଦ୍ଦଶା, ରାଜ୍ୟ ସରକାରଙ୍କ ଅପାରଗ ପଣିଆର ପରିଣାମ ବୋଲି କହିଥିଲେ। ଶ୍ରୀ ସାହୁ କହିଥିଲେ ଯେ ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ଏକପ୍ରକାରର ପଙ୍ଗୁ ହୋଇଯାଇଛି। ରାଜ୍ୟରେ ଥିବା ୧୭ଟି ବିଶ୍ୱବିଦ୍ୟାଳୟ ଭିତରୁ ୧୪ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଅଧିକାଂଶ ସ୍ଥାନରେ ଅଧ୍ୟାପକ ପଦବୀଗୁଡ଼ିକ ମଧ୍ୟ ଖାଲି ପଡ଼ିଛି। ସ୍ଥାୟୀ କୁଳପତି ନିଯୁକ୍ତି ନ ହେଲା ପର୍ଯ୍ୟନ୍ତ ଖାଲି ଥିବା ଅଧ୍ୟାପକ ପଦବୀଗୁଡ଼ିକ ପୂରଣ ହୋଇପାରିବ ନାହିଁ। ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏଥିନେଇ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କୁ ମଧ୍ୟ ଭେଟି କୁଳପତି ପଦବୀଗୁଡ଼ିକ ତୁରନ୍ତ ପୂରଣ ପାଇଁ ନିବେଦନ କରାଯାଇଥିଲା। ଇପ୍ସିତା ସାହୁ କହିଥିଲେ, ଶିକ୍ଷା ବ୍ୟବସ୍ଥା ସମାଜ ବିକାଶର ମେରୁଦଣ୍ଡ। ରାଜ୍ୟର ବିକାଶ ପାଇଁ ଶିକ୍ଷାର ବିକାଶ ଜରୁରୀ। କିନ୍ତୁ ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି। ରାଜ୍ୟ ବିଜେପି ସରକାରଙ୍କ ଗୈରୀକିକରଣ ମନୋଭାବ ଯୋଗୁଁ ଓ କେଉଁଠି କିଏ ରହିବେ, ସେଥିନେଇ ଦଳୀୟ ନେତାଙ୍କ ଭିତରେ ମତଭେଦ ରହିଥିବା ଯୋଗୁଁ ଏହି ନିଯୁକ୍ତି ପ୍ରକ୍ରିୟା ହୋଇପାରୁନାହିଁ। ରାଜ୍ୟର ଶିକ୍ଷା ବ୍ୟବସ୍ଥା ପ୍ରତି ଏହି ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ।

### ୫ କେଜି ଗ୍ୟାସ ସିଲିଣ୍ଡର ବନ୍ଦ ଘଟଣା

## ନିଷ୍ପତ୍ତି ଗରିବ ଓ ଶ୍ରମଜୀବୀ ବିରୋଧୀ; ତୁରନ୍ତ ପ୍ରତ୍ୟାହାର ଦାବି



**ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):** ଓଡ଼ିଶାରେ ୫ କେଜି ଏଲପିଜି ଗ୍ୟାସ ସିଲିଣ୍ଡର ଯୋଗାଣ ଓ ବିକ୍ରି ଉପରେ ରୋକ ଲଗାଯିବା ବିଜେପି ସରକାରଙ୍କର ଏକ ସ୍ପଷ୍ଟ ଜନବିରୋଧୀ ଓ ଯନ୍ତ୍ରଣାଦାୟକ ପଦକ୍ଷେପ। ଏହି ଛୋଟ ସିଲିଣ୍ଡର ଉପରେ ପ୍ରବାସୀ ଶ୍ରମିକ, ଛାତ୍ରଛାତ୍ରୀ, ବେକାର ଯୁବକଯୁବତୀ ଓ ଅତି କ୍ଷୁଦ୍ର ଦୋକାନୀମାନେ ଦୈନିକ ଜୀବନ ଚଳାଇବା ପାଇଁ ନିର୍ଭର କରୁଛନ୍ତି। ସଙ୍କଟକାଳୀନ ପରିସ୍ଥିତିରେ ସରକାରଙ୍କ କାମ ହେଉଛି ଲୋକଙ୍କ ସମସ୍ୟା ସମାଧାନ କରିବା, କିନ୍ତୁ ସରକାର ତାହାର ପୂର୍ଣ୍ଣ ବିପରୀତ ପଥ ଅନୁସରଣ କରୁଛନ୍ତି ବୋଲି ଅଭିଯୋଗ କରିଛି ସିପିଆଇ(ଏମ୍)।

ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି ଯେ ପୂର୍ବରୁ ଏଲପିଜି ସିଲିଣ୍ଡରରେ ଇ-କେଓ୍ୱାଇସି କରିବାକୁ ବାଧ୍ୟତାମୂଳକ କରାଯାଇଛି। ନଚେତ୍ ଗ୍ୟାସ ସଂଯୋଗ କଟିଯିବ। ଏଭଳି ଜଟିଳତା ସାଧାରଣ ଲୋକଙ୍କୁ ନାନାଦି ସମସ୍ୟାର ସମ୍ମୁଖୀନ କରିବା ସକାଶେ ବାଧ୍ୟ କରୁଥିବା ବେଳେ ବିଜେପି ସରକାର ଏବେ ୫ କେଜି ଗ୍ୟାସ ସିଲିଣ୍ଡର ବନ୍ଦ କରି ଏହି ସମସ୍ୟାକୁ ଆହୁରି ଜଟିଳତର କରିଦେଇଛନ୍ତି। ଏହା ଗରିବ ଓ ଶ୍ରମଜୀବୀଙ୍କ ଜୀବନକୁ ସିଧାସଳଖ ପ୍ରଭାବିତ କରିବା ସହ ସେମାନଙ୍କ ଦୈନିକ ଜୀବିକାକୁ ମଧ୍ୟ ପ୍ରତିହତ କରିବ। ତେଣୁ ସରକାରଙ୍କ ଏପରି ଜନବିରୋଧୀ ନିଷ୍ପତ୍ତିକୁ ସିପିଆଇ(ଏମ୍) ଦୃଢ଼ ଭାବେ ନିନ୍ଦା କରିବା ସହ ସରକାର ତୁରନ୍ତ ୫ କେଜି ଗ୍ୟାସ୍ ସିଲିଣ୍ଡର୍ ସଂକ୍ରାନ୍ତ ନିଷ୍ପତ୍ତିରୁ ଓହରିବା ସକାଶେଶ୍ରୀ ପାଣିଗ୍ରାହୀ ଦାବି କରିଛନ୍ତି।



## ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ଦୀକ୍ଷାନ୍ତ ସମାରୋହ

**ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ନବମ ବ୍ୟାଚ୍ ଡିଏସପି ପ୍ରୋବେସନରଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ନବମ ବ୍ୟାଚର ୫ ଜଣ ଡିଏସପି ସଫଳତାର ସହ ମୌଳିକ ପ୍ରଶିକ୍ଷଣ ସମାପ୍ତ କରି ଏହି ଦୀକ୍ଷାନ୍ତ ସମାରୋହରେ ଭାଗ ନେଇଥିଲେ। ଏହି ଅବସରରେ ଡିଜିପି ସମସ୍ତ ନବନିଯୁକ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କୁ ଓଡ଼ିଶା ପୁଲିସର ନୂତନ ଶକ୍ତି ଭାବେ ଜନସେବାରେ ନିବେଶିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଡିଜିପି କହିଥିଲେ ଯେ ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଇଥିବା ଗୁଣାତ୍ମକ ପ୍ରଶିକ୍ଷଣ ନୂତନ ଅଧିକାରୀମାନଙ୍କୁ ଦାୟିତ୍ୱବାନ, ସକ୍ଷମ ଓ ପେସାଦାର ଭାବେ ଗଢ଼ି ତୋଳିବ। ଆଗାମୀ ଦିନରେ ସାଇବର ଅପରାଧ, ସଂଗଠିତ ଅପରାଧ ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜକୁ ସାହସ ଓ ସତ୍ୟନିଷ୍ଠାର ସହ ମୁକାବିଲା କରିବା ପାଇଁ ଡିଜିପି ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପୁଲିସ ବ୍ୟବସ୍ଥା ସଶକ୍ତୀକରଣ ଓ ଆଧୁନିକୀକରଣ ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ନୂତନ ପଦବୀ ସୃଷ୍ଟି, ନିଯୁକ୍ତି ପ୍ରକ୍ରିୟା, ଓଏସ୍‌ଏସ୍‌ଏଫ୍, ଓଆଇଏସ୍‌ଏଫ୍ ଓ ଓଡ୍ରାଫ୍ ୟୁନିଟ୍‌ର ବିସ୍ତାର ଓ ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା ପଦକ୍ଷେପଗୁଡ଼ିକ ପୁଲିସ ବାହିନୀକୁ ଆହୁରି ଶକ୍ତିଶାଳୀ କରୁଥିବା ସେ କହିଥିଲେ। ସେହିପରି ନୂତନ ଅପରାଧିକ ଆଇନଗୁଡ଼ିକର ସଠିକ୍ କ୍ରିୟାନ୍ୱୟନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧିରେ ପୁଲିସର ଭୂମିକା ସମ୍ପର୍କରେ ମଧ୍ୟ ଶ୍ରୀ ଖୁରାନିଆ ମତ ବ୍ୟକ୍ତ କରିଥିଲେ।

ଏହି ଅବସରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଡିଜିପି କୃତୀ ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ସୃଷ୍ଟି ପ୍ରଧାନ ସର୍ବଶ୍ରେଷ୍ଠ ପ୍ରୋବେସନର ଭାବେ ଗଭର୍ଣ୍ଣର ମେଡାଲ ଓ ଟ୍ରଫି ସହ ଇନଡୋର ବିଷୟରେ ସର୍ବୋଚ୍ଚ ନମ୍ବର ଓ ଏନ୍‌ଆଇସିଏଫ୍‌ଏସ୍ ମେଡାଲ୍ ପାଇଥିଲେ। ସେହିପରି ସୌରଭ ରଞ୍ଜନ ପ୍ରଧାନ ଦ୍ୱିତୀୟ ସର୍ବଶ୍ରେଷ୍ଠ ପ୍ରୋବେସନର ଭାବେ ସମ୍ମାନିତ ହେବା ସହ ଆଉଟଡୋର ବିଷୟରେ ସର୍ବୋଚ୍ଚ ନମ୍ବର ପାଇଥିଲେ। ପଙ୍କଜ ମାଝୀ ଏଇଟି କୋର୍ସରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଡାଇରେକ୍ଟର ଟ୍ରଫି ଲାଭ କରିଥିଲେ। ସମାରୋହରେ ଏକାଡେମୀର ନିର୍ଦ୍ଦେଶିକା ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଏସ. ସାଇନି, ବରିଷ୍ଠ ପୁଲିସ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ, ପ୍ରଶିକ୍ଷାର୍ଥୀଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।

## ରାଜ୍ୟବ୍ୟାପୀ 'ସ୍ୱଚ୍ଛତା ଅଭିଯାନ' ଆୟୋଜିତ



**ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାରା ରାଜ୍ୟରେ ପାଳନ ହେଉଛି ଓଡ଼ିଆ ପକ୍ଷ। ଆଜି ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ 'ସ୍ୱଚ୍ଛତା ଅଭିଯାନ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି, ଉଦୟଗିରି, ପଟିଆସ୍ଥିତ ଜଗନ୍ନାଥ ମନ୍ଦିର, ନନ୍ଦନକାନନ, ବରମୁଣ୍ଡା ବସଷ୍ଟାଣ୍ଡ, ଭୁବନେଶ୍ୱର ରେଳ ଷ୍ଟେସନଠାରେ 'ସ୍ୱଚ୍ଛ ଓଡ଼ିଶା ଦିବସ' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଲିଙ୍ଗରାଜ ମନ୍ଦିରଠାରେ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ବିଏମ୍‌ସି ମେୟର ସୁଲୋଚନା ଦାସ ଯୋଗଦେଇ ଏକ 'ସ୍ୱଚ୍ଛ ଓଡ଼ିଶା, ସୁନ୍ଦର ଓଡ଼ିଶା' ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଲିଙ୍ଗରାଜ ମନ୍ଦିର ପରିସରର ସଫେଇ କାର୍ଯ୍ୟରେ ସେ ନିଜେ ସାମିଲ ହେବା ସହ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଜନସାଧାରଣଙ୍କ ଅଂଶୀଦାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ଏକ ସ୍ୱଚ୍ଛ ପରିବେଶ ଗଠନ କରିବା ପାଇଁ ଆମେ ସଚେତନ ହେବା ଓ ଭୁବନେଶ୍ୱର ସହରକୁ ସ୍ୱଚ୍ଛ ରଖିବା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମେୟର ଶ୍ରୀମତୀ ଦାସ ପରାମର୍ଶ ଦେଇଥିଲେ।

ଆଜିର କାର୍ଯ୍ୟକ୍ରମରେ ୪୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଓ ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ବିଏମ୍‌ସି କମିଶନର ଚଞ୍ଚଳ ରାଣା, ବିଏମ୍‌ସି ଷ୍ଟାଣ୍ଡିଂ କମିଟି ସଦସ୍ୟ ଓ କର୍ପୋରେଟରମାନେ ମଧ୍ୟ ଏହି ସ୍ୱଚ୍ଛତା ଅଭିଯାନରେ ଯୋଗ ଦେଇଥିଲେ। ଏହାଛଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଓ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ଅଞ୍ଜନ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଧଉଳି ଶାନ୍ତିସ୍ତୂପଠାରେ 'ସ୍ୱଚ୍ଛତା ଅଭିଯାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟାଳୟ, ମହାନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବ୍ଲକରେ ମଧ୍ୟ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସୂଚନାଯୋଗ୍ୟ ଯେ ଆସନ୍ତାକାଲି ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିନକୁ 'ଶିଶୁ କଥା ଦିବସ' ଭାବେ ପାଳନ କରାଯିବ।

## ଓଡ଼ିଆ ପକ୍ଷର ଷଷ୍ଠ ଦିନ | କଟକରେ ସ୍ୱଚ୍ଛତା ଅଭିଯାନ

**କଟକ,୬।୪(ସଂଚାର ବ୍ୟୁରୋ):** ଗତ ୧ରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ପାଳନର ଆଜି ଷଷ୍ଠ ଦିନରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଧବଳେଶ୍ୱର ମନ୍ଦିରରେ ସଫେଇ ଅଭିଯାନ କରାଯାଇଛି। ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ, ଦେବୋତ୍ତର, ଧବଳେଶ୍ୱର ମନ୍ଦିରର କର୍ମଚାରୀ ଓ ଅଞ୍ଚଳର ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଏହି ସଫେଇ ଅଭିଯାନ କରାଯାଇଥିଲା। ଏହାଛଡ଼ା କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, କମିଶନର କିରନଦୀପ କୌର ସହୋତା, କଟକ ମହାନଗର ନିଗମର ବିଭିନ୍ନ ଅଧିକାରୀ, ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀଙ୍କ ଉପସ୍ଥିତିରେ ଆଜି ବାରବାଟୀ ଦୁର୍ଗ, ଗଡ଼ଖାଇ ମନ୍ଦିର ଆଦି ଐତିହ୍ୟସ୍ଥଳୀରେ ସ୍ୱଚ୍ଛତା ଅଭିଯାନ କରାଯାଇଛି। ଏଥିସହ ଚଣ୍ଡୀ ମନ୍ଦିର, ନେତାଜୀ ଜନ୍ମସ୍ଥାନ ଓ ସଂଗ୍ରହାଳୟ, ସ୍ୱରାଜ ଆଶ୍ରମ, ସାମୁଦ୍ରିକ ସଂଗ୍ରହାଳୟ, ଦୋଳମୁଣ୍ଡାଇସ୍ଥିତ ଜଗନ୍ନାଥ ମନ୍ଦିର, ପ୍ରତାପନଗରୀସ୍ଥିତ ଧାକୁଲେଇ ପୀଠ ଓ ଗାନ୍ଧୀ ସ୍ମୃତି ପୀଠ ଭଳି ସ୍ଥାନରେ ମଧ୍ୟ ସ୍ୱଚ୍ଛତା ଅଭିଯାନ କରାଯାଇଛି। ଏହାପରେ କ୍ୟାଣ୍ଟନମେଣ୍ଟ ଥାନା ସମ୍ମୁଖ ମହାନଦୀର ବିଜୁ ପଟ୍ଟନାୟକ ଘାଟ ପରିସରରେ ସ୍ୱତନ୍ତ୍ର ସଫେଇ 'ବନ୍ଦେ ମହାନଦୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ୟାଚେଟି ଆସୋସିଏସନର ଶତାଧିକ ସଦସ୍ୟ, ସ୍କୁବା ଡାଇଭର, ଜାତୀୟ ସେବା ସମିତିର ସଦସ୍ୟ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ମହାନଦୀର ତଟ ଅଞ୍ଚଳ ସହ ମହାନଦୀର କୂଳରୁ ପାଣି ଦଳ ଓ ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁ ବାହାର କରାଯାଇଥିଲା। ସିଏମସି ଡେପୁଟି କମିଶନର (ସାନିଟେସନ) ଜୁବୁଲି ଚରଣ ବେହେରା, ଆସିଷ୍ଟାଣ୍ଟ କମିଶନର ତ୍ରିଶୂଳ ମାର୍ଦ୍ଦି, ଶୁଭଶ୍ରୀ ମଲ୍ଲିକଙ୍କ ସହ ବିଭିନ୍ନ ଓ୍ୱାର୍ଡର ଏସଆଇ ଓ ସାନିଟେସନ ଏକ୍ସପର୍ଟମାନେ ଏହି ସ୍ୱଚ୍ଛତା ଅଭିଯାନର ପରିଚାଳନାରେ ସାମିଲ ହୋଇଥିଲେ। ଏହି ଅବସରରେ ସ୍ୱଚ୍ଛତାକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବାକୁ ଆହ୍ୱାନ ଦିଆଯାଇଛି।



# ଭଡ଼ାଘରେ ଡାକ୍ତରଖାନା, ଲୋକେ ଆତଙ୍କିତ

**ଭୁବନେଶ୍ୱର,୬।୪:** ରାଜ୍ୟର ସହରାଞ୍ଚଳରେ ଭଡ଼ା ଘରେ ଚାଲୁଥିବା ଡାକ୍ତରଖାନା ଓ ନର୍ସିଂହୋମ୍‌ଗୁଡ଼ିକ ଏବେ ସ୍ଥାନୀୟ ଲୋକଙ୍କ ପାଇଁ କାଳ ହେଲାଣି। ଏଥିଯୋଗୁଁ କେବଳ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉନାହିଁ, ବରଂ ମାରାତ୍ମକ ସଂକ୍ରମଣର ଭୟ ବି ଲୋକଙ୍କୁ ଘାରୁଛି।

ସରକାରୀ ତାଲିକାରେ ରାଜ୍ୟର ଏବେ ୧୨୦୯ଟି ଘରୋଇ ଡାକ୍ତରଖାନା ଓ ନର୍ସିଂହୋମ୍ ଥିବାବେଳେ ଏଥିରୁ ମାତ୍ର ୪୩୩ଟିର ନିଜସ୍ୱ ଘର ରହିଛି। ଅନ୍ୟ ୭୭୬ଟି ଘରୋଇ ଚିକିତ୍ସାଳୟ ଭଡ଼ାଘରେ ଚାଲୁଛି। ତେବେ ସହରାଞ୍ଚଳରେ ଏଗୁଡ଼ିକ ଘନ ଜନବସତି ଅଞ୍ଚଳରେ ଏପରିକି ଆପାର୍ଟମେଣ୍ଟରେ ଭଡ଼ାଘରେ ଚାଲୁଥିବା ଲକ୍ଷ୍ୟ କରାଯାଉଛି।

ଘରୋଇ ଡାକ୍ତରଖାନାଗୁଡ଼ିକ ଯେଉଁଠାରେ ପ୍ରଥମେ ଗୋଟିଏ ଘର ଭଡ଼ାନେଇ ନିଜର ବ୍ୟବସାୟ ଆରମ୍ଭ କରୁଛନ୍ତି ଧିରେ ଧିରେ ଆଖପାଖରେ ଥିବା ଘରକୁ ମଧ୍ୟ ଚଢ଼ା ଦରରେ ଭଡ଼ାର ନେଇ ଚିକିତ୍ସାଳୟରେ ପରିଣତ କରିଦେଉଛନ୍ତି। ଯଦିଓ ଏହି ଘରଗୁଡ଼ିକ ଚିକିତ୍ସାଳୟ ଅନୁଯାୟୀ ନିର୍ମାଣ ହୋଇନାହିଁ, କିନ୍ତୁ ଡାକ୍ତରଖାନା କର୍ତ୍ତୃପକ୍ଷ ନିଜର ବ୍ୟବସାୟ ଓ ଘର ମାଲିକ ଅଧିକ ଭଡ଼ା ଲୋଭରେ ଏହାକୁ ଚିକିତ୍ସାଳୟରେ ରୂପାନ୍ତରିତ କରୁଛନ୍ତି।



ସହରର ଯେଉଁସବୁ ସ୍ଥାନରେ ଏହିଭଳି ଘରୋଇ ଡାକ୍ତରଖାନା ଓ ନର୍ସିଂହୋମ୍ ଖୋଲିଛି, ସେଠାରେ ଆଖପାଖରେ ରହୁଥିବା ଲୋକଙ୍କ ଜୀବନ ଦୁର୍ବିସହ ହେବାରେ ଲାଗିଛି। ନିଜ ନିଜ ଘର ଆଗରେ ନିଜର ଗାଡ଼ିଟିକୁ ରଖିବାକୁ ବି ଲୋକେ ସ୍ଥାନଟିକେ ପାଉନାହାନ୍ତି। ସେହିସବୁ ଚିକିତ୍ସାଳୟକୁ ଆସୁଥିବା ଲୋକେ ନିଜ ନିଜର ଯାନବାହାନକୁ ଆଖପାଖରେ ଥିବା ଲୋକଙ୍କ ଘର ସାମ୍ନାରେ ହେଉ କିମ୍ବା ରାସ୍ତା ଉପରେ ରଖିଦେଇ ଚାଲିଯାଉଛନ୍ତି। ଫଳରେ ସ୍ଥାନୀୟ ଲୋକେ ଅଧିକାଂଶ ସମୟରେ ନିଜ ଘରକୁ ବି ସହଜରେ ଯାଇପାରୁନାହାନ୍ତି।

କେବଳ ଟ୍ରାଫିକ ସମସ୍ୟା ନୁହେଁ, ଆଖପାଖରେ ସଂକ୍ରମଣର ଭୟ ବି ଲୋକଙ୍କୁ ଘାରିଛି। କାରଣ ଏହିସବୁ ଚିକିତ୍ସାଳୟକୁ ବିଭିନ୍ନ ସଂକ୍ରାମକ ରୋଗୀ ଆସିବା ସହ ସେଠାରେ ଦିନ ଦିନ ଧରି ରହି ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ସମୟରେ ସେମାନଙ୍କ ପୋଷାକପତ୍ରକୁ ରାସ୍ତା ଉପରେ କିମ୍ବା ଘରର ଛାତ ଉପରେ ଶୁଖାଉଛନ୍ତି। ରୋଗୀଙ୍କ ସମ୍ପର୍କୀୟମାନେ ଆଖପାଖରେ ଥିବା ସ୍ଥାନକୁ ଯାତାୟାତ କରିବା ସହ ବର୍ଜ୍ୟ ଫିଙ୍ଗିବା ବି ଲକ୍ଷ୍ୟ କରାଯାଉଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ବ୍ୟକ୍ତ କରୁଥିବା ବେଳେ ଯେଉଁ କେତେକ ସ୍ଥାନରେ ଆପାର୍ଟମେଣ୍ଟ ତଳେ ରୋଗୀମାନେ ଚିକିତ୍ସିତ ହେଉଛନ୍ତି, ସେଠାରେ ଲୋକେ ଅତ୍ୟନ୍ତ ଭୟାତୁର ଅବସ୍ଥାରେ ରହୁଛନ୍ତି।

ଉଲ୍ଲେଖନୀୟ ଯେ ରାଜ୍ୟରେ ଥିବା ୧୨୦୯ଟି ଘରୋଇ ଡାକ୍ତରଖାନା ଓ ନର୍ସିଂହୋମ୍ ମଧ୍ୟରୁ ସର୍ବାଧିକ ୨୫୬ଟି କଟକ ଜିଲ୍ଲାରେ ଥିବା ବେଳେ ଏଥିମଧ୍ୟରୁ ୨୧୫ଟି ଭଡ଼ାଘରେ ଚାଲିଛି। ସେହିଭଳି ଖୋର୍ଦ୍ଧା ଜିଲ୍ଲାରେ ଥିବା ୧୯୧ଟି ଘରୋଇ ଚିକିତ୍ସାଳୟ ମଧ୍ୟରୁ ୧୧୮ଟି ଭଡ଼ାଘରେ ଚାଲୁଥିବା ବେଳେ ଗଞ୍ଜାମରେ ଥିବା ୧୦୬ଟି ରୁ ୬୪ଟି ଭଡ଼ାଘରେ କାର୍ଯ୍ୟ କରୁଛି। ମାଲକାନଗିରି ଓ ବୌଦ୍ଧ ଜିଲ୍ଲାରେ ଆଦୌ ଘରୋଇ ଡାକ୍ତରଖାନା କିମ୍ବା ନର୍ସିଂହୋମ୍ ନଥିବା ସରକାରୀ ତାଲିକାରେ ଉଲ୍ଲେଖ ଅଛି।

ତେବେ ବ୍ୟବସାୟ ପାଇଁ ଏହିସବୁ ଘରୋଇ ଚିକିତ୍ସାଳୟ ସହରାଞ୍ଚଳର ପ୍ରମୁଖ ଜନବସତି ଅଞ୍ଚଳକୁ ବାଛୁଥିବା ବେଳେ ଏମାନଙ୍କୁ କିଭଳି ସରକାରୀ ଅନୁମତି ମିଳୁଛି, ତାହା ବଡ଼ ପ୍ରଶ୍ନବାଚୀ। କାରଣ ଘରୋଇ ଡାକ୍ତରଖାନା ବା ନର୍ସିଂହୋମ୍ କେଉଁଠାରେ କିଭଳି ଖୋଲିବ, ସେଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ ଥିବା ଡିଏମଇଟି ଅନୁମତି ପ୍ରଦାନ କରିଥାନ୍ତି। (ତଥ୍ୟ)

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

## ସମ୍ପାଦକୀୟ

# ଗଣତାନ୍ତ୍ରିକ ପରମ୍ପରାର ପରୀକ୍ଷା

ତାମିଲନାଡୁ ବିଧାନସଭା ନିର୍ବାଚନ ୨୦୨୬ ଏପ୍ରିଲ ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ନିର୍ବାଚନର ପୂର୍ବରୁ ବିଭିନ୍ନ ସର୍ଭେ ଏଜେନ୍ସି ତାଙ୍କ ମତାମତ ପ୍ରକାଶ କରିଛନ୍ତି ଯାହା ରାଜ୍ୟର ରାଜନୈତିକ ପରିସ୍ଥିତିକୁ ଆଗାମୀ ପରି ପ୍ରତିଫଳିତ କରୁଛି। ଲୋକପୋଲ୍, ଭୋଟ୍‌ଭାଇବ୍,



ଆଗ୍ରି ନ୍ୟୁଜ୍ ସର୍ଭିସ୍ ଏବଂ ଆଇଏଏନ୍‌ଏସ୍-ମ୍ୟାଟ୍ରିଜ୍ ପରି ସର୍ଭେ ଏଜେନ୍ସିଗୁଡ଼ିକ ଏକ ସ୍ପଷ୍ଟ ଚିତ୍ର ଦେଉଛନ୍ତି ଯେ ରାଜ୍ୟରେ ଡିଏମ୍‌କେ-ନେତୃତ୍ୱାଧୀନ ସମ୍ମିଳିତ ମେଣ୍ଟ ଏବଂ ଏଆଇଏଡିଏମ୍‌କେ-ନେତୃତ୍ୱାଧୀନ ଏନ୍‌ଡିଏ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ରହିଛି। କିନ୍ତୁ ଏହି ସର୍ଭେଗୁଡ଼ିକ ଏକପ୍ରକାର ମିଶ୍ରିତ ସଙ୍କେତ ଦେଉଛି ଏବଂ ଏହା ଗଣତନ୍ତ୍ରର ପ୍ରକୃତ ଚରିତ୍ର ପ୍ରକାଶ କରୁଛି।

ଲୋକପୋଲ୍ ସର୍ଭେ ଅନୁଯାୟୀ ଏମ୍‌କେ ଷ୍ଟାଲିନ୍ ନେତୃତ୍ୱାଧୀନ ଡିଏମ୍‌କେ ସମ୍ମିଳିତ ମେଣ୍ଟ ୧୮୮ରୁ ୧୯୦ ଆସନ ଜିତିବାର ସମ୍ଭାବନା ରହିଛି ଏବଂ ଏହାର ଭୋଟ୍ ଶେୟାର ୪୦.୧ ପ୍ରତିଶତ ହେବ। ଅନ୍ୟପକ୍ଷରେ ପାଲାନିସ୍ୱାମୀଙ୍କ ଏଆଇଏଡିଏମ୍‌କେ ମେଣ୍ଟ ମାତ୍ର ୩୮ରୁ ୪୨ ଆସନ ପାଇବ ଏବଂ ଭୋଟ୍ ଶେୟାର ୨୯ ପ୍ରତିଶତ ହେବ। ଅଭିନେତା ବିଜୟଙ୍କ ତାମିଲଗା ଭେଟ୍ରି କଜଗମ୍ (ଟିଭିକେ) ୮ରୁ ୧୦ ଆସନ ସହିତ ତୃତୀୟ ଶକ୍ତି ଭାବେ ଉଭା ହେବାର ସମ୍ଭାବନା ଦେଖାଯାଉଛି ଏବଂ ଏହାର ଭୋଟ୍ ଶେୟାର ୨୩.୯ ପ୍ରତିଶତ ହେବାର ଆକଳନ କରାଯାଉଛି। ଅନ୍ୟ ଏକ ସର୍ଭେ ଭୋଟ୍‌ଭାଇବ୍ କିନ୍ତୁ ଏହାର ବିପରୀତ ଚିତ୍ର ଦେଖାଉଛି। ଏହି ସର୍ଭେ ଅନୁଯାୟୀ ଡିଏମ୍‌କେ ମେଣ୍ଟ ୧୧୩ରୁ ୧୨୩ ଆସନ ଏବଂ ଏଆଇଏଡିଏମ୍‌କେ ମେଣ୍ଟ ୧୦୬ରୁ ୧୧୬ ଆସନ ପାଇବ ବୋଲି ଆକଳନ କରାଯାଇଛି। ଏହା ଏକ ଅତ୍ୟନ୍ତ କଡ଼ା ପ୍ରତିଯୋଗିତାର ସଙ୍କେତ ଦେଉଛି। ଆଇଏଏନ୍‌ଏସ୍-ମ୍ୟାଟ୍ରିଜ୍ ସର୍ଭେ ଏଆଇଏଡିଏମ୍‌କେ ମେଣ୍ଟକୁ ସାମାନ୍ୟ ଅଗ୍ରଗାମୀ ଦର୍ଶାଉଛି ଯେତେବେଳେ ଆଗ୍ରି ସର୍ଭେ ଡିଏମ୍‌କେକୁ ସ୍ପଷ୍ଟ ବିଜୟ ପ୍ରଦାନ କରୁଛି।

ଏହି ସର୍ଭେଗୁଡ଼ିକ ତାମିଲନାଡୁର ରାଜନୈତିକ ଗତିବିଧିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଦେଖାଉଛି। ୨୦୨୧ ନିର୍ବାଚନରେ ଡିଏମ୍‌କେ ମେଣ୍ଟ ସ୍ପଷ୍ଟ ବିଜୟ ଲାଭ କରିଥିଲା। କିନ୍ତୁ ଏଥର ନୂତନ ଶକ୍ତି ଟିଭିକେର ଉତ୍ଥାନ ଏବଂ ଯୁବକମାନଙ୍କ ମଧ୍ୟରେ ଏହାର ପ୍ରଭାବ ରାଜ୍ୟର ରାଜନୀତିକୁ ନୂଆ ମୋଡ଼ ଦେବାର ସମ୍ଭାବନା ରଖିଛି। ତାମିଲନାଡୁର ରାଜନୀତି ଦୀର୍ଘକାଳ ଧରି ଦ୍ରାବିଡ଼ୀୟ ଦଳଗୁଡ଼ିକ ମଧ୍ୟରେ ସୀମିତ ଥିଲା। ଏହି ନିର୍ବାଚନରେ ଏହି ପାରମ୍ପରିକ ଧାରାରେ ପରିବର୍ତ୍ତନ ଆସିପାରେ ବୋଲି ସର୍ଭେଗୁଡ଼ିକ ସଙ୍କେତ ଦେଉଛି। ଯୁବକମାନଙ୍କ ମଧ୍ୟରେ ବେରୋଜଗାରି, ଉନ୍ନୟନ ଏବଂ ପେଟ୍ରୋଲିୟମ୍ ପରି ପ୍ରସଙ୍ଗ ପ୍ରଭାବ ପକାଉଛି। ଡିଏମ୍‌କେ ସରକାରର କାର୍ଯ୍ୟକୁ କେହି ପ୍ରଶଂସା କରୁଛନ୍ତି ତ କେହି ବିରୋଧ କରୁଛନ୍ତି। ଏହି ମିଶ୍ରିତ ଫଳାଫଳ ସର୍ଭେର ସୀମାବଦ୍ଧତା ପ୍ରକାଶ କରୁଛି। ସର୍ଭେ ଜନମତର ଏକ ପ୍ରାଥମିକ ମାତ୍ର ଏବଂ ଏହା ଚୂଡ଼ାନ୍ତ ଫଳାଫଳ ନୁହେଁ। ଶେଷ ମୁହୂର୍ତ୍ତର ପ୍ରଚାର, ଭୋଟର ଟର୍ନଆଉଟ୍ ଏବଂ ଅପ୍ରତ୍ୟାଶିତ ଘଟଣା ଫଳାଫଳ ବଦଳାଇପାରେ।

ତାମିଲନାଡୁର ଏହି ପ୍ରି-ପୋଲ୍ ସର୍ଭେ ଭାରତୀୟ ଗଣତନ୍ତ୍ରର ଏକ ବଡ଼ ଶିକ୍ଷା ଦେଉଛି। ଏହା ଦେଖାଉଛି ଯେ ଜନମତ ଗଠନରେ ମିଡିଆ ଏବଂ ସର୍ଭେ ଏଜେନ୍ସିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହା ସହିତ ଏହି ସର୍ଭେଗୁଡ଼ିକ ରାଜନୈତିକ ଦଳଗୁଡ଼ିକୁ ନିଜର କାର୍ଯ୍ୟପଦ୍ଧତି ପୁନର୍ବିଚାର କରିବାକୁ ପ୍ରେରଣା ଦେଉଛି। ତାମିଲନାଡୁ ଭାରତର ଏକ ପ୍ରଗତିଶୀଳ ରାଜ୍ୟ ଏବଂ ଏହାର ଉନ୍ନୟନ ମଡେଲ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଆଦର୍ଶ। ଏହି ନିର୍ବାଚନରେ ଯେଉଁ ଦଳ ଜିତୁ ନା କାହିଁକି, ରାଜ୍ୟର ଆର୍ଥିକ ଉନ୍ନତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି ଜାରି ରହିବା ଉଚିତ୍। ଫେଡେରାଲିଜମ୍ ମର୍ଯ୍ୟାଦା ରକ୍ଷା କରି କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସହଯୋଗ ଜରୁରୀ।

ଶେଷକଥା, ପ୍ରି-ପୋଲ୍ ସର୍ଭେ ଜନମତର ଏକ ସୂଚକ ମାତ୍ର। ପ୍ରକୃତ ରାୟ ଏପ୍ରିଲ ୨୩ ତାରିଖରେ ଭୋଟରମାନଙ୍କ ହାତରେ। ତାମିଲନାଡୁର ଜନତା ଏକ ସ୍ଥିର ଏବଂ ଉନ୍ନତିମୂଳକ ସରକାର ବାଛିବେ ବୋଲି ଆଶା କରାଯାଉଛି। ଏହି ନିର୍ବାଚନ କେବଳ ତାମିଲନାଡୁର ନୁହେଁ, ସମଗ୍ର ଦେଶର ଗଣତାନ୍ତ୍ରିକ ପରମ୍ପରାର ପରୀକ୍ଷା ହେବ। ସର୍ଭେଗୁଡ଼ିକ ଆଲୋଚନା ଆରମ୍ଭ କରିଛି, କିନ୍ତୁ ଚୂଡ଼ାନ୍ତ ଫଳାଫଳ ଜନତାଙ୍କ ହାତରେ। ଗଣତନ୍ତ୍ର ଜୟଯୁକ୍ତ ହେଉ।

# ଗୁପ୍ତଚର ନୁହେଁ, ଗର୍ବିତ ରାଷ୍ଟ୍ରନିର୍ମାତା



**ଏପି ଶୁଭକାନ୍ତ ସାମଲ**

ନିକଟରେ ଝାଡ଼ଖଣ୍ଡର ସାଂସଦ ନିଶିକାନ୍ତ ଦୁବେ, ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଯେଉଁ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି, ତାହା ସମଗ୍ର ଦେଶବାସୀଙ୍କୁ ଗଭୀର ଆଘାତ ଦେଇଛି। ରାଜନୈତିକ ବିରୋଧାଭାସ ଗଣତନ୍ତ୍ରର ଏକ ଅଂଶ ହୋଇପାରେ, କିନ୍ତୁ କ୍ଷମତା ଆଳରେ ଇତିହାସକୁ ବିକୃତ କରିବା ଏବଂ ଦେଶର ଜଣେ ମହାନ ସୁପୁତ୍ରଙ୍କୁ ଅପମାନିତ କରିବା କେବେବି ଗ୍ରହଣୀୟ ନୁହେଁ। ଶ୍ରୀ ଦୁବେ ତାଙ୍କର ବିବୃତି ମାଧ୍ୟମରେ ଦାବି କରିଛନ୍ତି ଯେ ୧୯୬୨ ଭାରତ-ଚୀନ ଯୁଦ୍ଧ ସମୟରେ ବିଜୁ ବାବୁ ଆମେରିକାର ଗୁପ୍ତଚର ସଂସ୍ଥା 'ସିଆଇଏ' (ଉଉଇ) ଏବଂ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହେରୁଙ୍କ ମଧ୍ୟରେ ଏକ ମାଧ୍ୟମ ବା ଏଜେଣ୍ଟ ଭାବରେ କାମ କରୁଥିଲେ। ଏଭଳି ଅର୍ଦ୍ଧସତ୍ୟ ତଥ୍ୟ ଉପସ୍ଥାପନ କରି ଜଣେ ମହାନ ଦେଶପ୍ରେମୀଙ୍କୁ ସନ୍ଦେହ ଘେରକୁ ଆଣିବା ଅତ୍ୟନ୍ତ ନିନ୍ଦନୀୟ।

ପ୍ରକୃତ ସତ୍ୟ ହେଉଛି, ୧୯୬୨ ମସିହାରେ ଯେତେବେଳେ ଚୀନ ଭାରତ ଉପରେ ବିଶ୍ୱାସଘାତକତା କରି ଆକ୍ରମଣ କଲା, ସେତେବେଳେ ଭାରତର ସାମରିକ ଏବଂ ଗୁପ୍ତଚର ବ୍ୟବସ୍ଥାକୁ ସୁଦୃଢ଼ କରିବାର ନିତାନ୍ତ ଆବଶ୍ୟକତା ଥିଲା। ନେହେରୁଜୀ ବିଜୁ ବାବୁଙ୍କ ସାହସ, ସାମରିକ ଅଭିଜ୍ଞତା ଏବଂ ରଣନୈତିକ ଜ୍ଞାନ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିଥିଲେ। ସେଥିପାଇଁ ତାଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟ ସହିତ ମିଶି ନିକଟରେ ଏକ ସ୍ୱତନ୍ତ୍ର କକ୍ଷ ପ୍ରଦାନ କରାଯାଇଥିଲା। ଦେଶର ସୁରକ୍ଷା ନିମନ୍ତେ ଉଚ୍ଚକୋଟୀର ଗୁପ୍ତଚର ସୂଚନା ହାସଲ କରିବା ପାଇଁ ବିଜୁ ବାବୁ ଆମେରିକାର ସହାୟତା ନେଇ ଭାରତରେ 'ଏଭିଏସନ୍ ରିସର୍ଚ୍ଚ ସେଣ୍ଟର' (ଇଜଉ) ର ସ୍ଥାପନା କରିଥିଲେ। ଏହା ଏକ ଭାରତୀୟ ସଂସ୍ଥା ଥିଲା, ଯାହା ନିଜ ଦେଶର ସୀମା ସୁରକ୍ଷା ପାଇଁ କାମ କରୁଥିଲା। ବିଜୁ ବାବୁ ଜଣେ ଦକ୍ଷ କୂଟନୀତିଜ୍ଞ ଭାବରେ ଆମେରିକା ସହ ସମାନ ସ୍ତରରେ ଆଲୋଚନା କରୁଥିଲେ; ସେ କାହାର ଏଜେଣ୍ଟ ନଥିଲେ, ବରଂ ନିଜ ଦେଶର ସ୍ୱାର୍ଥରକ୍ଷକ ଥିଲେ।

ବିଜୁ ବାବୁଙ୍କ ଦୂରଦୃଷ୍ଟି ଯୋଗୁଁ ହିଁ ଓଡ଼ିଶାର ଚାରବାଟିଆ ଠାରେ ଏଭିଏସନ୍ ରିସର୍ଚ୍ଚ ସେଣ୍ଟରର (ଇଜଉ) ପ୍ରତିଷ୍ଠା ସମ୍ଭବ ହୋଇପାରିଲା। ହିମାଳୟ ସୀମାନ୍ତରେ ଶତ୍ରୁମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ଆଧୁନିକ ଗୁପ୍ତଚର ବ୍ୟବସ୍ଥା ପରବର୍ତ୍ତୀ ସମୟରେ ଭାରତର ସର୍ବୋଚ୍ଚ ବାହ୍ୟ ଗୁପ୍ତଚର ସଂସ୍ଥା 'ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍' (ଜଇଡ) ପ୍ରତିଷ୍ଠା ପାଇଁ ଏକ ମଜବୁତ ଭିତ୍ତିଭୂମି ପ୍ରସ୍ତୁତ କରିଥିଲା। ଭାରତର ପ୍ରତିରକ୍ଷାକୁ ଆଧୁନିକୀକରଣ କରିବାରେ ତାଙ୍କର ଯେଉଁ ଅବଦାନ ରହିଛି, ତାହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ବିଜୁ ପଟ୍ଟନାୟକ କେବଳ ଏକ ନିର୍ଦ୍ଦିଷ୍ଟ ରାଜ୍ୟର ନେତା ନଥିଲେ, ସେ ଥିଲେ ସମଗ୍ର ଦେଶର ଗର୍ବ। ତାଙ୍କ ଜୀବନର ପ୍ରତିଟି ଘଟଣା ସାହସିକତାର କାହାଣୀ ବଖାଣେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ବିମାନ ବାହିନୀରେ ଥାଇ ମଧ୍ୟ ସେ ନିଜ ଜୀବନକୁ ବାଜି ଲଗାଇ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଗୋପନରେ ଉଦ୍ଧାର କରୁଥିଲେ।

୧୯୪୭ ମସିହାରେ ଯେତେବେଳେ ପାକିସ୍ତାନୀମାନେ କାଶ୍ମୀର ଆକ୍ରମଣ କଲେ, ସେତେବେଳେ ମୂଳ ଭାରତ ସହ କାଶ୍ମୀରର ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ଦେଖାଦେଇଥିଲା। ସେହି ଭୟଙ୍କର ସମୟରେ, ବିଜୁ ବାବୁ ହିଁ ପ୍ରଥମେ ଶ୍ରୀନଗର ବିମାନବନ୍ଦରରେ ନିଜର ବିମାନ ଅବତରଣ କରାଇ ଭାରତୀୟ ସେନା ପହଞ୍ଚାଇଥିଲେ। ଯଦି ସେହିଦିନ ବିଜୁ ବାବୁ ସେହି ସାହସିକ ପଦକ୍ଷେପ ନେଇନଥାନ୍ତେ, ତେବେ ବୋଧହୁଏ କାଶ୍ମୀର ଆଜି ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇନଥାନ୍ତା। ସେହିପରି, ଡଚ୍ ସେନାଙ୍କ କବଳରୁ ଇଣ୍ଡୋନେସିଆର ନେତା ସୁକର୍ଣ୍ଣୋ ଏବଂ ଶାହରିୟରଙ୍କୁ ନିଜ ବିମାନରେ ଉଦ୍ଧାର କରିବା ତାଙ୍କୁ ଆନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଆଣିଦେଇଥିଲା। ଆଜିର ଓଡ଼ିଶା ଯେଉଁ ଶିଳ୍ପ ଓ ଭିତ୍ତିଭୂମି ଉପରେ ଛିଡ଼ା ହୋଇଛି, ତାହାର ମୂଳଦୁଆ ବିଜୁ ବାବୁ ହିଁ ପକାଇଥିଲେ। ପାରାଦୀପ ବନ୍ଦର ପ୍ରତିଷ୍ଠା ହେଉ, ସୁନାବେଡ଼ାରେ 'ହାଲ୍' (ଐଇଖ) ମିଗ୍ ବିମାନ କାରଖାନା ନିର୍ମାଣ ହେଉ, ବା ରାଉରକେଲା ଇସ୍ପାତ କାରଖାନା ଏସବୁ ତାଙ୍କର ଦୂରଦୃଷ୍ଟିର ଫଳ। ନିଜର ବ୍ୟକ୍ତିଗତ ସମ୍ପତ୍ତିକୁ ଦେଶ ଓ ରାଜ୍ୟ ପାଇଁ ବ୍ୟୟ କରିବାରେ ସେ କେବେବି ପଛଘୁଞ୍ଚା ଦେଇନଥିଲେ।

ତାଙ୍କର ବିଶାଳ ବ୍ୟକ୍ତିତ୍ୱ ଆଗରେ ଦଳୀୟ ରାଜନୀତି ସବୁବେଳେ ଛୋଟ ପଡ଼ିଯାଏ। ସେ ହେଉଛନ୍ତି ସେହି ବିରଳ ବ୍ୟକ୍ତିତ୍ୱ ଯାହାଙ୍କୁ ଭାରତ ସମେତ ଇଣ୍ଡୋନେସିଆ ଏବଂ ସୋଭିଏତ୍ ୟୁନିୟନ୍ ଦ୍ୱାରା ସମ୍ମାନିତ କରାଯାଇଛି। ଇନ୍ଦିରା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଅଟଳ ବିହାରୀ ବାଜପେୟୀଙ୍କ ପର୍ଯ୍ୟନ୍ତ ସମସ୍ତ ଜାତୀୟ ନେତା ତାଙ୍କୁ ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରୁଥିଲେ। ସୂର୍ଯ୍ୟଙ୍କ ଆଡକୁ ଢେଲା ଫୋପାଡିଲେ ତାହା ଯେପରି ନିଜ ଦେହରେ ପଡେ, ଠିକ୍ ସେହିପରି ବିଜୁ ବାବୁଙ୍କ ଭଳି ଜଣେ ମହାମାନବଙ୍କ ଉପରେ କରାଯାଇଥିବା ଆକ୍ଷେପ କେବଳ ଆକ୍ଷେପକାରୀଙ୍କ ନିଜର ଅଜ୍ଞତାକୁ ହିଁ ପଦାରେ ପକାଏ। ଆଜିର ସମୟରେ କିଛି ରାଜନେତା ନିଜର ସ୍ୱାର୍ଥ ଏବଂ ଶସ୍ତା ଲୋକପ୍ରିୟତା ପାଇଁ ଐତିହାସିକ ତଥ୍ୟକୁ ବିକୃତ କରିବାକୁ ପଛାଉ ନାହାଁନ୍ତି। କିନ୍ତୁ ସତ୍ୟ ସବୁବେଳେ ସୂର୍ଯ୍ୟଙ୍କ ଭଳି ଉଜ୍ଜ୍ୱଳ। ନିଶିକାନ୍ତ ଦୁବେଙ୍କ ଭଳି ବ୍ୟକ୍ତିମାନେ ନିଜର ମନ୍ତବ୍ୟ ପାଇଁ କେବଳ କ୍ଷମା ପ୍ରାର୍ଥନା କରିବା ଉଚିତ୍ ନୁହେଁ, ବରଂ ଭାରତୀୟ ଇତିହାସକୁ ସଠିକ୍ ଭାବରେ ଅଧ୍ୟୟନ କରିବା ଆବଶ୍ୟକ। ବିଜୁ ପଟ୍ଟନାୟକ ଏକ ନାମ ନୁହେଁ, ଏକ ଆବେଗ, ଏକ ପ୍ରେରଣା ଏବଂ ଗୋଟିଏ ସମ୍ପୂର୍ଣ୍ଣ ଯୁଗର ପରିଚୟ। ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷା କ୍ଷେତ୍ରରେ ତାଙ୍କର ନିଃସ୍ୱାର୍ଥପର ଅବଦାନ ପାଇଁ ଭାରତବାସୀ ସବୁବେଳେ ତାଙ୍କ ନିକଟରେ ଋଣୀ ରହିବେ। ତାଙ୍କ ମର୍ଯ୍ୟାଦାକୁ ମଳିନ କରିବାର କୌଣସି ବି ଅପଚେଷ୍ଟାକୁ ସହ୍ୟ କରାଯିବ ନାହିଁ। ବିଜୁ ବାବୁ ଅମର ରହେ।

**ହରିପୁର, ଖଡ଼ିଅଙ୍ଗ, ଯାଜପୁର, ମୋବାଇଲ୍:୮୨୮୦୧୩୦୬୦୫**

# ଉତ୍କଳ ପ୍ରଦେଶ ଗଠନରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ



**ଡକ୍ଟର ଲକ୍ଷ୍ମଣ ସାହୁ**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିଠାରେ ରାଜା ଗୌରଚନ୍ଦ୍ର ଦେବ ଔରସରୁ ଓ ରାଣୀ ବିଷ୍ଣୁପ୍ରିୟା ଦେବୀଙ୍କର ଗର୍ଭରୁ ଭୂମିଷ୍ଠ ହୋଇଥିଲେ। ସେ ଜଣେ ସୁଶାସକ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ନେତୃତ୍ୱ ନେଇଥିଲେ। ପିତା ଓ ପିତୃବ୍ୟ ପଦ୍ମନାଭ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ଓ ମି.ଏଡମଣ୍ଡ କ୍ୟାଣ୍ଡଲର ଗୃହଶିକ୍ଷକଙ୍କ ଦାୟିତ୍ୱରେ ସେ ବାଲ୍ୟଶିକ୍ଷା ଶେଷ କରି ଉଚ୍ଚଶିକ୍ଷା ପାଇଁ ସେ ତତ୍କାଳୀନ ମାନ୍ଦ୍ରାଜ ଯାଇଥିଲେ। ମାନ୍ଦ୍ରାଜରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କ ପିତା ଗୌରଚନ୍ଦ୍ର ନାରାୟଣ ଦେବଙ୍କର ସ୍ୱର୍ଗବାସ ଘଟିଥିଲା। ନିଉଙ୍ଗଟନ ପ୍ରିନ୍ସ କଲେଜରୁ ପାଠପଢ଼ା ଶେଷ ପରେ କୃଷ୍ଣଚନ୍ଦ୍ର ୧୯୧୩ ମସିହାରେ ସ୍ୱଦେଶ ଫେରି ଖରସୁଆଁ ରାଜ୍ୟର ରାଜଜେମା ନଳିନୀ ଦେବୀଙ୍କୁ ବିବାହ କରିଥିଲେ ଓ ଶାସନ ଭାର ଗ୍ରହଣ କରିଥିଲେ। ସେ ଦକ୍ଷିଣ ଓଡ଼ିଶାର ପ୍ରଥମ ସ୍ନାତକ ଥିଲେ। ସେ ରାଜକୀୟ ବିଳାସ ବ୍ୟସନକୁ ତୁଚ୍ଛ ମନେ କରି ନିଜକୁ ଜନସେବାରେ ନିୟୋଜିତ କରୁଥିଲେ।

ସେ ସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଭିନ୍ନ ପ୍ରଶାସନିକ ଅଧିନରେ ରହିଥିଲା। ତେଣୁ ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକ ଗୋଟିଏ ଅଞ୍ଚଳରେ ରହିଲେ, ଉନ୍ନତି ସମ୍ଭବ ବୋଲି ସେ ଅନୁଭବ କରି ତା'ର ଏକତ୍ରୀକରଣ କାର୍ଯ୍ୟ କରିବାକୁ ଆଗେଇ ଆସିଥିଲେ। ଯାହା ଫଳରେ ୧୯୧୨ରେ ପାରଳାଖେମୁଣ୍ଡିରେ ହୋଇଥିବା ଉତ୍କଳ ସମ୍ମିଳନୀରେ ସେ ଜଣେ ମୁଖ୍ୟ ପୁରୋଧା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ପୁନର୍ବାର ୧୯୧୪ ମସିହା ଡିସେମ୍ବର ୨୭ ଓ ୨୮ ତାରିଖରେ ସେ ଦଶମ ଉତ୍କଳ ସମ୍ମିଳନୀ ପାରଳାଖେମୁଣ୍ଡି ଠାରେ ଆହୂତ କରି ନିଜର କର୍ମକୁଶଳତା ପାରିଦର୍ଶିତା ଦେଖାଇଥିଲେ। ବାସ୍ତବରେ ସେଠାରେ ପ୍ରଥମଥର ପାଇଁ ତାଙ୍କରି ପ୍ରଚେଷ୍ଟାରେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପଡ଼ିଥିଲା। ଏହି ସମ୍ମିଳନୀର ପ୍ରାରମ୍ଭରେ କୃଷ୍ଣଚନ୍ଦ୍ର ଗଜପତି ଦୃଢ଼ତାର ସହିତ ପ୍ରସ୍ତାବ ଦେଇ କହିଲେ,"ଓଡ଼ିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରିବାପାଇଁ କେବଳ ଦାବି ନ କରି ସମଗ୍ର ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳକୁ ଏକତ୍ରୀତ କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବି କରିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ।" କୃଷ୍ଣଚନ୍ଦ୍ରଙ୍କର ଏଇଭଳି ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ସମ୍ମିଳନୀର ନେତୃବର୍ଗ ଏପରିକି ବୟୋଜ୍ୟୋଷ୍ଠ ନେତା ମଧୁବାବୁଙ୍କୁ ମଧ୍ୟ ଚକିତ କରି ଦେଇଥିଲା। କୃଷ୍ଣ ଚନ୍ଦ୍ର ଗଜପତିଙ୍କର ଏହି ବଜ୍ର ନିର୍ଘୋଷ ନିନାଦ ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଶଶିଭୂଷଣ ରଥ ଓ ମଧୁସୂଦନ ଦାସ ଇତ୍ୟାଦିଙ୍କ ସମର୍ଥନ ପାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ପ୍ରସ୍ତାବ ଭାବରେ ଉତ୍କଳ ସମ୍ମିଳନୀରେ ଗୃହୀତ ହୋଇଥିଲା।

୧୯୧୭ ମସିହାରେ ମଣ୍ଟେଗୁ-ଚେମସ୍ ଫୋର୍ଡ କମିଟି ଭାଷାଭିତ୍ତିକ ପ୍ରଦେଶ ଗଠନ ସପକ୍ଷରେ ମତ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଉତ୍କଳର ସଦସ୍ୟଭାବେ କୃଷ୍ଣଚନ୍ଦ୍ର ଦିଲ୍ଲୀଠାରେ ମଣ୍ଟେଗୁଙ୍କ ସହିତ ସାକ୍ଷାତ କରିଥିଲେ। ୧୯୨୨ ମସିହାରେ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ପାଇଁ ଏକ ସ୍ୱତନ୍ତ୍ର ପ୍ରସ୍ତାବ ଗୃହୀତ ହୋଇଥିଲା। ଫିଲିପ୍ ଡଫ୍ କମିଟି ବିଶାଖାପାଟଣା ଓ ଗଞ୍ଜାମ ଗସ୍ତ ବେଳେ ଗଜପତିଙ୍କ ସହିତ ସାକ୍ଷାତ କରିଥିଲେ। ୧୯୨୭ ମସିହାରେ ଭାରତରେ ଶାସନ ସଂସ୍କାର ପାଇଁ ବ୍ରିଟିଶ୍ ସରକାର ସାଇମନ୍ କମିଶନ୍ ନିଯୁକ୍ତି କରିଥିଲେ। ସମଗ୍ର ଦେଶ ସେତେବେଳେ ସାଇମନ୍ କମିଶନଙ୍କୁ ବାସନ୍ଦ କରିଥିଲେ। କିନ୍ତୁ ଓଡ଼ିଶାର ସ୍ୱାର୍ଥ ନିମନ୍ତେ ଗଜପତି ଅଣ୍ଟାଭିଡ଼ି ସାଇମନ୍ କମିଶନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ଆଗେଇ ଯାଇଥିଲେ। ଯା'ଫଳରେ ଓଡ଼ିଶା କଥା ବିଚାର କରିବା ପାଇଁ ଅଟଲିଙ୍କ ଅଧ୍ୟକ୍ଷତାରେ ଏକ ସବ୍ କମିଟି ଗଠନ କରାଯାଇଥିଲା ଓ ସେହି କମିଟି ଓଡ଼ିଶା ନିମନ୍ତେ ଅନୁକୂଳ ମତପୋଷଣ କରିଥିଲା। ସେହି ସମୟରେ ପ୍ରଥମ ଗୋଲ ଟେବୁଲ ବୈଠକ (୧୯୩୦-୩୧) ଲଣ୍ଡନଠାରେ ଅନୁଷ୍ଠିତ ହେଲା। ତେଣୁ ବିହାର ଓ ଓଡ଼ିଶା ସରକାଙ୍କ ତରଫରୁ କୃଷ୍ଣଚନ୍ଦ୍ର ଗଜପତି ମନୋନୀତ ସଭ୍ୟଭାବେ ଗୋଲ ଟେବୁଲ୍ ବୈଠକରେ ଯୋଗ ଦେବାର ସୁଯୋଗ ପାଇଥିଲେ। କୃଷ୍ଣ ଚନ୍ଦ୍ର ଗଜପତି ବୈଠକରେ ଯୋଗ ଦେଇ ପ୍ରଥମ କରି ଓଡ଼ିଶାର ଦାବୀ ଉତ୍‌ଥାପନ କରିଥିଲେ । ସେ ଏକ ଐତିହାସିକ ଭାଷଣ ଦେଇ ବ୍ରିଟିଶ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି କହିଥିଲେ। ତାଙ୍କର ପ୍ରାରମ୍ଭିକ ମୁଖ୍ୟ ଦାବି ଥିଲା "ଆମେ ଚାହୁଁ ଭାଷା ଓ ଜାତି ସୂତ୍ରରେ ପ୍ରଦେଶ ଗଠନ। ଏକ



କୋଟି ଓଡ଼ିଆଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଅନୁମତି ନଦେଇ ଆପଣମାନେ ଭାରତରେ ନୂତନ ଶାସନ ସଂସ୍କାର କରିପାରିବେ ନାହିଁ।" ଏହି ମନୀଷୀଙ୍କ ଯୁକ୍ତିଯୁକ୍ତ ବକ୍ତବ୍ୟ ଶୁଣି ଗୋଲ ଟେବୁଲ୍ ବୈଠକରେ ଉପସ୍ଥିତ ବ୍ରିଟିଶ ସରକାରଙ୍କର ପ୍ରତିନିଧିମାନେ ସ୍ତବ୍ଧ ଓ ମୁଗ୍ଧ ହୋଇଯାଇଥିଲେ।

ଯାହା ଫଳରେ ବିଲାତ ସରକାର ୧୯୩୧ ମସିହାରେ ଓଡ଼ନେଲ କମିଟି ବସାଇଲେ ଓ ଏହି କମିଟି ମୁଖ୍ୟତଃ ତିନୋଟି ବିଷୟ ପ୍ରତି ଧ୍ୟାନ ଦେଇଥିଲେ। ତନ୍ମଧ୍ୟରୁ ଗୋଟିଏ ଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୀମା ନିର୍ଦ୍ଧାରଣ। ୧୯୩୨ ମସିହାରେ ଓଡ଼ନେଲ କମିଟି ରିପୋର୍ଟ ପ୍ରକାଶ ପାଇଲା। ଫିଲିପ୍ ଡଫ୍ କମିଟିର ଅନୁମୋଦନ ଲାଭକରି ୧୯୩୩ ମସିହାରେ ଏହି ବିଷୟ ଶ୍ୱେତପତ୍ରରେ ପ୍ରକାଶ ପାଇଥିଲା। ସେହି ଶ୍ୱେତପତ୍ର ନୈରାଶ୍ୟଜନକ ଥିଲା। କାରଣ ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀ ସେଥିରୁ ବାଦ୍ ପଡ଼ିଥିଲା। ମଧୁବାବୁଙ୍କ ନିବେଦନ କ୍ରମେ କୃଷ୍ଣଚନ୍ଦ୍ର ଜଏଣ୍ଟ ସିଲେକ୍ଟ କମିଟି ଆଗରେ ଏହି କଥା ଉପସ୍ଥାପନା କରିବା ନିମନ୍ତେ ବିଲାତ ଯାଇ ୧୯୩୪ରେ ପାରଳାଖେମୁଣ୍ଡିର ଓଡ଼ିଶାରେ ମିଶ୍ରଣ ପାଇଁ ଜଏଣ୍ଟ ପାର୍ଲାମେଣ୍ଟାରି କମିଟିଠାରେ ଆବେଦନ କରିଥିଲେ। ଏହି କମିଟିର ଅଧ୍ୟକ୍ଷ ଲର୍ଡ଼ ଲିନ୍‌ଲିଥ୍‌ଗୋଙ୍କୁ ପ୍ରଭାବିତ କରିପାରିଥିଲେ। ପରେ ଭାରତର ବଡ଼ଲାଟ ଲର୍ଡ଼ ଉଇଲିଂଡ଼ନ୍‌ଙ୍କୁ ପ୍ରଭାବିତ କରି ଓଡ଼ିଶା ସହିତ ପାରଳାଖେମୁଣ୍ଡି ଓ ଜୟପୁରକୁ ମିଶାଇବା ପାଇଁ ରାଜି କରାଇ ପାରିଥିଲେ। ତାଙ୍କଦେଇ ଲେଖା ମେମୋରେଣ୍ଡମରେ ଓଡ଼ିଶା ସହିତ ପାରଳାଖେମୁଣ୍ଡିର ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ସ୍ପଷ୍ଟ ଦାବିକୁ ଅଗ୍ରାଧିକାର ଦେଇ ଇଂରେଜ ସରକାର ଏହାକୁ ଓଡ଼ିଶା ଅନ୍ତର୍ଗତ କରିଥିଲେ ଓ ୧୯୩୬ ଏପ୍ରିଲ ପହିଲାରେ ଏହି ଦାବି ଓ ଉତ୍କଳ ସମ୍ମିଳନୀର ଦାବି ଫଳରେ ୬ ଗୋଟି ଜିଲ୍ଲାକୁ ନେଇ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ମାନ୍ୟତା ଲାଭ କରିଥିଲା।

ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ କୃଷ୍ଣଚନ୍ଦ୍ର ଗଜପତି ତିନିଥର ଲଣ୍ଡନ ଯାତ୍ରା କରିଥିଲେ। ଶୁଣାଯାଏ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ୱତନ୍ତ୍ର ଉତ୍କଳ ଗଠନ ନେଇ ବାରମ୍ବାର ଲଣ୍ଡନ ଯିବାଫଳରେ ସେ ଅର୍ଥନୈତିକ ଚାପରେ ପଡ଼ି ରାଜପ୍ରସାଦର ବହୁ ମୂଲ୍ୟବାନ ଅଳଙ୍କାର ପ୍ରଜାଙ୍କ ମଙ୍ଗଳପାଇଁ ବିକ୍ରି କରିଥିଲେ। ଏପରିକି ପିତାଙ୍କ ସଂରକ୍ଷିତ ରାଜକୋଷ ୨୫ ଲକ୍ଷ ଟଙ୍କାରୁ ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ଖର୍ଚ୍ଚ ନକରି ଦେଶୋପକାରରେ ଲଗାଇ ଥିଲେ। ସ୍ୱତନ୍ତ୍ର ପ୍ରଦେଶ ଗଠନ କେବଳ ନୁହେଁ ଭାଷା ଆନ୍ଦୋଳନରେ ଭୂମିକା ଅନନ୍ୟ। ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ୧୯୩୭ ମସିହା ଏପ୍ରିଲ ପହିଲାରୁ ଜୁଲାଇ ମାସ ଅଠର ତାରିଖ ପର୍ଯ୍ୟନ୍ତ ଶାସନ କାର୍ଯ୍ୟ ପରିଚାଳନା କରିଥିଲାବେଳେ ପୁର୍ନବାର ୧୯୪୧ ମସିହା ନଭେମ୍ବର ମାସଠାରୁ ୧୯୪୪ ମସିହା ଜୁନ ମାସ ପର୍ଯ୍ୟନ୍ତ ତୃତୀୟ ମନ୍ତ୍ରିମଣ୍ଡଳରେ ପୁନର୍ବାର ପ୍ରଧାନମନ୍ତ୍ରୀ ରୂପେ ଯୋଗଦେଇ ଦକ୍ଷତାର ସହ କାର୍ଯ୍ୟ ତୁଲାଇଥିଲେ।

ନିଜର ମାସିକ ଦରମା ଓ ଗସ୍ତଖର୍ଚ୍ଚ ସବୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ ଦେଉଥିଲେ। ବିଭିନ୍ନ ଉନ୍ନୟନ କାର୍ଯ୍ୟ ପଛା ସହିତ ପଣ୍ଡିତ ଗୋପୀନାଥ ନନ୍ଦଙ୍କ "ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ"ର ମୁଦ୍ରଣ ଖର୍ଚ୍ଚ, ଗୋପାଳକୃଷ୍ଣ ପଦ୍ୟାବଳୀର ପ୍ରକାଶନ, ଜଗବନ୍ଧୁ ସିଂହଙ୍କ "ପ୍ରାଚୀନ ଉତ୍କଳ" ପ୍ରକାଶନ, ସିଂହଭୂମି ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରସାର ଓ ପ୍ରଚାର ,"ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ୫ମ ଖଣ୍ଡ"ର ମୁଦ୍ରଣ ଓ ବହୁ କାବ୍ୟର ପ୍ରକାଶନ ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇ ନିଜକୁ ଜଣେ ସାହିତ୍ୟାନୁରାଗୀ ଭାବରେ ପରିଚୟ ଦେଇଥିଲେ। ଏପରିକି ଓଡ଼ିଶାର କୃଷକମାନଙ୍କ ଉନ୍ନତି ପାଇଁ ପାରଳାଖେମୁଣ୍ଡିରେ ଆଦର୍ଶ କୃଷି ଫାର୍ମ ଓ କଟକଠାରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠାର ପ୍ରାରମ୍ଭିକ କାର୍ଯ୍ୟ ମଧ୍ୟ ତାଙ୍କ ସମୟରେ ଆରମ୍ଭ ହୋଇଥିଲା। ସେ ପାରଳାଖେମୁଣ୍ଡିରେ ଛୋଟ ଇସ୍ପାତ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରି ତାକୁ ଟାଟା କମ୍ପାନୀ ସହିତ ଚୁକ୍ତି କରିଥିଲେ। ଓଡ଼ିଶାରେ କଳା ଓ ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ତାଙ୍କର ଅବଦାନ ଅତୁଳନୀୟ। ବିଶେଷ କରି ଲଳିତକଳା, ସାହିତ୍ୟ, ସଙ୍ଗୀତ, ରାଗ ରାଗିଣୀ, ଗୋଟିପୁଅ ନାଚ ବା ଗାନ୍ଧର୍ବ ବିଦ୍ୟାରେ ମହାରାଜାଙ୍କ ଜନ୍ମସ୍ଥାନ ପାରଳାଖେମୁଣ୍ଡି ଥିଲା ଚିରପ୍ରସିଦ୍ଧ। ଯାହାକି ସହରର ଅବସ୍ଥିତି ସାହିତ୍ୟ ସଙ୍ଗୀତର ଏକ କ୍ଷୁଦ୍ର ସଂସ୍କରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଦୃଷ୍ଟିରୁ ଘୁମୁସରର ରାଜା ଧନଞ୍ଜୟ ଭଞ୍ଜ ନାତି ଉପେନ୍ଦ୍ର ଭଞ୍ଜଙ୍କୁ କଥା ଛଳରେ କହିଥିଲେ-

'ଗଣିତରେ ଖଣ୍ଡପଡା ସଂସ୍କୃତରେ ନୟାଗଡ଼
*କ୍ଷତ୍ରିୟରେ ଘୁମୁସର*
*ଧରାକୋଟ ରାଜନୀତି,*
*ଗନ୍ଧର୍ବବିଦ୍ୟାରେ ପାରଳାଖେମୁଣ୍ଡି*
*ମନେରଖିଥିବୁ ନାତି।'*

ବାସ୍ତବରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଉତ୍କଳ ପ୍ରଦେଶ ଗଠନ ଭାଷା ଆନ୍ଦୋଳନରେ ତାଙ୍କର ଅବଦାନ ଅତୁଳନୀୟ ଓ ଅବର୍ଣ୍ଣନୀୟ...!!!

**ଅଧ୍ୟକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ**
**କଟକ -୪, ମୋବାଇଲ୍: ୯୦୪୦ ୧୫୧୪୭୫**

# ଏମିତି କାହାଣୀ କେବେ ଶୁଣିନି

**ସୁବାସ କୁମାର ତାରଣିଆଁ**

ପ୍ରତିଦିନ ଖବରକାଗଜ ପଢ଼ିଲା ବେଳେ, ଯୌତୁକ ଲୋଭରେ ନବବଧୂକୁ ହତ୍ୟା, ସ୍ୱାମୀ, ଶଶୁର ଓ ଶାଶୁ ଗିରଫ। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ବଡ଼ଭାଇକୁ ହତ୍ୟା କଲା ସାନଭାଇ। ସମ୍ପତ୍ତି ଲୋଭରେ ଶଶୁରଙ୍କୁ ବିଷଦେଇ ମାରିଲା ବୋହୂ। ଜମିବାଡ଼ିକୁ କେନ୍ଦ୍ର କରି ପଡ଼ୋଶୀ ପରିବାରକୁ ଆକ୍ରମଣ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଠିକାଦାରଙ୍କୁ ଗୁଳି କରି ହତ୍ୟା ଆଦି ଅନେକେ କାହାଣି ବିଷୟରେ ଜାଣିଛେ। ହେଲେ ଏମିତି ଏକ ଅଦ୍ଭୁତ କାହାଣି କେହି କେବେ ଶୁଣିନଥିବେ। ଆଶ୍ଚର୍ଯ୍ୟ ଲାଗିଲେ ବି ଘଟଣାଟି ସତ୍ୟ। ପିତାଙ୍କ ଅନ୍ତିମ ସଂସ୍କାରକୁ କେନ୍ଦ୍ର କରି ଭ୍ରାତୃ ବିବାଦ, ମୃତଦେହକୁ ଦୁଇଖଣ୍ଡ କରି କାଟିବାକୁ ଦାବିକଲା ବଡ଼ଭାଇ। ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି ମଧ୍ୟପ୍ରଦେଶରେ।

ମଧ୍ୟପ୍ରଦେଶର ଟିକମଗଡ଼ ଜିଲ୍ଲାରେ ଏଭଳି ବିଚିତ୍ର ଘଟଣା ଲୋକଲୋଚନକୁ ଆସିଥିଲା। ଟିକମଗଡ଼ ଜିଲ୍ଲା ଅନ୍ତର୍ଗତ ଲଢୋରାତାଲ ଗ୍ରାମରେ ସାନପୁଅ ଦେଶରାଜଙ୍କ ସହିତ ରହୁଥିବା ଧ୍ୟାନୀ ସିଂ ଘୋଷଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଥିଲା। ଧ୍ୟାନୀ ସିଂଙ୍କ ଜ୍ୟେଷ୍ଠପୁତ୍ର କିଷାନ ବାହାରେ ରହୁଥିଲେ। ପିତାଙ୍କ ମୃତ୍ୟୁ ଖବର ଦେଶରାଜ ବଡ଼ଭାଇ କିଷାନଙ୍କୁ ଜଣାଇବା ପରେ, କିଷାନ ଗାଁରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାରକୁ ନେଇ ଦୁଇଭାଇଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। କିଷାନ ଜ୍ୟେଷ୍ଠପୁତ୍ର ହୋଇଥିବାରୁ ପିତାଙ୍କ ଶବ ସତ୍କାର କରିବାକୁ ହକ୍‌ଦାର ବୋଲି ଦାବି କରିଥିଲେ। ଅପର ପକ୍ଷରେ ପିତାଙ୍କୁ ଶେଷ ସମୟ ପର୍ଯ୍ୟନ୍ତ ନିଜ ପାଖରେ ରଖିଥିବାରୁ ଏବଂ ସାନପୁତ୍ର ଶେଷକୃତ୍ୟ ସମ୍ପନ୍ନ କରିବାକୁ ମୃତ୍ୟୁ ପୂର୍ବରୁ ପିତା କହିଥିବାରୁ ଏହି ସୁଯୋଗ ଦେଶରାଜଙ୍କୁ ମିଳୁ ବୋଲି ଯୁକ୍ତି ଦର୍ଶାଇଥିଲେ। ବିବାଦ ଏତେ ବଢ଼ିଯାଇଥିଲା ଯେ, ଶେଷରେ ବଡ଼ଭାଇ ପିତାଙ୍କ ମୃତଦେହକୁ ଦୁଇଖଣ୍ଡ କରି କାଟି ପରସ୍ପର ଭିତରେ ବାଣ୍ଟି ଅନ୍ତ୍ୟେଷ୍ଟି କ୍ରିୟା କରିବାକୁ ବିଚିତ୍ର ପ୍ରସ୍ତାବ ଦେଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଥାନାରେ ମାମଲା ରୁଜୁ ହୋଇଥିଲା। ଶେଷରେ ଗ୍ରାମବାସୀଙ୍କ ହସ୍ତକ୍ଷେପ ଓ ପୁଲିସ୍ ସହାୟତାରେ ସାନଭାଇ ଦେଶରାଜ ପିତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିବା ଜଣାପଡ଼ିଥିଲା।

ସେହିପରି ଆଉ ଏକ ଚାଞ୍ଚଲ୍ୟକର ଘଟଣା ଘଟିଥିଲା ବଲାଙ୍ଗୀର ଜିଲ୍ଲାରେ। ଉକ୍ତ ଜିଲ୍ଲାର ବାନ୍ଧନବାହାଲ ସରକାରୀ ପ୍ରାଇମେରୀ ବିଦ୍ୟାଳୟରେ ପ୍ରଭୂଦତ୍ତ ସାହୁ ସହକାରୀ ଶିକ୍ଷକ ରୂପ କାର୍ଯ୍ୟ କରି ଆସୁଥିଲେ। ମାତ୍ର ଦୀର୍ଘ ତିନିମାସ ଧରି ଉକ୍ତ ଶିକ୍ଷକଙ୍କର ଦରମା ନ ମିଳିବାରୁ ତାଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ତେଣୁ ସେ ବାଧ୍ୟ ହୋଇ ମଜୁରୀ କାମ କରିବା ପାଇଁ ଛୁଟି ମଞ୍ଜୁର ନିମନ୍ତେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ଲେଖିଥିଲେ। ପ୍ରଧାନ ଶିକ୍ଷକ ମଧ୍ୟ ତାଙ୍କ ଛୁଟି ମଞ୍ଜୁର କରିବାରୁ ପ୍ରଭୂଦତ୍ତ ମଜୁରୀ କାମ ଆରମ୍ଭ କରି ଥିଲେ ଯାହା ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିଲା।

ସର୍ବସମ୍ମୁଖରେ ସ୍ତ୍ରୀର ବିବାହ ଆୟୋଜନ କରିଥିଲା ସ୍ୱାମୀ। ପୁରୁଷବନ୍ଧୁ ଆସିଲା, ସ୍ତ୍ରୀ ମୁଣ୍ଡରେ ସିନ୍ଦୁର ଭରିଲା, ସ୍ୱାମୀ ସେମାନଙ୍କୁ ଆଶୀର୍ବାଦ ଦେଲେ ଓ କହିଲେ ଦୁଇ ଛୁଆଙ୍କୁ ମୁଁ ରିଖିଦେବ, ତୁମେ ତୁମ ନୂଆ ସ୍ୱାମୀ ସହ ଖୁସିରେ ରୁହ। ଉତ୍ତର ପ୍ରଦେଶରେ ଘଟିଛି ଏଭଳି ଏକ ଘଟଣା। କଟାରଜୋତ ଗ୍ରାମର ରାଧିକା ବବୁଲୁକୁ ୨୦୧୭ ମସିହାରେ ବିବାହ କରିଥିଲେ। ଉଭୟ ପରିବାର ସହ ଖୁସିରେ ବିତାଉଥିଲେ। ସେମାନଙ୍କ ମଧ୍ୟ ଦୁଇଟି ସନ୍ତାନ୍ତ ଥିଲେ। ତେବେ ବବୁଲୁ କାମ ସନ୍ଧାନରେ ବାହାରେ ରହୁଥିବା ବେଳେ ତାଙ୍କ ପତ୍ନୀ ରାଧିକାଙ୍କ ସେହି ଗାଁର ଜଣେ ଯୁବକ ବିକାଶ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯେତେବେଳେ ସ୍ୱାମୀ ବବୁଲୁ ଏକଥା ଜାଣିବାକୁ ପାଇଲେ, ଘରେ ପାରିବାରିକ କଳହ ଆରମ୍ଭ ହୋଇଯାଇଥିଲା। ଏପରିକି ରାଧିକା ପ୍ରେମିକ ବିକାଶ ସହ ଘରୁ ପଳାଇ ଯାଇଥିଲେ ଓ ଚାରିଦିନ ପରେ ଫେରିଥିଲେ। ବବୁଲୁ ଏ ଘଟଣାର ସ୍ଥାୟୀ ସମାଧାନ ଚାହୁଁଥିବାରୁ ସେ ଥାନାରେ ଅଭିଯୋଗ କରିଥିଲେ। ହେଲେ ରାଧିକା ଥାନାରେ ପୋଲିସ୍‌କୁ କହିଥିଲେ ସେ ବିକାଶ ସହିତ ରହିବେ। ଏହାପରେ ବବୁଲୁ ଗ୍ରାମବାସୀଙ୍କୁ ଡ଼ାକି ପତ୍ନୀ ରାଧିକାର ବିବାହ ଆୟୋଜନ କରିଥିଲେ। ଗ୍ରାମବାସୀଙ୍କ ସମ୍ମୁଖରେ ବିକାଶ ରାଧିକାଙ୍କ ମଥାରେ ସିନ୍ଦୁର ଭରିଥିଲେ ଆଉ ଦୁହେଁ ପରସ୍ପରକୁ ମାଳ ପିନ୍ଧାଇଥିଲେ ଓ ରାଧିକା ବିକାଶଙ୍କ ପାଦ ଛୁଇଁ ପ୍ରଣାମ କରିଥିଲା। ଏହାପରେ ବବୁଲୁ କହିଥିଲେ ତୁମେ ଦୁଇ ପିଲାକଥା ଚିନ୍ତା କରିବନି, ତାଙ୍କୁ ମୁଁ ପାଖରେ ରଖିବି, ତୁମେ ନୂଆ ସ୍ୱାମୀ ସହ ଖୁସିରେ ରୁହ। ଏହାଶୁଣି ଭୋ ଭୋ ହୋଇ କାନ୍ଦିଥିଲେ ରାଧିକା ଏହାପରେ ଉପସ୍ଥିତ ଲୋକେ ରାଧିକାକୁ ସାନ୍ତ୍ୱନା ଦେଇଥିଲେ। ବବୁଲୁଙ୍କ କହିବା କଥା, ରାଧିକାକୁ ଯେତେ ବୁଝାଇଲେ ବି ସେ ବୁଝିନଥିଲେ। ଫଳରେ ସେ ବାଧ୍ୟ ହୋଇ ନିଜ ପତ୍ନୀର ବିବାହ କରାଇଥିଲେ। ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ପିତାମାତା, ଭାଇ, ସାଙ୍ଗସାଥୀଙ୍କୁ ହତ୍ୟା କରିବାର ଅନେକ ନଜିର ରହିଛି। ହେଲେ ଯାଜପୁର ଟାଉନ୍‌ଥାନା ଅରକପଡ଼ା ଗ୍ରାମର ଆଶିଷ ମଲ୍ଲିକ ନାମକ ଜଣେ ନିଶାସକ୍ତ ଯୁବକ ଭଗବାନ ମଲ୍ଲିକଙ୍କ ବାଛୁରୀକୁ ହାଣି ଦେଇଥିବା ଅଭିଯୋଗ ହୋଇଥିଲା। ଭଗବାନ ଗୋପାଳନ କରି ନିଜ ପରିବାର ପ୍ରତିପୋଷଣ କରି ଆସୁଥିଲେ। ପ୍ରତିଦିନ ପରି ଭଗବାନ ନିଜ ଗାଈ ଓ ବାଛୁରୀକୁ ଏକ ଖୋଲା ପଡ଼ିଆରେ ଘାସ ଚରିବାକୁ ଛାଡ଼ି ଦେଇ ଆସିଥିଲେ। କିଛି ସମୟ ପରେ ପଡ଼ିଆରୁ ଜୋର୍‌ରେ ଶବ୍ଦ ଶୁଭିବାରୁ ଭଗବାନ ଯାଇ ଦେଖିଥିଲେ ଯେ, ଗାଈ ଘାସ ଚରୁଥିବା ବେଳେ ବାଛୁରୀଟି ଗାଈ ପାଖରେ ନଥିଲା। ତେଣୁ ଭଗବାନ ବାଛୁରୀକୁ ଖୋଜୁଥିବା ସମୟରେ ଆଶିଷ ଏକ ପନିକିରେ ବାଛୁରୀକୁ ଚୋଟ ପରେ ଚୋଟ ପକାଇ ଚାଲିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଛୁରୀଟି ତଳେ ଛଟପଟ ହେଉଥିବା ବେଳେ ଭବବାନଙ୍କୁ ଦେଖି ନିଶାସକ୍ତ ଆଶିଷ ସେଠାରୁ ପଳାଇ ଯାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମରେ ବୈଠକ ପରେ ଅଭିଯୁକ୍ତର ଅମାନୁଷିକ କାଣ୍ଡକୁ ନେଇ ଗ୍ରାମବାସୀ ଯାଜପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟକୁ ପଠାଇଥିଲେ ଓ ବ୍ୟବହାର କରିଥିବା ହତିଆରକୁ ଜବତ କରି ଅଭିଯୁକ୍ତକୁ ଥାନାରେ ଅଟକ ରଖିଥିଲେ।

ଜମିବାଡ଼ି ହେଉ ବା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅକାଳରେ ଅନେକ ଜୀବନଦୀପ ଲିଭି ଯାଉଥିବା ବେଳେ ଏଥିରେ ରୋକ ଲଗାଇଛନ୍ତି ଜଣେ ୧୬ ମାସର ଶିଶୁ ଅନ୍ୱେଶ ଲେଙ୍କା। ଯେଉଁ ବୟସରେ ଖେଳକୁଦ କରି ଘରକୁ କମ୍ପାଇ ଦେଉଥିଲା, ସମସ୍ତଙ୍କର ପ୍ରିୟପାତ୍ର ଥିଲା। ହେଲେ ବିଧିର ବିଧାନ ଥିଲା ବିଚିତ୍ର। ଜନ୍ମେଶ ଖାଇସାରି ଖେଳୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଏମ୍‌ସ ଶିଶୁ ବିଭାଗରେ ଭର୍ତ୍ତି କରିଥିଲେ ଡାକ୍ତରଙ୍କ ପରୀକ୍ଷା ପରେ ଜନ୍ମେଶ ଶ୍ୱାସକ୍ଲାନ୍ତ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଡାକ୍ତରଙ୍କ ତତ୍ତ୍ୱାବଧାନରେ ଜନ୍ମେଶଙ୍କର ଚିକିତ୍ସା ଚାଲିଥିଲା। ଦୁଇ ସପ୍ତାହ ଆଇସିୟୁରେ ରହିବା ପରେ ଡାକ୍ତରଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ଜନ୍ମେଶଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କୁ ଜୀବନ ଉପହାର ଦେବା ପାଇଁ ଡାକ୍ତରୀଦଳ ଅଙ୍ଗଦାନ ବିଷୟରେ ଜନ୍ମେଶଙ୍କ ବାପା ମା'ଙ୍କୁ ପରାମର୍ଶ ଦେଇଥିଲେ। ବାପା, ମା' ଅଙ୍ଗଦାନ ପାଇଁ ସମ୍ମତି ପ୍ରଦାନ କରିଥିଲେ। ଏହାପରେ ଡାକ୍ତରଙ୍କ ନେତୃତ୍ୱରେ ଦୁଇଜଣ ରୋଗୀଙ୍କୁ ଜନ୍ମେଶଙ୍କ ଦୁଇଟି କିଡ୍‌ନୀ ଓ ଲିଭର ପ୍ରଦାନ କରାଯାଇଥିଲା। ମାତ୍ର ୧୬ମାସ ବୟସରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରି ଜନ୍ମେଶ ଆରପାରିକୁ ଚାଲିଯିବା ପୂର୍ବରୁ ସାରା ଦୁନିଆ ପାଇଁ ଉଦାହରଣ ପାଲଟି ଯାଇଛନ୍ତି।

୧୯୯୧ ମସିହାରେ ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବକ ୧୩ ବର୍ଷୀୟା ନାବାଳିକା ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ନାବାଳିକା ଗର୍ଭବତୀ ହେବାରୁ ଯୁବକଜଣଙ୍କ ତାଙ୍କୁ ଔଷଧ ଦେଇ ଗର୍ଭପାତ କରାଇଥିଲେ। ଏ ନେଇ ପୀଡ଼ିତାଙ୍କ ପିତା ଆନନ୍ଦପୁର ଏସ୍‌ଡିଜେଏମ୍ ଅଦାଲତରେ ଅଭିଯୋଗ ଦାୟର କରିଥିଲେ। ଆନନ୍ଦପୁର ସହକାରୀ ଦୌରାଜଜ ଅଦାଲତରେ ମାମଲାର ଶୁଣାଣି ହୋଇଥିଲା। ୧୯୯୨ ମସିହା ଫେବୃଆରୀ ୧୨ ତାରିଖରେ ଅଦାଲତ ରାୟ ପ୍ରକାଶ କରି ଆଇପିସି ଦଫା ୩୧୩ ଓ ୪୯୩ରେ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ୍ ଓ ୧ ହଜାର ଟଙ୍କା ଜାରିମାନା ଦଣ୍ଡ ପ୍ରଦାନ କରିଥିଲେ। ସହକାରୀ ଦୌରାଜଜ ଅଦାଲତଙ୍କ ରାୟ ବିରୁଦ୍ଧରେ ଆବେଦନକାରୀ ୧୯୯୩ ମସିହା ଫେବୃଆରୀ ୨୨ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ବିଚାରଧୀନ ଥିବାବେଳେ ୧୯୯୩ ଅଗଷ୍ଟ ୩ ତାରିଖରେ ଆବେଦନକାରୀଙ୍କୁ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଚ୍ଚ ନ୍ୟାୟାଳୟରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଇତିମଧ୍ୟରେ ୩୧ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଓ ଆବେଦନକାରୀ ଜାମିନର କୌଣସି ସର୍ତ୍ତ ଉଲଙ୍ଘନ କରିନଥିବା ନେଇ ଅଭିଯୋଗ ନାହିଁ। ତେଣୁ ତଥ୍ୟ ଓ ପ୍ରମାଣ ଦୃଷ୍ଟିରୁ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶରରେ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିନଥିଲେ ମଧ୍ୟ ବର୍ତ୍ତମାନ ଆବେଦନକାରୀଙ୍କୁ ୬୩ ବର୍ଷ ବୟସ ବିଚାରକୁ ନେଇ ପିଓ ଆଇନରେ ଥିବା ବ୍ୟବସ୍ଥାରେ ଯୁବକଙ୍କୁ ଜେଲ୍‌ରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

**କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର**
**ମୋବାଇଲ୍:୮୩୨୮୪୦୨୧୪**

## ତେହରାନକୁ ନୂଆ ଡେଡ୍‌ଲାଇନ

# ହର୍ମୁଜ ନ ଖୋଲିଲେ ଉଡ଼ିବ ଇରାନ



ୱାଶିଂଟନ, ୬।୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଇରାନକୁ ଏକ ବଡ଼ ଧରଣର ଆକ୍ରମଣର ଧମକ ଦେଇଛନ୍ତି। ବୁଧବାର ସକାଳ (ସ୍ଥାନୀୟ ସମୟ) ସୁଦ୍ଧା ଯଦି ତେହେରାନ୍ 'ହରମୁଜ୍ ଜଳପଥ' ସମ୍ପୂର୍ଣ୍ଣ ରୂପେ ନଖୋଲେ, ତେବେ ଇରାନର ସମସ୍ତ ବ୍ରିଜ୍ ଏବଂ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ବୋମା ମାଡ କରି ଉଡ଼ାଇ ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ୍'ରେ ଏକ ପୋଷ୍ଟ କରି ମଙ୍ଗଳବାରକୁ ଇରାନରେ 'ପାୱାର ପ୍ଲାଣ୍ଟ ଡେ' ଏବଂ 'ବ୍ରିଜ୍ ଡେ' ଭାବେ ପାଳନ କରାଯିବ ବୋଲି ସେ କହିଛନ୍ତି।

ମାର୍ଚ୍ଚ ୨୧ ତାରିଖରୁ ଟ୍ରମ୍ପ ଲଗାତାର ଏଭଳି ଧମକ ଦେଇଆସୁଥିବା ବେଳେ ବର୍ତ୍ତମାନ ଆକ୍ରମଣ ପାଇଁ ଏକ ନୂଆ ଡେଡଲାଇନ୍ ଧାର୍ଯ୍ୟ କରିଛନ୍ତି। ମଙ୍ଗଳବାର ରାତି ୮ଟା (ଇରାନର ସ୍ଥାନୀୟ ସମୟ ଅନୁଯାୟୀ ବୁଧବାର ଭୋର୍ ୩.୩୦) ସୁଦ୍ଧା ଚୁକ୍ତି ନହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ସେ କହିଛନ୍ତି। ଆମେରିକା-ଇସ୍ରାଏଲ୍ ଆକ୍ରମଣ ଯୋଗୁଁ ବର୍ତ୍ତମାନ ସୁଦ୍ଧା ଇରାନରେ ୨,୦୦୦ରୁ ଅଧିକ ଏବଂ ଲେବାନନରେ ପ୍ରାୟ ୧,୫୦୦ ଲୋକଙ୍କ ଜୀବନ ଗଲାଣି। ଆମେରିକା ମଧ୍ୟ ନିଜର ୧୩ ଜଣ ସୈନ୍ୟ ହରାଇଛି। ଏଭଳି ପରିସ୍ଥିତିରେ ଯୁଦ୍ଧକୁ ରୋକିବା ପାଇଁ ପାକିସ୍ତାନ, ଇଜିପ୍ଟ ଏବଂ ତୁର୍କୀ ଭଳି ଦେଶଗୁଡ଼ିକ ଏବେ ମଧ୍ୟସ୍ଥତାପାଇଁ ଜୋରଦାର ପ୍ରୟାସ ଚଳାଇଛନ୍ତି।

ମଧ୍ୟସ୍ଥତା କରୁଥିବା ଦେଶଗୁଡ଼ିକ ୪୫ ଦିନ ପାଇଁ ଯୁଦ୍ଧବିରାମ ଲାଗୁ କରିବାକୁ ଏକ ପ୍ରସ୍ତାବ ରଖିଛନ୍ତି। ଯାହାଫଳରେ ଆମେରିକା ଏବଂ ଇରାନ ମଧ୍ୟରେ ଏକ ଦୀର୍ଘକାଳୀନ ଚୁକ୍ତି ପାଇଁ ଆଲୋଚନା କରିବାକୁ ପର୍ଯ୍ୟାପ୍ତ ସମୟ ମିଳିପାରିବ। ପାକିସ୍ତାନ ଏହି ପ୍ରସ୍ତାବକୁ ନେଇ ମଧ୍ୟସ୍ଥତା କରୁଥିବା ବେଳେ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍ ମଧ୍ୟ ଆମେରିକା ପକ୍ଷରୁ ଏକ ୧୫-ସୂତ୍ରୀ ଶାନ୍ତି ଯୋଜନା ଦିଆଯାଇଥିବା କଥା ଉଲ୍ଲେଖ କରିଛନ୍ତି। ତେବେ ଇରାନ ଏହି ସର୍ତ୍ତଗୁଡ଼ିକୁ 'ଗ୍ରହଣଯୋଗ୍ୟ ନୁହେଁ' ବୋଲି କହିଛି।

ଦୀର୍ଘକାଳୀନ ଚୁକ୍ତି ସମ୍ଭବ ନହେଲେ ମଧ୍ୟସ୍ଥମାନେ ଏକ ସ୍ୱଳ୍ପକାଳୀନ ଯୁଦ୍ଧବିରାମ ଉପରେ ମଧ୍ୟ ବିଚାର କରୁଛନ୍ତି। ପାକିସ୍ତାନ ସେନା ମୁଖ୍ୟ ଆସିମ୍ ମୁନିର୍ ଏହି ପ୍ରସଙ୍ଗରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭ୍ୟାନ୍ସ ଏବଂ ଇରାନ ବୈଦେଶିକ ମନ୍ତ୍ରୀ ଆବାସ୍ ଅରାଘଚିଙ୍କ ସହ ଫୋନ୍‌ରେ ଆଲୋଚନା କରୁଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ, ଇରାନକୁ ହରମୁଜ୍ ଜଳପଥ ସମସ୍ତଙ୍କ ପାଇଁ ଖୋଲିବାକୁ ପଡ଼ିବ, ଯାହାଦ୍ୱାରା ଦୁଇ ଦେଶ ମଧ୍ୟରେ ବିଶ୍ୱାସ ସୃଷ୍ଟି ହୋଇପାରିବ।

## ପୁରୁଣା ସ୍ଥିତିକୁ ଫେରିବନି ହର୍ମୁଜ୍ ପ୍ରଣାଳୀ

### ଆମେରିକା ଏବଂ ଇସ୍ରାଏଲକୁ ନୂଆ ବ୍ୟବସ୍ଥା



ତେହେରାନ, ୬।୪: ଇରାନର ରିଭୋଲ୍ୟୁସନାରୀ ଗାର୍ଡ ନୌସେନା (ଆଇଆର୍‌ଜିସି) କହିଛି, ହର୍ମୁଜ୍ ପ୍ରଣାଳୀ ବିଶେଷକରି ଆମେରିକା ଏବଂ ଇସ୍ରାଏଲ ପାଇଁ କେବେବି ଆଉ ଏହାର ପୂର୍ବ ଅବସ୍ଥାକୁ ଫେରିବ ନାହିଁ। ବିବୃତିରେ କୁହାଯାଇଛି, ଇରାନ ଉପସାଗରୀୟ ଅଞ୍ଚଳରେ ଏକ ନୂଆ ବ୍ୟବସ୍ଥା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟରେ ଅଛି। ଇରାନ ସଂସଦ ଏକ ନୂତନ ଡ୍ରାଫ୍ଟ ବିଲ୍ ଉପରେ କାମ କରୁଥିବା ସମୟରେ ଆଇଆର୍‌ଜିସିର ମନ୍ତବ୍ୟ ଆସିଛି ଯାହା ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଟୋଲ୍ ଲଗାଇବ। ଏହା ବ୍ୟତୀତ, ଏହି ମାର୍ଗ ଆମେରିକା ଏବଂ ଇସ୍ରାଏଲ ପାଇଁ ପ୍ରତିବନ୍ଧିତ ହେବ। ଏହି ଡ୍ରାଫ୍ଟ ଇରାନ ଉପରେ ପ୍ରତିବନ୍ଧକ ଲଗାଇଥିବା ଦେଶମାନଙ୍କ ପାଇଁ ହର୍ମୁଜ୍ ପ୍ରଣାଳୀ ଦେଇ ପ୍ରବେଶକୁ ପ୍ରତିବନ୍ଧକ କରିବ। ଇରାନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି, ପ୍ରସ୍ତାବରେ ଇରାନର ଜାତୀୟ ମୁଦ୍ରାରେ ଦେୟ କରାଯାଉଥିବା ପାସେଞ୍ଜ ଫି ଲାଗୁ ହେବ। ଆମେରିକା ଏବଂ ଇସ୍ରାଏଲ ପାଇଁ ପରିବହନ ପ୍ରତିବନ୍ଧକ ଏବଂ ଇରାନ ବିରୋଧରେ ଏକପାଖିଆ ପ୍ରତିବନ୍ଧକରେ ସାମିଲ ଥିବା ଦେଶଗୁଡ଼ିକ ଉପରେ କଟକଣା କରାଯିବ। ସରଳ ଭାଷାରେ କହିବାକୁ ଗଲେ, ଇରାନ ସ୍ପଷ୍ଟ କରିଛି ଯେ, ସଂଘର୍ଷ ଶେଷ ହେବାଠାରୁ ବହୁ ଦୂରରେ ଅଛି। ଡ୍ରାଫ୍ଟ ଆଇନରେ ଷ୍ଟ୍ରେଟ୍ ଉପରେ ଇରାନର ସାର୍ବଭୌମତ୍ୱ, ଏହାର ସଶସ୍ତ୍ର ବାହିନୀର ଭୂମିକା, ସାମୁଦ୍ରିକ ସୁରକ୍ଷା, ପରିବେଶ ସୁରକ୍ଷା ଏବଂ ଓମାନ ସହିତ ଆଇନଗତ ସମନ୍ୱୟ ସହିତ ଜଡିତ ବ୍ୟବସ୍ଥା ମଧ୍ୟ ଉଲ୍ଲେଖ କରାଯାଇଛି।

## ଅପଶବ୍ଦ କହି ବିବାଦରେ ଟ୍ରମ୍ପ

# ୩ଦିନିଆ ଛୁଟିରେ ଗଲେ ରାଷ୍ଟ୍ରପତି



**ନ୍ୟୁୟର୍କ,୬।୪:** ଇରାନ ବିରୋଧରେ ଅପମାନଜନକ ଶବ୍ଦ ବ୍ୟବହାର କରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜକୁ ସମସ୍ୟାରେ ପକାଇଛନ୍ତି। ଆମେରିକାର ବିରୋଧୀ ସାଂସଦମାନେ ୨୫ତମ ସଂଶୋଧନ ଅନୁଯାୟୀ ତାଙ୍କ ବିରୋଧରେ ଅନାସ୍ଥା ଭୋଟ୍ ପାଇଁ ଦାବି କରୁଛନ୍ତି। ପାଞ୍ଚ ଜଣ ସାଂସଦ ଟ୍ରମ୍ପଙ୍କୁ ହଟାଇବା ପାଇଁ ଏହି ଆଇନର ବ୍ୟବହାର କରିବାକୁ କହିଛନ୍ତି। ଏହି ସାଂସଦମାନେ କହିଛନ୍ତି ଯେ, ଟ୍ରମ୍ପ ତାଙ୍କ କର୍ତ୍ତବ୍ୟ ପାଳନ କରିବାରେ ଅକ୍ଷମ। ତାଙ୍କୁ ପଦରୁ ହଟାଇବା ଏକମାତ୍ର ବିକଳ୍ପ। ଯୁକ୍ତରାଷ୍ଟ୍ରରେ, ରାଷ୍ଟ୍ରପତିଙ୍କୁ ପଦଚ୍ୟୁତ କରିବା କିମ୍ବା ଅପସାରଣ କରିବା ବିଷୟରେ ୨୫ତମ ସଂଶୋଧନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଏହି ଆଇନ ଅନୁଯାୟୀ, ଯଦି ରାଷ୍ଟ୍ରପତିଙ୍କୁ ଅପସାରିତ କରାଯାଏ, ତେବେ ଉପରାଷ୍ଟ୍ରପତି ତାଙ୍କ କାର୍ଯ୍ୟକାଳର ଅବଶିଷ୍ଟ ସମୟ ପାଇଁ ତାଙ୍କର କାର୍ଯ୍ୟଭାର ଗ୍ରହଣ କରିଥାନ୍ତି।

ରବିବାର ଡୋନାଲ୍ଡ ଟ୍ରମ୍ପ ଏକ ପୋଷ୍ଟରେ ଇରାନ ବିଷୟରେ ଆପତ୍ତିଜନକ ଭାଷା ବ୍ୟବହାର କରିଥିଲେ, ଯାହା ଆମେରିକାର ବିରୋଧୀ ସାଂସଦମାନଙ୍କୁ କ୍ରୋଧିତ କରିଥିଲା। ଆମେରିକାର ରାଜ୍ୟ ପ୍ରତିନିଧି ବେକା ବାଲିଣ୍ଟ ଏକ ପୋଷ୍ଟରେ କହିଛନ୍ତି, ଯଦି ବାରାକ ଓବାମା କିମ୍ବା ଜୋ ବାଇଡେନ ଏପରି କିଛି କହିଥାନ୍ତେ ତେବେ ରିପବ୍ଲିକାନମାନେ କ'ଣ କରିଥାନ୍ତେ? ସମସ୍ତେ ସେମାନଙ୍କୁ ହଟାଇବା ପାଇଁ ଦାବି କରିଥାନ୍ତେ। ମୁଁ ମଧ୍ୟ ଟ୍ରମ୍ପଙ୍କୁ ହଟାଇବା ପାଇଁ ଦାବି କରୁଛି। ସେନେଟର କ୍ରିସ୍ ମର୍ଫି ପୋଷ୍ଟ କରିଛନ୍ତି, ଯଦି ମୁଁ ଟ୍ରମ୍ପ କ୍ୟାବିନେଟର ଅଂଶ ହୋଇଥାନ୍ତି, ତେବେ ମୁଁ ୨୫ତମ ସଂଶୋଧନ ଆଣିବା ବିଷୟରେ ଓକିଲମାନଙ୍କ ସହିତ କଥା ହୋଇଥାନ୍ତି। ଟ୍ରମ୍ପ ଲୋକଙ୍କୁ ହତ୍ୟା କରିବାରେ ବ୍ୟସ୍ତ ଅଛନ୍ତି। ସେହିପରି କଂଗ୍ରେସ ସଦସ୍ୟା ୟାସମିନ୍ ଅନସାରୀ ଲେଖିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ ପାଗଳ ହୋଇଯାଇଛନ୍ତି। ତାଙ୍କ ବିରୋଧରେ ଏକ ପ୍ରସ୍ତାବ ଆଗତ କରିବାର ଏହା ହେଉଛି ଉପଯୁକ୍ତ ସମୟ। କାରଣ ତାଙ୍କ ଯୋଗୁଁ ସମଗ୍ର ବିଶ୍ୱ ବିପଦରେ ଅଛି। ପ୍ରତିନିଧି ମେଲାନି ଷ୍ଟାନ୍ସବେରୀଙ୍କ ଅନୁଯାୟୀ, ସମ୍ରାଟ ସମ୍ପୂର୍ଣ୍ଣ ବିନା ପୋଷାକରେ ଅଛନ୍ତି । ଏବେ ସମୟ ଅଛି, କିଛି କରିବାକୁ ହେବ। ନଚେତ୍ ପାଣି ମୁଣ୍ଡ ଉପର ଦେଇ ଚାଲିଯିବ।

ଯୁକ୍ତରାଷ୍ଟ୍ରରେ, ରାଷ୍ଟ୍ରପତିଙ୍କୁ ପଦରୁ ବହିଷ୍କାର କରିବା ସମ୍ପର୍କରେ ୨୫ତମ ସଂଶୋଧନ ଅଧୀନରେ ଏକ ଆଇନ ପ୍ରଣୟନ କରାଯାଇଛି । ଏଥିରେ ରାଷ୍ଟ୍ରପତିଙ୍କ ଅପସାରଣ କିମ୍ବା ହଠାତ୍ ମୃତ୍ୟୁ ପାଇଁ ବିକଳ୍ପଗୁଡ଼ିକର ରୂପରେଖା ଦିଆଯାଇଛି। ରାଷ୍ଟ୍ରପତିଙ୍କ ଅପସାରଣ କିମ୍ବା ହଠାତ୍ ଅକ୍ଷମ ହେବା ପରେ, ଉପରାଷ୍ଟ୍ରପତି ତାଙ୍କ କାର୍ଯ୍ୟକାଳର ଅବଶିଷ୍ଟ ସମୟ ପାଇଁ ରାଷ୍ଟ୍ରପତିଙ୍କ ପଦ ଗ୍ରହଣ କରିପାରିବେ। ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ, କ୍ୟାବିନେଟକୁ ପ୍ରଥମେ ଏକ ପ୍ରସ୍ତାବ ଆଗତ କରିବାକୁ ପଡିବ। ଯଦି ରାଷ୍ଟ୍ରପତି ଏହାକୁ ବିରୋଧ କରନ୍ତି, ତେବେ ଏହାକୁ ସଂସଦକୁ ନିଆଯିବ। ଯଦି ସିନେଟ୍ ଏବଂ କଂଗ୍ରେସର ଦୁଇ-ତୃତୀୟାଂଶ ସଦସ୍ୟ ଏହି ପ୍ରସ୍ତାବକୁ ଅନୁମୋଦନ କରନ୍ତି, ତେବେ ରାଷ୍ଟ୍ରପତିଙ୍କୁ ଇସ୍ତଫା ଦେବାକୁ ପଡିବ। ଯଦି ଏପରି ହୁଏ ତେବେ ଉପରାଷ୍ଟ୍ର ଜେ.ଡି. ଭାନ୍ସ ଆମେରିକାର ରାଷ୍ଟ୍ରପତି ହେବେ । ଏକ୍ସପ୍ରେସ୍ ୟୁକେ ଅନୁଯାୟୀ, ଇରାନ ବିରୋଧରେ ଆପତ୍ତିଜନକ ବୟାନ ଦେବା ପରେ ଟ୍ରମ୍ପ ୩ ଦିନିଆ ଛୁଟି ନେଇଛନ୍ତି।

# ପାକିସ୍ତାନର ଯୁଦ୍ଧବିରତି ପ୍ରସ୍ତାବକୁ ଇରାନ୍‌ର ପ୍ରତ୍ୟାଖ୍ୟାନ



ନୂଆଦିଲ୍ଲୀ, ୬।୪: ଇରାନ୍ ଏବଂ ଆମେରିକା ମଧ୍ୟ ଜାରି ଯୁଦ୍ଧ ବନ୍ଦ କରିବା ଲାଗି ମଧ୍ୟସ୍ଥତା କରୁଛି ପାକିସ୍ତାନ। ହେଲେ ପାକିସ୍ତାନର ଯୁଦ୍ଧବିରତି ପ୍ରସ୍ତାବ ଇରାନର ନେତୃତ୍ୱଙ୍କୁ ପସନ୍ଦ ଆସୁନାହିଁ। ଏହା ପୂର୍ବରୁ ଇରାନର ବୈଦେଶିକ ମନ୍ତ୍ରୀ କହିଥିଲେ, ଆମେ ଇସ୍ଲାମାବାଦ ଯିବାକୁ ପ୍ରସ୍ତୁତ ଅଛୁ। କିନ୍ତୁ ଏବେ ଇରାନ୍ ପାକିସ୍ତାନ ପକ୍ଷରୁ ଦିଆଯାଇଥିବା ୧୫ ସୂତ୍ରୀ ଯୁଦ୍ଧବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ଆମେରିକାକୁ ସୁହାଇଲା ଭଳି ପାକିସ୍ତାନର ଏହି ପ୍ରସ୍ତାବୁ ମାନିବାକୁ ରାଜି ହୋଇନାହାନ୍ତି ଇରାନର ନେତା। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ, ମଧ୍ୟସ୍ଥିଙ୍କ ମାଧ୍ୟମରେ ପଠାଯାଇଥିବା ଶାନ୍ତି ପ୍ରସ୍ତାବକୁ ଇରାନ ପ୍ରତ୍ୟାଖ୍ୟାନ କରିଛି। ଯେକୌଣସି ଅସ୍ତ୍ରବିରତି ଆଲୋଚନା ଏହାର ଜାତୀୟ ସ୍ୱାର୍ଥକୁ ଧ୍ୟାନରେ ରଖି କରାଯିବ ବୋଲି ଇରାନ ନିଜର ଦାବି ଦୋହରାଇଛି । ଆସୋସିଏଟେଡ୍ ପ୍ରେସ୍ ଅନୁଯାୟୀ, ଇରାନ ଏବଂ ଆମେରିକା ଉଭୟ ପାକିସ୍ତାନ ଦ୍ୱାରା ପ୍ରସ୍ତୁତ ଏକ ଡ୍ରାଫ୍ଟ ପ୍ରସ୍ତାବ ପାଇଥିଲେ। ଏଥିରେ ଯୁଦ୍ଧ ସମାପ୍ତ କରିବାର ଉପାୟ ଖୋଜିବା ପାଇଁ ୪୫ ଦିନିଆ ଯୁଦ୍ଧବିରତି ଏବଂ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ କୁହାଯାଇଥିଲା। ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ୍ ବାଘାଇ କହିଛନ୍ତି ଯେ, ତେହେରାନ ପୂର୍ବରୁ ନିଜର ସ୍ଥିତି ଏବଂ ସର୍ତ୍ତାବଳୀ ଜଣାଇସାରିଛି।

ସେ କହିଛନ୍ତି ଯେ, ଇରାନ ଆଲୋଚନା ପାଇଁ କୌଣସି ଚାପ କିମ୍ବା ଧମକ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ଇସମାଇଲ ବାଘାଇ କହିଛନ୍ତି, 'ସମୟସୀମା ଏବଂ ଯୁଦ୍ଧର ଧମକ, ଆଲୋଚନା ସର୍ତ୍ତାବଳୀଠୁ ଭିନ୍ନ। ତେହେରାନର ଜାତୀୟ ସ୍ୱାର୍ଥ ଉପରେ ଆଧାରିତ କିଛି ସର୍ତ୍ତ ରହିଛି, ଏଥିରେ କୌଣସି ପ୍ରକାର ସାଲିସ କରାଯାଇ ପାରିବନାହିଁ ବୋଲି ବାଘାଇ କହିଛନ୍ତି।

### ପଶ୍ଚିମବଙ୍ଗରେ ରାଜନୈତିକ ବୟାନବାଜି

# ପହଲଗାମ ଭଳି ଆକ୍ରମଣ କରିବ ବିଜେପି: ମମତା



କୋଲକାତା, ୬।୪: ସରଗରମ ହେଉଛି ପଶ୍ଚିମବଙ୍ଗ ରାଜନୀତି। ନିର୍ବାଚନ ଯେତେ ପାଖେଇ ଆସୁଛି ବୟାନ ବାଜି ବି ସେତେ ଜୋର୍ ଧରୁଛି। ନା ବିଜେପି ନା ଟିଏମସି, କେହି କାହାରିକୁ ଛାଡିବାକୁ ନାରାଜ। ବୟାନ ବାଜି କରି ପରସ୍ପରକୁ ଘାଇଲା କରୁଛନ୍ତି। ଏହାମଧ୍ୟରେ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ଉପରେ କଡା ବୟାନ ଦେଇଛନ୍ତି। ମମତା କହିଛନ୍ତି ଯେ, ବିଜେପି ପାଖରେ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ ରହିଛି। ସେମାନେ ପହଲଗାମ୍ ଭଳି ଆଉ ଏକ ଆକ୍ରମଣ କରିବାକୁ ଚାହୁଁଛନ୍ତି। ନିର୍ବାଚନ ପୂର୍ବରୁ ଏହି ଆକ୍ରମଣ ହେବ।

ଏକ ସାଧାରଣ ସଭାରେ ମମତା ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖାଓ୍ୱାଜା ଆସିଫଙ୍କ ବୟାନ ଉଠାଇଛନ୍ତି। ଆସିଫଙ୍କ ଉଦାହରଣ ଦେଇ ମମତା କହିଛନ୍ତି, କୋଲକାତାରେ ଆକ୍ରମଣ କରିବା ନେଇ ପାକିସ୍ତାନୀ ମନ୍ତ୍ରୀ କହିଥିଲେ। ଯାହା ବାବଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତର ବଙ୍ଗର କୁଚବିହାରରେ ରାଲିରେ କିଛି ଉଠାଇନଥିଲେ। ପ୍ରଧାନମନ୍ତ୍ରୀ ନିରବ ରହିଥିଲେ । ସେ ଆହୁରି କହିଛନ୍ତି ଯେ, ଯଦି ଦିଲ୍ଲୀ ପଶ୍ଚିମବଙ୍ଗର ଲୋକଙ୍କୁ ଟାର୍ଗେଟ୍ କରେ ତାହାଲେ ବେଙ୍ଗଲ ଛାଡିବ ନାହିଁ । ଜବାବ ଦେବ। ଯଦି କୋଲକାତାକୁ ଟାର୍ଗେଟ୍ କରିବାକୁ କିଏ ଧମକ ଦିଏ ତେବେ ଭାରତୀୟ ନାଗରିକ ଭାବେ ସେ ଚୁପ୍ ବସିବେ ନାହିଁ। ଯେଉଁମାନେ ଏକଥା ଶୁଣି ଚୁପ୍ ରହୁଛନ୍ତି ସେମାନଙ୍କୁ ଲାଜ ଲାଗିବା କଥା। ଇସ୍ତଫା ଦେଇଦେବା ଉଚିତ ବୋଲି ମମତା କହିଛନ୍ତି।

### ମୁଖ୍ୟମନ୍ତ୍ରୀ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି: ବିଜେପି

ମମତାଙ୍କ ବୟାନକୁ କଡା ଭାଷାରେ ନିନ୍ଦା କରିଛି ଭାରତୀୟ ଜନତା ପାର୍ଟି। ବିଜେପି କହିଛି ମମତା କେବଳ ଭୋଟ୍ ବ୍ୟାଙ୍କ୍ ପାଇଁ ବୟାନ ଦେଉଛନ୍ତି। ଏପରି କଥା କହି ମମତା ତୃଣମୂଳ କଂଗ୍ରେସକୁ ହିନ୍ଦୁ ବିରୋଧୀ ବୋଲି ପ୍ରମାଣିତ କରିଛନ୍ତି। ସେହିପରି ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି ଯେ, ପହଲଗାମରେ ଘଟିଥିବା ନୃଶଂସ ଆତଙ୍କବାଦୀ ଆକ୍ରମଣକୁ ମମତା ପ୍ରାୟୋଜିତ ବୋଲି କହିଛନ୍ତି। ଯେଉଁଠାରେ ନୀରିହ ହିନ୍ଦୁମାନେ ପ୍ରାଣ ହରାଇଥିଲେ ସେ ଘଟଣାକୁ ମମତା ସ୍କ୍ରିପଟେଡ୍ କହୁଛନ୍ତି। ଯାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ପ୍ରଦୀପ ପ୍ରତିକ୍ରିୟା ରଖିଛନ୍ତି।

### ଛତିଶଗଡ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଅଜିତ ଯୋଗୀଙ୍କ ପୁଅକୁ ଆଜୀବନ ଜେଲ୍



### ଏନସିପି ନେତାଙ୍କ ହତ୍ୟା ଅଭିଯୋଗରେ ଦଣ୍ଡିତ

### ୨୩ ବର୍ଷର ଆଇନଗତ ଲଢେଇ

ରାୟପୁର,୬।୪: ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ପୁଅ ଅମିତ ଯୋଗୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ହାଇକୋର୍ଟ। ୨୦୦୩ ମସିହାର ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି ହାଇକୋର୍ଟ। ଏନସିପି ନେତା ରାମ ଅବତାର ଜଗି ହତ୍ୟା ମାମଲାରେ ଦୋଷୀ ପ୍ରମାଣିତ ହେବା ପରେ ଅମିତଙ୍କୁ ଦଣ୍ଡିତ କରାଯାଇଛି। କୋର୍ଟ ତାଙ୍କୁ ୭ ଦିନ ଭିତରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ବିଚାରପତି ରମେଶ ସିହ୍ନା ଓ ଜଷ୍ଟିସ୍ ଅରବିନ୍ଦ କୁମାର ବର୍ମାଙ୍କ ଖଣ୍ଡପୀଠ ଉପରୋକ୍ତ ରାୟ ଶୁଣାଇଛନ୍ତି। ଗତ ଗୁରୁବାର ଅମିତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ତେବେ ହାଇକୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପହଞ୍ଚିଛନ୍ତି ଅମିତ। ସିବିଆଇ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ବିଧାନସଭା ନିର୍ବାଚନ ପୂର୍ବରୁ ୨୦୦୩ ଜୁନ୍ ୪ରେ ଜଣେ ବ୍ୟବସାୟୀ ତଥା ଏନସିପି ନେତା ରାମ ଅବତାର ଜଗିଙ୍କୁ ରାୟପୁରରେ ଗୁଳି କରି ହତ୍ୟା କରାଯାଇଥିଲା। ସେହି ସମୟରେ ଅଜିତ ଯୋଗୀ ଛତିଶଗଡର ମୁଖ୍ୟମନ୍ତ୍ରୀ ଥିଲେ। ଏହି ମାମଲାରେ ୨୦୦୭ରେ ସିବିଆଇ କୋର୍ଟ ଦ୍ୱାରା ୨୮ ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ। କିନ୍ତୁ ଅମିତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ଏହା ବିରୋଧରେ ସିବିଆଇ ଛତିଶଗଡ଼ ହାଇକୋର୍ଟରେ ଆବେଦନ କରିଥିଲା। କିନ୍ତୁ ବିଳମ୍ବ ଯୋଗୁଁ ଏହା ଖାରଜ ହୋଇଥିଲା। ଫଳତଃ ସିବିଆଇ ସୁପ୍ରିମକୋର୍ଟ ଯାଇଥିଲା। କିନ୍ତୁ ଗତ ନଭେମ୍ବରରେ ସୁପ୍ରିମକୋର୍ଟ ମାମଲାକୁ ହାଇକୋର୍ଟକୁ ପଠାଇଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ହାଇକୋର୍ଟ ଅମିତ ଯୋଗୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆତ୍ମସମର୍ପଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅମିତ ଯୋଗୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୩ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଏହି ଆଇନଗତ ଲଢେଇରେ ଏକ ନୂଆ ମୋଡ ଆଣିଛି।

# ବିବାହ ବନ୍ଧନରେ ଆଇଆଇଟି ବାବା



ନୂଆଦିଲ୍ଲୀ, ୬।୪: ବିବାହ କରିଛନ୍ତି ମହାକୁମ୍ଭରେ ଆଇଆଇଟି ବାବା ନାଁରେ ଚର୍ଚ୍ଚାକୁ ଆସିଥିବା ଅଭୟ ସିଂହ। କର୍ଣ୍ଣାଟକର ଜଣେ ମହିଳା ଇଞ୍ଜିନିୟରଙ୍କୁ ସେ ବିବାହ କରିଛନ୍ତି। ଆଉ ଅଭୟ ସିଂହ, ପତ୍ନୀଙ୍କ ସହ ନିଜ ପୈତୃକ ଗାଁକୁ ଆସିବା ପରେ ତାଙ୍କ ବିବାହ କଥା ଜଣାପଡ଼ିଛି। ଅଭୟ ସୋମବାର ନିଜ ବାପା- ମାଆଙ୍କୁ ଭେଟିବାକୁ ଆସିଛନ୍ତି। ସୋମବାର ଅଭୟ ସିଂହ ସୋମବାର ହରିୟାଣାର ଝଜ୍ଜରରେ ନିଜ ପତ୍ନୀ ପ୍ରତୀକାଙ୍କ ସହ ପହଞ୍ଚିଥିଲେ। ଅଭୟ ମୂଳତଃ ଝଜ୍ଜରର ସାସରୌଲୀ ଗାଁର। ଏଠାରେ ସେ ନିଜ ଓକିଲ ବାପାଙ୍କ ଚାମ୍ବରରେ କିଛି ସମୟ ରହିଥିଲେ। ସେଠାରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ମଧ୍ୟ ଦେଇ କହିଛନ୍ତି ଝଜ୍ଜରରେ 'ବାପା-ମାଆଙ୍କୁ ଏବଂ ପରିବାର ଲୋକଙ୍କୁ ଭେଟିବାକୁ ଆସିଛି। ମୁଁ ପୂର୍ବରୁ ମଧ୍ୟ ଏଠାରେ ବସୁଥିଲେ। ଅଭୟ କହିଛନ୍ତି ମୋର ରୁଚି ଆଧ୍ୟାତ୍ମ ସହ ହିଁ ଥିଲା। କିନ୍ତୁ ନିଜ ପାଠପଢ଼ା ଦିନରେ ମୁଁ ଚାମ୍ବରରେ ଆସି ଦେଖୁଥିଲି ଯେ, କେଉଁ କାମ କେମିତି ହେଉଛି।' ସୂଚନାଯୋଗ୍ୟ, ଅଭୟ ସିଂହଙ୍କ ବାପା କର୍ଣ୍ଣ ସିଂହ ଜଣେ ଓକିଲ ଏବଂ ଝଜ୍ଜର ବାର୍ ଆସୋସିଏସନର ମୁଖ୍ୟ ମଧ୍ୟ ରହିସାରିଛନ୍ତି। ଅଭୟ କହିଛନ୍ତି 'ଆଜି ବାପାଙ୍କ ଚାମ୍ବରକୁ ଆସି ଭଲ ଲାଗିଲା। ଆମେ ଫେବୃଆରୀ ୧୫ରେ ମହାଶିବରାତ୍ରି ଦିନ ହିମାଚଳ ଅଙ୍ଗଜର ମହାଦେବ ମନ୍ଦିରରେ ବିବାହ କରିଥିଲୁ। ଏହା ପରେ ଫେବୃଆରୀ ୧୯ରେ କୋର୍ଟ ମ୍ୟାରେଜ କରିଥିଲୁ। ପ୍ରତୀକା ବେଙ୍ଗାଲୁରୁର ବାସିନ୍ଦା।'

ପ୍ରତୀକା କହିଛନ୍ତି 'ଅଭୟ ସରଳ ସ୍ୱଭାବର ବ୍ୟକ୍ତି। ସେ ଖୁବ ସଚ୍ଚୋଟ। କର୍ଣ୍ଣାଟକରେ ତାଙ୍କୁ ବର୍ଷେ ତଳେ ଭେଟିଥିଲି। ମୁଁ ଇଞ୍ଜିନିୟରିଂ କରିଛି। ଏବେ ଆମେ ସନାତନକୁ ଆଗକୁ ବଢ଼ାଇବା କାମ କରିବୁ। ଆମେ ଏକ ସନାତନ ୟୁନିଭର୍ସିଟି ଗଢ଼ିବୁ। ଆଧ୍ୟାତ୍ମ ସହ ଜଡ଼ିତ ଗୁରୁ, ସାଧକଙ୍କୁ ଗୋଟିଏ ସ୍ଥାନରେ ଏକାଠି କରିବାକୁ ଚେଷ୍ଟା କରିବୁ। ଆଜି ଆମେ ଝଜ୍ଜରରେ ଶାଶୁ- ଶ୍ୱଶୁର ଏବଂ ପରିବାର ଲୋକଙ୍କୁ ଭେଟିବାକୁ ଆସିଛୁ।

## କେରଳ ଲଢେଇ

# ପରିବର୍ତ୍ତନର ପରମ୍ପରା ଫେରିବ ନା ନୂଆ ଇତିହାସ ?




କେରଳ, ୬।୪: ବିଧାନସଭା ନିର୍ବାଚନ ପୂର୍ବରୁ କେରଳମ୍‌ର ରାଜନୈତିକ ପରିବେଶ ଉଷ୍ମ ହୋଇଛି। ଏଥର ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ରାଜ୍ୟ ପୁଣି ଥରେ କ୍ଷମତା ପରିବର୍ତ୍ତନ କରିବାର ପ୍ରବୃତ୍ତିକୁ ଦୋହରାଇବ ନା ଭୋଟରମାନେ ଲଗାତାର ତୃତୀୟ ଥର ପାଇଁ ବର୍ତ୍ତମାନର ସରକାରଙ୍କୁ ନିର୍ବାଚିତ କରି ଇତିହାସ ସୃଷ୍ଟି କରିବେ। ରାଜ୍ୟର ରାଜନୀତି ଦୀର୍ଘ ଦିନ ଧରି ଦୁଇଟି ପ୍ରମୁଖ ମେଣ୍ଟ ଉପରେ କେନ୍ଦ୍ରିତ ରହିଛି। ସେ ଦୁଇଦଳ ହେଉଛନ୍ତି, ବାମ ଗଣତାନ୍ତ୍ରିକ ମୋର୍ଚ୍ଚା (ଏଲ୍‌ଡିଏଫ୍) ଏବଂ ସଂଯୁକ୍ତ ଗଣତାନ୍ତ୍ରିକ ମୋର୍ଚ୍ଚା (ୟୁଡିଏଫ୍)। ଦୁଇ ଦଳ ସାଧାରଣତଃ ପ୍ରତି ପାଞ୍ଚ ବର୍ଷରେ କ୍ଷମତା ପରିବର୍ତ୍ତନ କରିଆସିଛନ୍ତି।

ତଥାପି, ପିନାରାଇ ବିଜୟନଙ୍କ ନେତୃତ୍ୱରେ ୨୦୨୧ ନିର୍ବାଚନରେ ଏଲ୍‌ଡିଏଫ୍‌ର କ୍ରମାଗତ ଦ୍ୱିତୀୟ ବିଜୟ ଏହି କ୍ରମକୁ ଭାଙ୍ଗି ଦେଇଥିଲା। ପୂର୍ବରୁ କେରଳରେ କୌଣସି ମୁଖ୍ୟମନ୍ତ୍ରୀ ଲଗାତାର ଦୁଇ ଥରରୁ ଅଧିକ ସମୟ ପାଇଁ କାର୍ଯ୍ୟ କରିନଥିଲେ। ରାଜନୈତିକ ବିଶ୍ଳେଷକମାନଙ୍କ ଅନୁସାରେ ଏଥର ୟୁଡିଏଫ୍ ଏକ ଅଗ୍ରଣୀ ସ୍ଥାନ ପାଇପାରେ। ଏକ ଦଶନ୍ଧି କ୍ଷମତାରେ ରହିବା ପରେ ଏଲ୍‌ଡିଏଫ୍ ଶାସନ ବିରୋଧୀ ଲଢ଼େଇର ସମ୍ମୁଖୀନ ହେଉଛି। ୟୁଡିଏଫ୍ ୨୦୨୪ ଲୋକସଭା ନିର୍ବାଚନରେ ଭଲ ପ୍ରଦର୍ଶନ କରି ୨୦ ରୁ ୧୮ ଟି ଆସନ ଜିତିଥିଲା। ଏହା ବ୍ୟତୀତ ୨୦୨୫ ସ୍ଥାନୀୟ ସଂସ୍ଥା ନିର୍ବାଚନରେ ୟୁଡିଏଫ୍‌ର ଦୃଢ଼ ଉପସ୍ଥିତି ଦଳର ଆତ୍ମବିଶ୍ୱାସକୁ ବୃଦ୍ଧି କରିଛି। ତେବେ ଏହାକୁ ନେଇ ବିଧାନସଭା ନିର୍ବାଚନର ଆକଳନ କରିବା କଷ୍ଟକର। କେରଳର ଭୋଟରମାନେ ପ୍ରାୟତଃ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ଭିନ୍ନ ଭିନ୍ନ ପ୍ରାଥମିକତା ଧାରଣ କରିଥାନ୍ତି। ଗତ ତିନି ଦଶନ୍ଧି ଧରି (୨୦୦୪ ବ୍ୟତୀତ) ୟୁଡିଏଫ୍ ଲୋକସଭା ନିର୍ବାଚନରେ ଏଲ୍‌ଡିଏଫ୍ ଅପେକ୍ଷା ଭଲ ପ୍ରଦର୍ଶନ କରିଛି, କିନ୍ତୁ ସର୍ବଦା ବିଧାନସଭା ନିର୍ବାଚନ ଦଳ ପାଇଁ ବିଜୟରେ ପରିଣତ ହୋଇନାହିଁ। ସାମ୍ପ୍ରତିକ ବର୍ଷଗୁଡ଼ିକରେ, କଂଗ୍ରେସ ଯେଉଁ ରାଜ୍ୟଗୁଡ଼ିକରେ ଲୋକସଭାରେ ଭଲ ପ୍ରଦର୍ଶନ କରିଛି ସେଠାରେ ପରାଜୟ ବରଣ କରିଛି। ଏହି ଧାରା କେରଳମ୍‌ରେ ପୁନରାବୃତ୍ତି ହୋଇପାରେ, ଯାହା ୟୁଡିଏଫ୍ ପାଇଁ ଏକ ରଣନୈତିକ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ ବୋଲି କୁହାଯାଉଛି।

କେରଳମ୍‌ର ୧୪୦ ସଦସ୍ୟ ବିଶିଷ୍ଟ ବିଧାନସଭା ଆସନ ମଧ୍ୟରୁ ଏଲ୍‌ଡିଏଫ୍ ୨୦୨୧ରେ ୯୯ଟି, ୨୦୧୬ରେ ୯୧ଟି ଏବଂ ୨୦୦୬ରେ ୯୮ଟି ଜିତିଥିଲା। ଯେତେବେଳେ ୨୦୧୧ରେ ସୀମିତ ବ୍ୟବଧାନରେ ପରାସ୍ତ ହୋଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ, ଗତ ତିନୋଟି ନିର୍ବାଚନରେ ସମାନ ମେଣ୍ଟ ୮୯ଟି ଆସନ ଦଖଲ କରିଛି। ଏଥିମଧ୍ୟରୁ ଏଲ୍‌ଡିଏଫ୍ ୫୦ଟି ଏବଂ ୟୁଡିଏଫ୍ ୩୯ଟି ଆସନ ଦଖଲ କରିଛି। ଏହା ତୃଣମୂଳ ସ୍ତରରେ ନିର୍ବାଚନୀ ଲଢ଼େଇର ଗଭୀରତା ଏବଂ ସ୍ଥିରତାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି। ୨୦୨୬ କେରଳମ୍ ବିଧାନସଭା ନିର୍ବାଚନ କେବଳ କ୍ଷମତା ପରିବର୍ତ୍ତନ ପାଇଁ ଏକ ଲଢ଼େଇ ନୁହେଁ, ବରଂ ରାଜ୍ୟର ରାଜନୈତିକ ପରମ୍ପରା ଏବଂ ପରିବର୍ତ୍ତିତ ସାମାଜିକ ଗତିଶୀଳତା ମଧ୍ୟରେ ଏକ ସିଧାସଳଖ ଅଗ୍ନିପରୀକ୍ଷା।

# ରଗବୀ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୬।୪ (ସଂଚାର ବ୍ୟୁରୋ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ୬୯ତମ ଜାତୀୟ ବିଦ୍ୟାଳୟ ସମୂହ (ଏସ୍‌ଜିଏଫ୍‌ଆଇ) ୧୭ ବର୍ଷ ଓ ୧୪ ବର୍ଷରୁ କମ୍ ଜାତୀୟ ବିଦ୍ୟାଳୟସ୍ତରୀୟ ରଗବୀ ଚାମ୍ପିଅନସିପ ୨୦୨୫-୨୬। ଏଥିରେ ବିଭିନ୍ନ ରାଜ୍ୟର ରଗବୀ ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଯୋଗ ଦେଇଥିଲେ। ଏଥିସହ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡା ଏନ୍. ତିରୁମାଲା ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କରକରା, ସହକାରୀ ନିର୍ଦ୍ଦେଶକ (ପିଇଟି) ଜ୍ୟୋତି ପ୍ରସାଦ ପରିଡ଼ା, ଏ ସ୍ ଜି ଏ ଫ୍ ଆ ଇ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ, ଅନ୍ତର୍ଜାତୀୟ ରଗବୀ ଖେଳାଳି ଡୁମୁଣୀ ମାରାଣ୍ଡି ଉପସ୍ଥିତ ଥିଲେ। ଏହି ଚାମ୍ପିଅନସିପ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।

# ବିଜେପିର ସ୍ଥାପନା ଦିବସରେ ପ୍ରଦର୍ଶନୀ



ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ): ଆଜି ବିଜେପି ତା'ର ୪୭ତମ ସ୍ଥାପନା ଦିବସ ପାଳିଥିବା ବେଳେ ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟଠାରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ବିଜେପିର ଐତିହାସିକ ବିକାଶ ଯାତ୍ରା ଉପରେ ପର୍ଯ୍ୟବସିତ ଫଟୋ ସ୍ଥାନ ପାଇଛି। ଏହି ପ୍ରଦର୍ଶନୀକୁ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି ଉଦଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ବିଜେପିରେ ପ୍ରତିଷ୍ଠାତା ଉପସଭାପତି ଅଧିବକ୍ତା ଦୁର୍ଗାଚରଣ ମହାନ୍ତି, ଜରୁରୀକାଳୀନ ପରିସ୍ଥିତି ସମୟରେ ମିସା ଆଇନ ବଳରେ ଗିରଫ ହୋଇ କାରାବରଣ କରିଥିବା କୃଷ୍ଣ କେଶବ ମିଶ୍ର ଓ ପ୍ରକାଶ ମହାନ୍ତି, ଏବଂ ଅଧିବକ୍ତା ପ୍ରଦୀପ ପଟ୍ଟନାୟକ ପ୍ରମୁଖ ୪ ଜଣ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ପ୍ରଖ୍ୟାତ କଳାକାର ଲକ୍ଷ୍ମୀକାନ୍ତ ପାଳିତଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ଓ କୁନି କୁନି ପିଲାଙ୍କ ଦ୍ୱାରା ବିଜେପିର ଐତିହାସିକ ବିକାଶ ଯାତ୍ରାକୁ ନେଇ ନୃତ୍ୟଗୀତ ଓ ଫ୍ୟାନ୍ସି ଡ୍ରେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୁଣି ସେବାୟତଙ୍କ ମଧ୍ୟରେ ବିବାଦ

# ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ



ରୁପା ଘୋଡ଼ଣିକୁ ନେଇ ଗଣ୍ଡଗୋଳ

ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ): ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରରେ ପୁଣି ସୃଷ୍ଟି ହୋଇଛି ଅଚଳାବସ୍ଥା। ରୁପା ଘୋଡ଼ଣିକୁ ନେଇ ଦୁଇ ପ୍ରମୁଖ ସେବାୟତ ନିଯୋଗ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଉଗ୍ର ରୂପ ଧାରଣ କରିଛି। ଫଳରେ ସୋମବାର ସକାଳ ୯ଟାରୁ ମନ୍ଦିରର ସମସ୍ତ ନୀତିକାନ୍ତି ବନ୍ଦ ରହିଥିବାରୁ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଦର୍ଶନ ନ ପାଇ ନିରାଶ ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ମହାପ୍ରଭୁଙ୍କ ଲିଙ୍ଗକୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ହେଉଥିବା ରୁପା ଘୋଡ଼ଣିକୁ ନେଇ ବିବାଦର ସୂତ୍ରପାତ ହୋଇଛି। ଗର୍ଭଗୃହ ମଧ୍ୟରେ ବଡୁ ନିଯୋଗ ଓ ସୁଆର ନିଯୋଗର ସେବାୟତଙ୍କ ମଧ୍ୟରେ ଏହାକୁ ନେଇ ପ୍ରବଳ ଯୁକ୍ତିତର୍କ ଓ ପରେ ଗଣ୍ଡଗୋଳ ହୋଇଥିଲା। ବିବାଦ ଏତେ ବଢ଼ିଯାଇଥିଲା ଯେ ସକାଳ ୯ଟା ପରଠାରୁ ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ବନ୍ଦ ହୋଇଯାଇଛି। ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ ସୁଆର ନିଯୋଗ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ସୁଆର ନିଯୋଗ ପକ୍ଷରୁ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଛି। ମହାପ୍ରଭୁଙ୍କ ରୁପା ଘୋଡ଼ଣିକୁ ସୁଆର ନିଯୋଗର ସେବାୟତମାନେ ଚୋରି କରି ନେଇଯାଉଥିବା ସମୟରେ ବଡୁ ନିଯୋଗ ଏହାକୁ ବିରୋଧ କରିଥିଲା। ଏହି ବିବାଦ ସମ୍ପର୍କରେ ଲିଙ୍ଗରାଜ ମନ୍ଦିର ପ୍ରଶାସନକୁ ତୁରନ୍ତ ସୂଚନା ଦିଆଯାଇଛି। କମଳାକାନ୍ତ ବଡୁ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି।

# ସୀମା ଜଗିବେ ସାପ, କୁମ୍ଭୀର!

● ବାଂଲା ସୀମାରେ ଛଡ଼ାହେବ ବିଷାକ୍ତ ସରୀସୃପ




କୋଲକାତା, ୬।୪(ସଂଚାର ବ୍ୟୁରୋ): ବାଂଲାଦେଶୀଙ୍କ ଅନୁପ୍ରବେଶକୁ ରୋକିବାକୁ ସୁରକ୍ଷା ବାହିନୀ ଏବେ ଏକ ଅଭିନବ ଉପାୟ ଅବଲମ୍ବନ କରିବାକୁ ଯାଉଛି। ଯେଉଁଠି ତାରବାଡ଼ ଦେବା ସମ୍ଭବ ନୁହେଁ, ସେଠାରେ ବିଷଧର ସାପ ଓ କୁମ୍ଭୀର ଅନୁପ୍ରବେଶକୁ ରୋକିବେ। 'ଦି ଫେଡେରାଲ'ର ରିପୋର୍ଟ ଅନୁସାରେ କେନ୍ଦ୍ର ସରକାର ଏହି ଅଣପାରମ୍ପରିକ ଉପାୟ ଅବଲମ୍ବନ କରିବାକୁ ଯୋଜନା କରିଥିବା ବେଳେ ଏନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ମଞ୍ଜୁରୀ ବି ମିଳିସାରିଛି। ଭାରତର ଅଙ୍କାବଙ୍କା ସୀମା ୬ଟି ପଡ଼ୋଶୀ ଦେଶର ସୀମାକୁ ଲାଗିଛି। ସବୁଠାରୁ ଅଧିକ ବାଂଲାଦେଶ ସହ ରହିଛି। ହଜାର ହଜାର କିମିର ବର୍ଡର, ଯାହାକୁ ଜଗିବା ସହଜ ନୁହେଁ। ସେଥି ମଧ୍ୟରୁ ଅର୍ଦ୍ଧାଧିକ ଅଞ୍ଚଳରେ ପାହାଡ଼ ଏବଂ ଜଙ୍ଗଲ ଘେରି ରହିଛି। ଆଉ କିଛି ଜାଗାରେ ନଦୀ ହିଁ ନିର୍ଦ୍ଧାରଣ କରୁଛି ସୀମା ରେଖା। ତେଣୁ ସୀମା ସୁରକ୍ଷା ବଳ ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ହୋଇଛି। ଆଉ ଏହି ଭାରତ ଓ ବାଂଲାଦେଶ ବର୍ଡର ହିଁ ସବୁବେଳେ ଚର୍ଚ୍ଚାରେ ରହିଆସିଛି। କାରଣ ବାଂଲାଦେଶୀ ଅନୁପ୍ରବେଶକାରୀ ଲୁଚି ଛପି ସୀମା ପାର୍ କରି ଭାରତ ଆସି ଅପରାଧ ଘଟାଉଛନ୍ତି। ଏପରିକି ଗୋଚାଲାଣ ସହ ଡ୍ରଗ୍ସ ଓ ବନ୍ଧୁକ କାରବାର ମଧ୍ୟ ଏହି ସୀମା ଦେଇ ହୋଇଥାଏ। ରିପୋର୍ଟ ଅନୁଯାୟୀ, ସୀମା ନିକଟରେ କୁମ୍ଭୀର ଓ ବିଷଧର ସାପଙ୍କୁ ଛଡ଼ାଯିବ। ବିଭିନ୍ନ ନଦୀ ଅଞ୍ଚଳରେ ଏହି ସରୀସୃପଙ୍କୁ ଛଡ଼ାଯିବ। ଯେଉଁଠି ତାର ବାଡ଼ ଦିଆଯିବା ସମ୍ଭବ ନୁହେଁ, ସେଠାରେ ଏହି ପନ୍ଥା ଆପଣାଯିବ। ଭାରତ ଓ ବାଂଲାଦେଶ ମଧ୍ୟରେ ୪୦୯୬ କିମି ସୀମା ରହିଛି। ଏହା ମଧ୍ୟରୁ ୧୭୫ କିମି ସୀମାରେ ନଦୀ ଓ ସନ୍ତସନ୍ତିଆ ଜାଗା ହିଁ ରହିଛି। ସେଠାରେ ତାରବାଡ଼ ଦେବା ଅସମ୍ଭବ ବ୍ୟାପାର। ଦିଲ୍ଲୀରେ ଗୃହ ମନ୍ତ୍ରଣାଳୟର ଅଧିକାରୀ ଓ ବିଏସଏଫର କିଛି ବରିଷ୍ଠ ଅଧିକାରୀ ଏନେଇ ଜରୁରୀ ବୈଠକ କରିଥିଲେ। ଏଥିରେ ସୀମା ସୁରକ୍ଷା ବାବଦରେ ବିସ୍ତୃତ ଆଲୋଚନା ହୋଇଥିଲା। ତେବେ ସାପ ଓ କୁମ୍ଭୀର ଛାଡ଼ିବା ପ୍ରକ୍ରିୟାରେ ବି ଅନେକ ପ୍ରତିବନ୍ଧକ ରହିଛି। ଏହାକୁ ନୈତିକ ଦୃଷ୍ଟିକୋଣରୁ ବିଚାର କରୁଛନ୍ତି କେନ୍ଦ୍ର ସରକାର।

# ମେଟ୍ରୋ ପ୍ରକଳ୍ପ ବାତିଲ ନିଷ୍ପତ୍ତି ହୀନମନ୍ୟତାର ପରିଚୟ

● ନବୀନ ଶ୍ରେୟ ନେଇଯିବା ଭୟରେ ବଦଳିଲା ନିଷ୍ପତ୍ତି

● ମେଟ୍ରୋ ପ୍ରକଳ୍ପ ଆର୍ଥିକ କ୍ଷତି ହେବ ଦାବି କପୋଳକଳ୍ପିତ



ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ): ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମେଟ୍ରୋ ପ୍ରକଳ୍ପକୁ ରାଜ୍ୟ ସରକାର ବାତିଲ କରିବା ନିଷ୍ପତ୍ତିକୁ ନେଇ ଆଜି ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କଟକ ମେୟର ସୁବାଷ ସିଂ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ରାଜ୍ୟ ବିଜେପି ସରକାରଙ୍କ ମେଟ୍ରୋ ପ୍ରକଳ୍ପର ବାତିଲ ନିଷ୍ପତ୍ତିକୁ ବିରୋଧ କରିବା ସହ ଏହାର ପୁନଃବିଚାର ପାଇଁ ଦାବି କରିଥିଲେ।

ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜଧାନୀ ଭୁବନେଶ୍ୱର ଓ କଟକ ସହରର ବାସିନ୍ଦାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଦୁଇ ସହର ମଧ୍ୟରେ ଗମନାଗମନର ଉନ୍ନତି ପାଇଁ ମେଟ୍ରୋ ପ୍ରକଳ୍ପ ଆରମ୍ଭ ହୋଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟ ବିଜେପି ସରକାର ହୀନମନ୍ୟତାର ପରିଚୟ ଦେଇ ଏହାକୁ ବାତିଲ୍ କରିଦେଇଛନ୍ତି। ମେଟ୍ରୋ ପ୍ରକଳ୍ପ ବନ୍ଦ କରାଯିବାକୁ ନେଇ ମନ୍ତ୍ରୀମାନେ ଭିନ୍ନ ଭିନ୍ନ କଥା କହୁଛନ୍ତି, ଯାହା କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଉଦ୍ଦିଷ୍ଟ। ସେହିପରି ଶ୍ରୀ ଜେନା କହିଛନ୍ତି ଯେ ଦେଶର ୧୮ଟି ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ସଫଳତାର ସହ ଚାଲୁଛି। ଗମନାଗମନ କ୍ଷେତ୍ରରେ ମେଟ୍ରୋ ଏକ ମାଇଲଖୁଣ୍ଟ ହୋଇଥାନ୍ତା। ପୂର୍ବରୁ ଡିପିଆର ପ୍ରସ୍ତୁତ ହେବା ସମୟରେ ଏହା କ୍ଷତି ହେବ ବୋଲି ଆକଳନ ହୋଇନଥିଲା। ଏବେ କିପରି କ୍ଷତି ହେବ ବୋଲି କୁହାଯାଉଛି? ମେଟ୍ରୋ ଚାଲିଲେ ବର୍ଷକୁ ଦୁଇ ହଜାର କୋଟି ଟଙ୍କା କ୍ଷତି ହେବ ବୋଲି ରାଜ୍ୟ ସରକାର କହୁଥିବା କଥା କେବଳ ମନଗଢ଼ା କାହାଣୀ। ନବୀନ ପଟ୍ଟନାୟକଙ୍କୁ ଶ୍ରେୟ ମିଳିବା ଭୟରେ ବିଜେପି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଶ୍ରୀ ସିଂ କହିଛନ୍ତି ଯେ ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ, କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ଏକ ଜଏଣ୍ଟ ଭେଞ୍ଚର କମ୍ପାନୀ। ଗ୍ଲୋବାଲ ଟେଣ୍ଡର ମାଧ୍ୟମରେ ୬୨୫୫.୯୪ କୋଟିର ମେଟ୍ରୋ ପ୍ରକଳ୍ପ ନବୀନବାବୁ ଆରମ୍ଭ କରିଥିଲେ।

# ୪୬ତମ ରାଜ୍ୟ ବାହୁ କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ



ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):୪୬ତମ ଅଲ ଓଡିଶା ରାଜ୍ୟ ବାହୁ କୁସ୍ତି ପ୍ରତିଯୋଗିତା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଉଦ୍‌ଯାପିତ ହୋଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବରିଷ୍ଠ ପୁରୁଷ ବିଭାଗରେ କଟକର ଚନ୍ଦନ ମହାପାତ୍ର, ଜୁନିଅର ପୁରୁଷ ବିଭାଗରେ ଖୋର୍ଦ୍ଧାର ପ୍ରତ୍ୟୁଷ ପ୍ରିୟଦର୍ଶୀ, ମାଷ୍ଟର ପୁରୁଷ ବିଭାଗରେ କଟକରୁ ଉମେଶ ପୃଷ୍ଟି, ବରିଷ୍ଠ ମହିଳା ବିଭାଗରେ ଖୋର୍ଦ୍ଧାର ଲକିରାନୀ ପାତ୍ର, କଟକର ପାରା ଖେଳାଳି ଶୁଭଜିତ ପାଢ଼ୀ ଚାମ୍ପିଆନ ଅଫ ଚାମ୍ପିଆନ୍ସ ଆଖ୍ୟା ଅର୍ଜନ କରିଥିଲେ।

ପ୍ରତିଯୋଗିତାରେ କଟକ ଜିଲ୍ଲା ମୋଟ ୨୦ଟି ସ୍ୱର୍ଣ୍ଣ ପାଇ ପ୍ରଥମ ସ୍ଥାନ ଅଧିକାର କରିଛି। ଖୋର୍ଦ୍ଧା ଜିଲ୍ଲା ୫ଟି ସ୍ୱର୍ଣ୍ଣ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପୁରୀ ଜିଲ୍ଲା ୩ଟି ସ୍ୱର୍ଣ୍ଣ ପାଇ ତୃତୀୟ ସ୍ଥାନରେ ରହିଛି। ପ୍ରତିଯୋଗିତାକୁ ଅଫିସିଆଲ ଭାବେ ସାଗର ନାୟକ, ପ୍ରବୀର ଷଡ଼ଙ୍ଗୀ, ଶୁଭଙ୍କର ପାଣିଗ୍ରାହୀ, ମନୋଜ ମୁଖୀ, ଈଶ୍ୱର ଚନ୍ଦ୍ର ବେହେରା, ପ୍ରମୋଦ ମୁଖୀ, ସନତ ମାହାର, ସଂଘ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଓ ସଭାପତି ସୁନୀଲ ରାଜ ପରିଚାଳନା କରିଥିଲେ।

# ୧୭ରୁ ଅଷ୍ଟମ ତୁଷାରଶ୍ରୀ ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା




ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ): ଅଷ୍ଟମ ତୁଷାରଶ୍ରୀ ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆସନ୍ତା ୧୭ରୁ ସ୍ଥାନୀୟ ଆଚାର୍ଯ୍ୟ ବିହାରସ୍ଥିତ ଆଚାର୍ଯ୍ୟ ହରିହର ପାର୍କ ନିକଟରେ ଅନୁଷ୍ଠିତ ହେବ। ଏହି ଦୁଇଦିନିଆ ପ୍ରତିଯୋଗିତାଟି ତୁଷାର ଚାରିଟେବଲ୍ ଟ୍ରଷ୍ଟ, ମା' ସୁନାଦେଈ ୱାକର୍ସ କ୍ଲବ୍ ଓ ଆଚାର୍ଯ୍ୟ ହରିହର ପରିଷଦ ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ହେବ। ଏନେଇ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆଚାର୍ଯ୍ୟ ହରିହର ପରିଷଦର ବରିଷ୍ଠ ସଦସ୍ୟ ଶିଶିର ମହାପାତ୍ର, ଅମ୍ଳେଷ ଦାସ, ଚିତ୍ରଶିଳ୍ପୀ ଓ ବୃକ୍ଷପ୍ରେମୀ ସୁନା ଭାଇ, ଜିତେନ୍ଦ୍ର କୁମାର ଜେନା, ରାକେଶ ସେଠୀ ଯୋଗଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ତୁଷାର ଚାରିଟେବଲ୍ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବିରିକ ବିବରଣୀ ରଖି କହିଥିଲେ ଯେ ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ତୁଷାରଶ୍ରୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ୭ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଏହା ଅଷ୍ଟମ ସଂସ୍କରଣରେ ଉପନୀତ ହେବ। ଏହାକୁ ସଫଳତାର ସହ ଆୟୋଜନ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଦା...

କ୍ୟାରିୟର ଆରମ୍ଭ। କେହି ଅସହିଷ୍ଣୁ ବ୍ୟକ୍ତିବିଶେଷ କିଛି ରିପୋର୍ଟ କରିଥାଇପାରନ୍ତି ବୋଲି ସେ କହିଛନ୍ତି। ହେଲେ ଭଦ୍ରକ ବିଜେଡି ନେତାଙ୍କ କହିବାନୁଯାୟୀ, ସେ ୨୦୨୪ ନିର୍ବାଚନ ସମୟରୁ ହିଁ ବିଜେପି ସହ ଯୋଗଯୋଗାରେ ଥିଲେ। ଭଦ୍ରକ ଲୋକସଭା ଆସନରେ ଦଳର ପରାଜୟ ପାଇଁ ସେ ଦାୟୀ ବୋଲି କୁହାଯାଉଛି। ଏକଦା ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ବଳରେ ବଳୀୟାନ ଥିଲେ ମୁକ୍ତିକାନ୍ତ। ମୁକ୍ତିକାନ୍ତଙ୍କ ବିନା ଭଦ୍ରକ ବିଜେଡିରେ ପତ୍ର ବି ହଲୁନଥିଲା। ପ୍ରଫୁଲ୍ଲ ସାମଲ, ବ୍ୟୋମକେଶ ରାୟଙ୍କ ପରି ନେତାଙ୍କୁ ମଧ୍ୟ ସେ ଖାତିର କରୁ ନ ଥିଲେ।

୨୦୧୪ରେ ରାଜେନ୍ଦ୍ର ଦାସଙ୍କ ଟିକେଟ କାଟି ମୁକ୍ତିକାନ୍ତଙ୍କୁ ଧାମନଗରରୁ ବିଜେଡି ଟିକେଟ ଦିଆଯାଇଥିଲା ଓ ସେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ତାଙ୍କ ପତ୍ନୀ ମଞ୍ଜୁଲତା ଭଦ୍ରକ ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ଭାବେ ସାଂସଦ ହୋଇଥିଲେ। ସେତେବେଳେ ଧାମନଗରରୁ ଟିକେଟ ପାଇଥିବା ରାଜେନ୍ଦ୍ର ଦାସଙ୍କୁ ହରାଇବାରେ ମୁକ୍ତିକାନ୍ତଙ୍କର ପ୍ରମୁଖ ଭୂମିକା ଥିବା ଚର୍ଚ୍ଚା ହୋଇଥିଲା। ତେବେ ୨୦୨୪ ନିର୍ବାଚନରେ ଧାମନଗରରୁ ମୁକ୍ତିକାନ୍ତଙ୍କୁ ପ୍ରାର୍ଥୀ କରି ନ ଥିଲା ବିଜେଡି। କିନ୍ତୁ ତାଙ୍କ ପତ୍ନୀଙ୍କୁ ପୁନର୍ବାର ସାଂସଦ ଟିକେଟ୍ ମିଳିଥିଲା। ହେଲେ ତାଙ୍କୁ ଦଳ ପ୍ରାର୍ଥୀ କରି ନ ଥିବାରୁ ମୁକ୍ତିକାନ୍ତ ଭିତିରିଆ ବିଜେପିକୁ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଧାମନଗରରୁ ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସ ଓ ବାସୁଦେବପୁରରୁ ବିଷ୍ଣୁବ୍ରତ ରାଉତରାୟଙ୍କ ପରାଜୟ ପଛରେ ତାଙ୍କର ହାତ ଥିବା ଅଭିଯୋଗ ହୋଇଥିଲା।

## ପଡ଼ିଶାରେ...

ପକ୍ଷରୁ ଟିମ୍ ନିୟୋଜିତ କରାଯାଇଛି। ଏପରିକି କେଉଁ ନେତା କେତେ ଓଡିଆ ଓ ଅନ୍ୟ ଭୋଟରଙ୍କୁ ପ୍ରଭାବିତ କରିବାରେ ସଫଳ ହେଉଛନ୍ତି ତାହାର ଦୈନନ୍ଦିନ ରିପୋର୍ଟ ପ୍ରସ୍ତୁତ ହୋଇ ଉପରକୁ ପଠାଯାଉଛି। ଯେଉଁମାନେ ସେଠାରେ ସଫଳ ତାଲିକାରେ ରହିଛନ୍ତି ସେମାନଙ୍କର ଇଲାକାକୁ ବୃଦ୍ଧି କରାଯାଉଛି। ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ଅର୍ଥାତ୍ ଚଳିତ ମାସ ୨୩ ଓ ୨୯ ତାରିଖରେ ମତଦାନ ହେବାକୁ ଯାଉଥିବା ବେଳେ ଏଥିପାଇଁ ବହୁ ଓଡ଼ିଆ ନେତା ସେଠାରେ ଲାଗିପଡ଼ିଛନ୍ତି। କିଛି ନେତା ସପ୍ତାହକୁ ଥରେ ଓଡ଼ିଶା ଫେରୁଥିବା ବେଳେ ଆଉ କିଛି ନେତା ଭୋଟ ପ୍ରଚାର ସରିବା ପର୍ଯ୍ୟନ୍ତ ସେଠାରେ ରହିବା ପାଇଁ ମନସ୍ଥ କରିଛନ୍ତି। ତେବେ ନିର୍ବାଚନ ଫଳ ପ୍ରକାଶ ପରେ ଦିନରାତି ଏକ କରିଥିବା ନେତାମାନଙ୍କୁ କିଭଳି ପୁରସ୍କାର ମିଳିବ, ତାହାକୁ ଏବେ ଦଳର କର୍ମୀମାନେ ଚାହିଁ ବସିଛନ୍ତି।

## ଆଇଡି...

ବାଣିଜ୍ୟିକ କ୍ଷେତ୍ରରେ ୭୦ ପ୍ରତିଶତ ବ୍ୟବହାର ପାଇଁ ସିଲିଣ୍ଡର ରିଲିଜ୍ କରାଯାଉଛି। ହସ୍ପିଟାଲ, ଅଙ୍ଗନବାଡ଼ି ଭଳି ଜରୁରୀ ସ୍ଥାନକୁ ଆଗୁଆ ୨୦ ପ୍ରତିଶତ ସିଲିଣ୍ଡର ଯୋଗାଇ ଦିଆଯାଉଛି। ଏହାକୁ ମନିଟର୍ କରିବାକୁ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ରହିଛି ବୋଲି ଯୋଗାଣ ସଚିବ କହିଛନ୍ତି।

ସେହିଭଳି ୫ କେଜି ସିଲିଣ୍ଡରକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ମଧ୍ୟ ଶ୍ରୀ ସିଂ ଦୂର କରିଛନ୍ତି। ସେ କହିଛନ୍ତି ଯେ ତୈଳ କମ୍ପାନୀମାନେ ଇ-କେୱାଇସି କରି ୫ କେଜି ସିଲିଣ୍ଡର ଯୋଗାଇ ଦେଉଛନ୍ତି। ସେଥିରେ କୌଣସି ଅସୁବିଧା ନାହିଁ। ଶ୍ରମିକ ଓ ଛାତ୍ରଛାତ୍ରୀମାନେ ୫ କେଜି ଗ୍ୟାସ ନେବାକୁ ହେଲେ ସେମାନଙ୍କୁ ପରିଚୟପତ୍ର ଦେଖାଇବାକୁ ପଡ଼ିବ। ତୈଳ କମ୍ପାନୀମାନେ ଏଥିପାଇଁ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ୫ କେଜି ଗ୍ୟାସ୍ ବି ପ୍ରଦାନ କରୁଛନ୍ତି। ଯେଉଁମାନେ ଅବୈଧ ଭାବେ କନେକ୍ସନ ନେଇଛନ୍ତି ବା କଳାବଜାରୀ କରୁଛନ୍ତି, କେବଳ ସେମାନଙ୍କ ଉପରେ କଟକଣା ଲଗାଯାଇଛି ବୋଲି ସେ କହିଛନ୍ତି।

ଯୋଗାଣ ବିଭାଗ ପକ୍ଷରୁ ଗତ ମାସକ ମଧ୍ୟରେ ୧୬୩୩ଟି ସ୍ଥାନରେ ଚଢ଼ାଉ କରାଯାଇ ୩୧୦୫ ଅବୈଧ ସିଲିଣ୍ଡର ଜବତ କରାଯାଇଛି। ଏହି ଘଟଣାରେ ୨୮ଟି ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ମାମଲା କରାଯାଇ ୧୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ବେଆଇନ ହୋର୍ଡିଂ ଅଭିଯୋଗରେ ଅଦ୍ୟାବଧି ୫ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଏବେ ସରକାର ପିଏନଜି କନେକ୍ସନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ସହରାଞ୍ଚଳରେ ପିଏନଜି କନେକ୍ସନକୁ ତ୍ୱରାନ୍ୱିତ କରିବାକୁ ଦାୟିତ୍ୱ ନେଇଥିବା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକରୁ ଅଧିକ ସଂଖ୍ୟାରେ ଲୋକ ପିଏନଜି କନେକ୍ସନ ନେବାକୁ ମଧ୍ୟ ସରକାର ପ୍ରୋତ୍ସାହିତ କରୁଛନ୍ତି। ସୁରକ୍ଷା ଓ ଆର୍ଥିକ ଦୃଷ୍ଟିକୋଣରୁ ଏଲପିଜି ତୁଳନାରେ ପିଏନଜି ଲାଭଦାୟକ। ସହରାଞ୍ଚଳରେ କାମ ସାରିବାକୁ ଦାୟିତ୍ୱ ନେଇଥିବା କମ୍ପାନୀଙ୍କୁ ୩ ମାସର ଡେଡ୍‌ଲାଇନ ଦିଆଯାଇଛି ବୋଲି ସଚିବ ଶ୍ରୀ ସିଂ କହିଛନ୍ତି।

## ରାଜ୍ୟରେ...

ରାଜ୍ୟସ୍ତରୀୟ ସଂଯୋଜକ କମଳ ଶିଲ୍ ଏହି ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ପଶ୍ଚିମ ଏସିଆରେ ଯୁଦ୍ଧ ସଂକଟ ପରିପ୍ରେକ୍ଷୀରେ ରାଜ୍ୟରେ ଇନ୍ଧନ ଉପଲବ୍ଧତା ଓ ୫ କିଗ୍ରା ଏଲପିଜି ସିଲିଣ୍ଡର ସଂକ୍ରାନ୍ତରେ ରହିଥିବା ଭୁଲ୍ ଧାରଣା ସମ୍ପର୍କରେ ସେ ସ୍ପଷ୍ଟୀକରଣ ରଖିଥିଲେ।

ସେ କହିଛନ୍ତି ଯେ ଓଡ଼ିଶାରେ ତୈଳ ଓ ଗ୍ୟାସ ଯୋଗାଣ ସ୍ଥିର ଓ ସ୍ୱାଭାବିକ ରହିଛି। ରାଜ୍ୟ ସରକାର, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଏବଂ ତୈଳ ବିପଣନ କମ୍ପାନୀ (ଓଏମସି)ଗୁଡ଼ିକ ପାରସ୍ପରିକ ସମନ୍ୱୟ ମାଧ୍ୟମରେ ପେଟ୍ରୋଲ, ଡିଜେଲ ଓ ଏଲପିଜି ଯୋଗାଣକୁ ସୁବ୍ୟବସ୍ଥିତ କରିବାକୁ ପଦକ୍ଷେପ ନେଉଛନ୍ତି। ସମସ୍ତ ଖୁଚୁରା ବିକ୍ରୟ କେନ୍ଦ୍ର ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି। ଏସବୁ ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ଷ୍ଟକ ଉପଲବ୍ଧ ଅଛି। କୌଣସି ଏଲପିଜି ବିତରକଙ୍କ ପାଖରେ ଗ୍ୟାସ ଅଭାବ ସମସ୍ୟା ନାହିଁ ବୋଲି ସେ ଦାବି କରିଛନ୍ତି।

ଯେକୌଣସି ପ୍ରକାରର ବାଟମାରଣାକୁ ରୋକିବା ପାଇଁ ସାରା ଓଡ଼ିଶାରେ ଡିଜିଟାଲ୍ ଅନଲାଇନ୍ ବୁକିଂକୁ ଦୃଢ଼ ଭାବରେ ଉତ୍ସାହିତ କରାଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରବାସୀ ଶ୍ରମିକ ଓ ଛାତ୍ରଛାତ୍ରୀମାନଙ୍କୁ ସମର୍ଥନ କରିବା ପାଇଁ ପରିଚୟପତ୍ର ଦେଇ ୫ କିଲୋଗ୍ରାମ ଏଫଟିଏଲ ସିଲିଣ୍ଡର ସକ୍ରିୟ ଭାବେ ଯୋଗାଣ କରାଯାଉଛି। ତେବେ ଇ-କେୱାଇସି ମାଧ୍ୟମରେ ଘରୋଇ ସଂଯୋଗ ସୁବିଧା କରାଯାଉଛି। ତୈଳ କମ୍ପାନୀଗୁଡ଼ିକ ଏକ ସୁଗମ ଯୋଗାଣ ଶୃଙ୍ଖଳା ବଜାୟ ରଖିବା ପାଇଁ ସଂକଳ୍ପବଦ୍ଧ ରହିଥିବା ଆଇଓସିଏଲର ମୁଖ୍ୟ ମହାପ୍ରବନ୍ଧକ କହିଥିଲେ।

## ୯ ପୁଲିସ...

କୋର୍ଟ କହିଛନ୍ତି। ଏହାଛଡ଼ା କୋର୍ଟ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଏହି ମାମଲାରେ ସିସିଟିଭି ଫୁଟେଜ ଉପସ୍ଥାପିତ ହୋଇଥିଲା, ଯାହା ସାଧାରଣତଃ ଏପରି ମାମଲାରେ ହୁଏ ନାହିଁ। ମଦୁରାଇ ଜିଲ୍ଲା କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ତାମିଲନାଡୁରେ ଅନେକ ସଚ୍ଚୋଟ ପୁଲିସ ଅଧିକାରୀ ଅଛନ୍ତି ଓ ଏହି ନିଷ୍ପତ୍ତି କଦାପି ପୁଲିସ କର୍ମଚାରୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିବ ନାହିଁ। ଏଥିସହ ଏହି ମାମଲାକୁ ମଧ୍ୟ କୋର୍ଟ ବିରଳରୁ ବିରଳତର ଘଟଣା ବୋଲି କହିଛନ୍ତି। ଏହି ମାମଲାରେ ସିବିଆଇ ପକ୍ଷରୁ ମଧ୍ୟ ଅଭିଯୁକ୍ତମାନଙ୍କୁ ସବୁଠାରୁ କଠୋର ଦଣ୍ଡ ବିଧାନ କରିବା ସକାଶେ କୋର୍ଟଙ୍କୁ ନିବେଦନ କରାଯାଇଥିଲା। ଏହି ମାମଲାରେ ସେମାନଙ୍କୁ ଫାଶୀଦଣ୍ଡାଦେଶ ନତୁବା ପାରୋଲ୍ ବିହୀନ ଆଜୀବନ କାରାଦଣ୍ଡାଦେଶ ଉପରେ ସିବିଆଇ ଗୁରୁତ୍ୱାରୋପ କରିଥିଲା। ବିଚାର ସମୟରେ ମଧ୍ୟ କୋର୍ଟ ସମ୍ପୃକ୍ତ ପୁଲିସ୍ ଅଧିକାରୀମାନେ ସାଂଘାତିକ ମାନବାଧିକାର ଉଲ୍ଲଂଘନ କରିଥିବା କହିଥିଲେ।

ପାଖାପାଖି ୬ ବର୍ଷ ତଳେ ଅର୍ଥାତ୍ ୨୦୨୦ ଜୁନ୍ ୧୯ ତାରିଖରେ ଏହି ମାମଲା ଆରମ୍ଭ ହୋଇଥିଲା, ଯେତେବେଳେ ମୋବାଇଲ ଦୋକାନ ମାଲିକ ଜୟରାଜ ଓ ପୁଅ ବେନିକ୍ସଙ୍କୁ ଲକଡାଉନ ସମୟରେ ଅନୁମୋଦିତ ସମୟଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଦୋକାନ ଖୋଲା ରଖିବା କାରଣରୁ ଗିରଫ କରାଯାଇଥିଲା। ସେମାନଙ୍କୁ ସଥାନକୁଲମ ପୁଲିସ ଥାନାକୁ ନିଆଯାଇଥିଲା ଓ ପରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ତେବେ କିଛି ଦିନ ମଧ୍ୟରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ହେପାଜତରେ ଥିବା ସମୟରେ ସେମାନଙ୍କୁ ମାଡ଼ ମରାଯିବା ଫଳରେ ସେମାନଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ।

## ପୁନର୍ଗଠନ...

ଦେହୁରୀ, ନୂଆପଡ଼ାରେ ବେଲାମତି ମାଝୀ, ରାୟଗଡ଼ାରେ ମଞ୍ଜୁଳା ମିନିଆକା, ସମ୍ବଲପୁରରେ ସୁଷମା ମୁଣ୍ଡା ଓ ସୁନ୍ଦରଗଡ଼ ଜିଲ୍ଲାରେ ଗାଙ୍ଗୀ କିଣ୍ଡୋଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବ ବିଜେଡି ସରକାର ଗତ ୨୦୧୭ ସେପ୍ଟେମ୍ବର ୨୧ ତାରିଖରେ ପ୍ରଥମେ ୯ଟି ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଜପତି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟରେ ଏସଡିସି ଗଠନ କରିଥିଲେ। ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଗତ ୨୦୨୩ରେ ବିଜେଡି ସରକାର ଏହି ପରିଷଦକୁ ଆଉ ୧୪ଟି ଜିଲ୍ଲା ବଲାଙ୍ଗୀର, ଗଞ୍ଜାମ, ବୌଦ୍ଧ, ବାଲେଶ୍ୱର, ସମ୍ବଲପୁର, ଢେଙ୍କାନାଳ, କଳାହାଣ୍ଡି, ନୟାଗଡ଼, ନୂଆପଡ଼ା, ଅନୁଗୁଳ, ବରଗଡ଼, ଯାଜପୁର, ଝାରସୁଗୁଡ଼ା ଓ ଦେବଗଡ଼ରେ ଏସଡିସିକୁ ସମ୍ପ୍ରସାରିତ କରିଥିଲେ। ଏହି ପରିଷଦର ଅଧ୍ୟକ୍ଷମାନଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଓ ଉପାଧ୍ୟକ୍ଷମାନଙ୍କୁ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପାହ୍ୟାର ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା।

## ଉତ୍କଳରେ...

ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଇନ ୨୦୧୭ର ବିଭିନ୍ନ ଧାରାରେ ଏହି କୁଳପତିମାନଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟର ପ୍ରତିଷ୍ଠିତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କୁ ଦାୟିତ୍ୱ ମିଳିଥିବା ବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ରଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପୁନଃନିଯୁକ୍ତି ପାଇଛନ୍ତି। କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ସଞ୍ଜୟ କୁମାର ପାତ୍ର, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କୁ ନିଯୁକ୍ତି ମିଳିଛି। ଏହାଛଡ଼ା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅସୀମା ସାହୁଙ୍କୁ କୁଳପତି ଭାବେ ଅବସ୍ଥାପିତ କରାଯାଇଛି।

ସେହିପରି ପ୍ରଫେସର ପବନ କୁମାର ଅଗ୍ରୱାଲଙ୍କୁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଓ ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି, ବିଭୁତି ଭୂଷଣ ମଲ୍ଲିକଙ୍କୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଓ ହୃଷୀକେଶ ସେନାପତିଙ୍କୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ମିଳିଛି। କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଶିବାରାମ ତ୍ରିପାଠୀ, ଭୁବନେଶ୍ୱରର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଜ୍ୟୋତ୍ସ୍ନା କେବି ରାଉତ ଓ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଉଦ୍ଦିଷ୍ଟ ସାକ୍ଷୀଗୋପାଳସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟ କରିବେ ବୋଲି ଲୋକଭବନ ପକ୍ଷରୁ ସୂଚନା ଦିଆଯାଇଛି।

## ବିଜେପି...

କାର୍ଯ୍ୟକର୍ତ୍ତାଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ଦଳକୁ ସୁଦୃଢ଼ କରିବାରେ ସେମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶ୍ରୀ ପ୍ରଧାନ। ପରେ ମେଦିନୀପୁରର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସିଧାସଳଖ ଆଲୋଚନା କରି ସ୍ଥାନୀୟ ସମସ୍ୟା ଓ ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ।

ଏହି ଅବସରରେ ସେ କହିଛନ୍ତି ଯେ ବିଜେପି ସର୍ବଦା ଜନସେବାର ଆଦର୍ଶକୁ ନିଜ କାର୍ଯ୍ୟର ଆଧାର କରିଛି। ଐତିହ୍ୟ ଓ ବିକାଶର ପ୍ରେରଣାରେ ସଂଗଠନ ପ୍ରତିଟି ନାଗରିକଙ୍କ ସେବା ପାଇଁ ଅଟଳ ଭାବେ ପ୍ରତିଶ୍ରୁତିବଦ୍ଧ। କୋଟି କୋଟି କାର୍ଯ୍ୟକର୍ତ୍ତା ଏହି ଅତୁଟ ସଂକଳ୍ପ ସହ ରାଷ୍ଟ୍ର ନିର୍ମାଣ ଯାତ୍ରାରେ ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି। ଆଜିର ଦିବସ ସେହି ମହାନ ତପସ୍ୱୀ ଓ ରାଷ୍ଟ୍ରନିଷ୍ଠ ନେତୃତ୍ୱଙ୍କୁ ପ୍ରଣାମ କରିବାର ଅବସର, ଯେଉଁମାନେ ସେବା, ସମର୍ପଣ ଓ ସିଦ୍ଧାନ୍ତ ଆଧାରରେ ଏହି ସଂଗଠନକୁ ଜନ-ଆସ୍ଥାର ପ୍ରତୀକ ଭାବେ ଗଢ଼ି ତୋଳିଛନ୍ତି। ଗାଁ ଗାଁକୁ ସଂଗଠନର ବିଚାରଧାରା ପହଞ୍ଚାଉଥିବା ଆମର କର୍ମଠ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ପରିଶ୍ରମ ହିଁ ବିଜେପିର ପ୍ରକୃତ ଶକ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଅନ୍ତ୍ୟୋଦୟ' ମନ୍ତ୍ରକୁ ପାଥେୟ କରି ବିକଶିତ ଭାରତ ଗଠନରେ ବଙ୍ଗଳାର କାର୍ଯ୍ୟକର୍ତ୍ତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ।

ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ପୂର୍ବ ମେଦିନୀପୁର ବାଲିଘାଇସ୍ଥିତ ଜଗନ୍ନାଥ ମନ୍ଦିରରେ ଦର୍ଶନ କରିଥିଲେ। ଏହା ପୂର୍ବରୁ ଗତକାଲି ଶ୍ରୀ ପ୍ରଧାନ ଝାଡ଼ଗ୍ରାମଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକରେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା ମଧ୍ୟ କରିଥିଲେ।

## ମଫି...

ଅଧିକ ଖୋଳତାଡ଼ ହୋଇପାରେ। ଠିକ୍ ସେହିପରି ଏତେ ପରିମାଣର ବିସ୍ଫୋରକ କେଉଁଠାରେ ବ୍ୟବହାର ହୋଇଥାନ୍ତା, ତା' ଜାଣିବା ସକାଶେ ଉଦ୍ୟମ କରିବ ଏହି ଜାତୀୟ ତଦନ୍ତକାରୀ ସଂସ୍ଥା। ଏ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ଏକାଧିକ ଲୋକଙ୍କୁ ପଚରାଉଚରା ଜାରି ରଖିଛି ଏନଆଇଏ। ଏପରିକି ମୁଖ୍ୟ ଅଭିଯୁକ୍ତ ତଥା ମୃତ ମଫିର ଗାର୍ଲଫ୍ରେଣ୍ଡକୁ ମଧ୍ୟ ଅଧିକ ପଚରାଉଚରା କରାଯାଇଛି।

ବିସ୍ଫୋରକ ବା ବୋମାରେ ହେକ୍ସାହାଇଡ୍ରୋ ଟ୍ରାଇନାଇଟ୍ରୋ ଭଳି ରାସାୟନିକ ବ୍ୟବହାର ହୋଇଥିଲା। ପ୍ରାଥମିକ ତଦନ୍ତରୁ ଏନ୍‌ଆଇଏ ଏହା ଜାଣିବାକୁ ପାଇଥିଲା। ପୂର୍ବରୁ ସାମ୍ପଲକୁ ରାଜ୍ୟ ଫରେନସିକ ଲ୍ୟାବକୁ ପଠାଯାଇଥିଲା। ଫରେନସିକ ରିପୋର୍ଟ ଆସିବା ପରେ ବୋମା ବିସ୍ଫୋରଣର ଗୁମର ଖୋଲିବ ବୋଲି ଏନଆଇଏ ଆଶା ରଖିଛି। ସେପଟେ ସହଯୋଗୀଙ୍କ ବୟାନ ରେକର୍ଡ ସହ ଜବତ ସିଡିଆର ରିପୋର୍ଟ ମଧ୍ୟ ଆତଙ୍କୀଙ୍କ ମୁଖା ଖୋଲିଦେଇପାରେ। ଏଭଳି କ୍ଷେତ୍ରରେ ରାଜ୍ୟ ବାହାର ଅପରାଧୀଙ୍କ ସହ ମଫିର ଲିଙ୍କ ଓ ଫଣ୍ଡିଂ ସମ୍ପର୍କରେ ଜାଣିବା ସକାଶେ ଏନ୍‌ଆଇଏ ଅଧିକାରୀମାନେ ମଫିର ଗାର୍ଲଫ୍ରେଣ୍ଡକୁ ଅଧିକ ପଚରାଉଚରା କରୁଛନ୍ତି। ଦିଲ୍ଲୀ ବିସ୍ଫୋରଣ ସହ ଭୁବନେଶ୍ୱର ବିସ୍ଫୋରଣର ଲିଙ୍କ ନେଇ ଚାଲିଛି ଖୋଳତାଡ଼। ଯଦି ସେମିତି କିଛି ପ୍ରମାଣ ମିଳେ, ତା'ହେଲେ ମଫିର ସହଯୋଗୀଙ୍କ ଅଡୁଆ ବଢ଼ିପାରେ। କାରଣ ପଚରାଉଚରା ସମୟରେ ଆନ୍ତଃରାଜ୍ୟ ଫଣ୍ଡିଂଠାରୁ ଆରମ୍ଭ କରି ବାହାର ରାଜ୍ୟର ଅପରାଧୀଙ୍କ ସମ୍ପୃକ୍ତି ସମ୍ପର୍କରେ ପକ୍କା ସୂଚନା ପାଇବା ପରେ ଖୋଳତାଡ଼କୁ ଏନ୍‌ଆଇଏ ଆହୁରି ବ୍ୟାପକ କରିଥିବା ଜଣାପଡ଼ିଛି।

### ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସହ ଏନସିଏଫ୍‌ଇର ଚୁକ୍ତି

# ଷଷ୍ଠରୁ ଛାତ୍ରଛାତ୍ରୀ ପଢ଼ିବେ ଆର୍ଥିକ ସାକ୍ଷରତା ପାଠ

ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଏମ୍‌ଶ୍ରୀ ସ୍କୁଲଗୁଡିକରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସାକ୍ଷରତା ଉପରେ ଶିକ୍ଷା ଦିଆଯିବ। ସେମାନେ ବିଭିନ୍ନ ଆର୍ଥିକ ଯୋଜନା ଉପରେ ଜ୍ଞାନ ଆହରଣ କରିବେ। ଏଥିପାଇଁ ଜାତୀୟ ଆର୍ଥିକ ଶିକ୍ଷା କେନ୍ଦ୍ର (ଏନ୍‌ସିଏଫ୍‌ଇ) ସହ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ (ପିଏସଏସଏସ) ପକ୍ଷରୁ ଏକ ଚୁକ୍ତିନାମା ଆଜି ସ୍ୱାକ୍ଷରିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ପ୍ରମୁଖ ଶାସନ ସଚିବ ଡା. ଏନ୍. ତିରୁମାଲା ନାୟକଙ୍କ ଉପସ୍ଥିତିରେ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ଏହାର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକ ଅନନ୍ୟା ଦାସ ଓ ଏନସିଏଫ୍‌ଇ ପକ୍ଷରୁ ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ଚନ୍ଦ୍ର ଜେନା ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁସାରେ, ଜାତୀୟ ଶିକ୍ଷା ନୀତି (ଏନଇପି)-୨୦୨୦ ସହ ସମନ୍ୱୟ ରଖି ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ୩୦ ଜିଲ୍ଲାର ୭୩୬ଟି ବିଦ୍ୟାଳୟରେ ପ୍ରଚଳନ କରାଯିବ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ପ୍ରଚାର କରିବା ସହ ସେମାନଙ୍କ ମଧ୍ୟରେ ଆର୍ଥିକ କାରବାର ପରିଚାଳନା ଦକ୍ଷତାର ବିକାଶ କରିବା, ଯାହାଦ୍ୱାରା ସେମାନଙ୍କର ଔଦ୍ୟୋଗିକ ଦକ୍ଷତା ବୃଦ୍ଧି ପାଇବ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସ୍ତରରୁ ଟଙ୍କା, ସଞ୍ଚୟ, ବଜେଟ୍ ପରିଚାଳନା, ବ୍ୟାଙ୍କିଂ, ନିବେଶ, ଟିକସ, ଅର୍ଥ କାରବାର ଓ ଆର୍ଥିକ ଦାୟିତ୍ୱବୋଧ ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଏହା ସେମାନଙ୍କୁ ଭବିଷ୍ୟତରେ ସଚେତନ ଓ ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ି ତୋଳିବ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟରେ ଲାଗୁ ହେବା ପୂର୍ବରୁ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଆର୍ଥିକ ସାକ୍ଷରତା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ଏହାଦ୍ୱାରା ସେମାନେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଭାବେ ଶିକ୍ଷାଦାନ କରିପାରିବେ। ଏନସିଏଫ୍‌ଇ ଅଧୀନରେ ଚିହ୍ନଟ ବିଦ୍ୟାଳୟଗୁଡ଼ିକୁ 'ମନି ସ୍ମାର୍ଟ ସ୍କୁଲ୍' ଭାବେ ପ୍ରମାଣିତ କରାଯିବାର ବ୍ୟବସ୍ଥା ରହିଛି।






କୁଆଖାଇ ପଳାଶୁଣି ରାସ୍ତାରେ ଅହର୍ନିଶି ଭାସୁଛି ପାଣି, ବର୍ଷାଧିକ କାଳ ହୋଇଥିଲେ ବି ଏଥିପ୍ରତି କାହାରି ନଜର ପଡୁନି।

## ସଡ଼କ ଦୁର୍ଘଟଣା, ୫ ମୃତ, ୬ ଗୁରୁତର



ଉମରକୋଟ/କଳାହାଣ୍ଡି, ୬।୪ (ସଂଚାର ବ୍ୟୁରୋ) : ରାଜ୍ୟରେ ଭିନ୍ନ ଭିନ୍ନ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି।ନବରଙ୍ଗପୁର ଜିଲ୍ଲାର ଉମରକୋଟ ବଡ଼କୁମାରୀ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୨ କାର ମଧ୍ୟରେ ମୁହାଁମୁହିଁ ଧକ୍କାରୁ ଏହି ଦୁର୍ଘଟଣା ଘଟିଛି। ଜଣେ ଶିଶୁ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି। ସେହିପରି କଳାହାଣ୍ଡି ବଡଦେର୍ଲା ଛକରେ ଦୁର୍ଘଟଣା ଘଟିଛି। ଟ୍ରାକ୍ଟର-ବାଇକ ମୁହାଁମୁହିଁ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

● ଓଡ଼ିଶାକୁ ବାହାର ରାଜ୍ୟ ଗାଡ଼ି ପ୍ରବେଶ ଉପରେ କଟକଣା

## ୧୦ ବର୍ଷ ପୁରୁଣା ଗାଡ଼ିକୁ ମିଳିବନି ପରମିଟ୍



କଟକ,୬।୪(ସଂଚାର ବ୍ୟୁରୋ): ଓଡ଼ିଶାରେ ବାହାର ରାଜ୍ୟର ୧୦ ବର୍ଷରୁ ଅଧିକ ପୁରୁଣା ବାଣିଜ୍ୟିକ ଗାଡ଼ି ଉପରେ ଲାଗିଲା କଟକଣା। ଏସବୁ ଗାଡ଼ିକୁ ନୂଆ ପରମିଟ୍ ପ୍ରଦାନ କରାଯିବ ନାହିଁ। ଏହିସବୁ ଗାଡ଼ିର ମାଲିକାନା ହସ୍ତାନ୍ତର କିମ୍ବା କୌଣସି କର ଗ୍ରହଣ ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଛି। ଗତ ୨୦୨୩ ଜୁଲାଇ ୧୯ ତାରିଖରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଏସଟିଏ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ପରିବହନ ବ୍ୟବସ୍ଥାକୁ ଉନ୍ନତ ଓ ଯାତ୍ରୀମାନଙ୍କ ନିରାପତ୍ତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୩ରେ ଏସଟିଏର ୩୦୧ତମ ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଅନ୍ୟ ରାଜ୍ୟରେ ପଞ୍ଜିକୃତ ହୋଇଥିବା ୧୦ ବର୍ଷରୁ ଅଧିକ ପୁରୁଣା ବାଣିଜ୍ୟିକ ଗାଡ଼ିଗୁଡ଼ିକର ରାଜ୍ୟ ମଧ୍ୟକୁ ପ୍ରବେଶ ଓ ପରିଚାଳନା ଉପରେ କଟକଣା ଲାଗୁ କରାଯାଇଛି। ନିର୍ଦ୍ଧାରିତ ସମୟ ସୀମା ଅତିକ୍ରମ କରିଥିବା ବାହାର ରାଜ୍ୟର କୌଣସି ବି ବାଣିଜ୍ୟିକ ଗାଡ଼ିକୁ ଓଡ଼ିଶାରେ ଚଳାଚଳ ପାଇଁ ନୂତନ ପରମିଟ୍ ପ୍ରଦାନ କରାଯିବ ନାହିଁ।

ଏଥିସହ ରାଜ୍ୟର ସମସ୍ତ ଆରଟିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ଏହିପରି ପୁରୁଣା ଗାଡ଼ିଗୁଡ଼ିକର ଠିକଣା ପରିବର୍ତ୍ତନ, ମାଲିକାନା ହସ୍ତାନ୍ତର କିମ୍ବା କୌଣସି ପ୍ରକାରର ପରିବହନ ଟିକ୍ସ ଗ୍ରହଣ କରାଯାଇପାରିବ ନାହିଁ। ସମସ୍ତ ଆରଟିଓ ଓ ଏଆଇଟିଓମାନଙ୍କୁ ଏହି ସଂସ୍କାରମୂଳକ ନିଷ୍ପତ୍ତିକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ରାଜ୍ୟରେ ସଡ଼କ ସୁରକ୍ଷା ମାନଦଣ୍ଡରେ ଉନ୍ନତି ଆସିବ, ସଡ଼କରେ ଅନୁପଯୁକ୍ତ ଗାଡ଼ି ହ୍ରାସ ପାଇବ ଏବଂ ପୁରୁଣା ଗାଡ଼ିଜନିତ ପ୍ରଦୂଷଣ ମଧ୍ୟ ହ୍ରାସ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## କାଠଯୋଡ଼ି ରିଂବନ୍ଧର ଉପଯୋଗିତା ନେଇ ପ୍ରଶ୍ନ ଉଠାଇଲେ ଭର୍ତ୍ତୃହରି



କଟକ,୬।୪(ସଂଚାର ବ୍ୟୁରୋ): କାଠଯୋଡ଼ି ରିଂବନ୍ଧ ସମ୍ପ୍ରସାରଣ ପ୍ରକଳ୍ପର ବାସ୍ତବ ଉପଯୋଗିତାକୁ ନେଇ କଟକ ସାଂସଦ ଭର୍ତ୍ତୃହରି ମହତାବ ଆଜି ପ୍ରଶ୍ନ ଉଠାଇଛନ୍ତି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରତିକ୍ରିୟା ରଖି ଶ୍ରୀ ମହତାବ କହିଛନ୍ତି ଯେ ଏହି ପ୍ରକଳ୍ପ କୌଣସି ଦୃଷ୍ଟିରୁ ମଙ୍ଗଳକର ହେଉନାହିଁ। ୨୦୨୩ରେ ଏହି ପ୍ରକଳ୍ପ ଆରମ୍ଭ ସମୟରେ ସେ ଏହାର ଉପଯୋଗିତାକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ସରକାର ଏଥିପ୍ରତି ଦୃଷ୍ଟି ନ ଦେଇ ନିଜ ଜିଦ୍ ଅଟଳ ରହି କାମ ଆରମ୍ଭ କରିଥିଲେ। ନୂଆ ସରକାରଙ୍କୁ ବି ସେ ଏ ସମ୍ପର୍କରେ ଅବଗତ କରାଇଥିଲେ। ତେବେ ପୂର୍ବରୁ କାମ ଆରମ୍ଭ ହୋଇ ସାରିଥିବାରୁ ତାହା ଏବେ ଜାରି ରହିଛି। ଏ ପର୍ଯ୍ୟନ୍ତ ରେଳ ବିଭାଗ ଆପତ୍ତିବିହୀନ ପ୍ରମାଣପତ୍ର ଦେଇନାହିଁ। ରେଳବାଇ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ ଏକ ଯୁଗ୍ମ କମିଟି ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରିବା ପରେ ଏନ୍‌ଓସି ସମ୍ପର୍କରେ ବିଚାର କରାଯିବ। ତେଣୁ ଖାନନଗର ରେଳ ପୋଲ ତଳେ ଏହି ସମ୍ପ୍ରସାରିତ ରାସ୍ତା ନିର୍ମାଣକୁ ନେଇ ଏବେ ବି ଅନିଶ୍ଚିତତା ଜାରି ରହିଛି। ସେଠାରେ ସମ୍ପ୍ରସାରିତ ରାସ୍ତା ନିର୍ମାଣ ହେଲେ ତାହା ଯେଉଁଠି ଜାତୀୟ ରାଜପଥ ସହ ସଂଯୋଗ ହେବ ସେଠାରେ ବି ସମସ୍ୟା ଉପୁଜିବ। ଲୋକଙ୍କ ୪/୫ ମହଲା କୋଠା ଭାଙ୍ଗିବାକୁ ପଡ଼ିବ। ତେଣୁ ଏ ପ୍ରକାର ଏକ ଯୋଜନା ସାଧାରଣ ଲୋକଙ୍କ ପାଇଁ କେତେ ଉପଯୋଗୀ ହେବ, ତାହା ସନ୍ଦେହ ଘେରରେ।

ଏବେ ଯେଉଁଠି ନେତାଜୀ ବସ୍ ଟର୍ମିନାଲ ରହିଛି, ତାହା ଭବିଷ୍ୟତରେ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇନପାରେ। ଓଏମ୍‌ପି ଛକ ନିକଟରେ ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିଲେ ତାହା ସବୁଠାରୁ ଉପଯୋଗୀ ସାବ୍ୟସ୍ତ ହୋଇଥାନ୍ତା ବୋଲି ଶ୍ରୀ ମହତାବ କହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୩ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ନକ୍ସାକୁ ଏବେ ବଦଳାଯାଉଛି। ରେଳ ବିଭାଗର ବିରୋଧ ପରେ ସେଠାରେ କିଛି ନିର୍ମାଣ କାର୍ଯ୍ୟକୁ ବି ପୁଣି ଭଙ୍ଗାଯାଉଛି। ଏଭଳି ନିର୍ମାଣ କାର୍ଯ୍ୟ ଆଗାମୀ ଦିନରେ କଟକର ରେଳ ଲାଇନ୍ ସମ୍ପ୍ରସାରଣ କାର୍ଯ୍ୟରେ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି।

## ଓଡ଼ିଆରେ ଶପଥ ନେଲେ ୩ ସାଂସଦ



ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ): ରାଜ୍ୟସଭାରେ ଆଜି ଶପଥ ନେଇଛନ୍ତି ଓଡ଼ିଶାର ତିନି ନବନିର୍ବାଚିତ ସାଂସଦ। ତିନି ସାଂସଦ ମନମୋହନ ସାମଲ, ସଂତୃପ୍ତ ମିଶ୍ର ଓ ଦିଲ୍ଲୀପ କୁମାର ରାୟ ଆଜି ରାଜ୍ୟସଭା ଅଧ୍ୟକ୍ଷଙ୍କ ନିକଟରେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ଏହି ତିନି ସାଂସଦ ଓଡ଼ିଆରେ ଶପଥପାଠ କରିଥିଲେ। ତେବେ ଓଡ଼ିଶାର ଅନ୍ୟତମ ନବନିର୍ବାଚିତ ରାଜ୍ୟସଭା ସାଂସଦ ସୁଜିତ କୁମାର ଆଜି ଶପଥ ନେଇନାହାଁନ୍ତି। ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ୍ ସଂସଦ ଭବନରେ ଓଡ଼ିଶାର ନବନିର୍ବାଚିତ ୩ ସାଂସଦଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

ଗତ ମାର୍ଚ୍ଚ ୧୬ରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ ବିଜେପି ପକ୍ଷରୁ ରାଜ୍ୟ ସଭାପତି ମନମୋହନ ସାମଲ, ସୁଜିତ କୁମାର ଜିତିଥିବା ବେଳେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲୀପ ରାୟ ବିଜୟୀ ହୋଇଥିଲେ। ସେହିପରି ବିଜେଡି ପକ୍ଷରୁ ସଂତୃପ୍ତ ମିଶ୍ର ରାଜ୍ୟସଭା ନିର୍ବାଚନରେ ବାଜିମାତ କରିଥିଲେ। ବିଜେଡି କଂଗ୍ରେସ ଓ ବାମଦଳ ପକ୍ଷରୁ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଶେଷରେ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା।





# ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

DSPL/320920-10001/18/2627

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/


## ସରଣ୍ଡାରେ ବିସ୍ଫୋରଣ: କୋବ୍ରା ୨୦୫ ବାଟାଲିୟନ୍ ଯବାନ ଆହତ



ବଣାଇଁ,, ୬।୪ (ସଂଚାର ବ୍ୟୁରୋ) : ଓଡ଼ିଶା-ଝାଡଖଣ୍ଡ ସୀମା ସଂଲଗ୍ନ ସରଣ୍ଡା ଜଙ୍ଗଲରେ ସୋମବାର ପୁଣି ବିସ୍ଫୋରଣର ଖବର ସାମ୍ନାକୁ ଆସିଛି। ଯାହା ସୁରକ୍ଷା ବ୍ୟବସ୍ଥା ଏବଂ ନକ୍ସଲ କାର୍ଯ୍ୟକଳାପକୁ ନେଇ ନୂଆ ପ୍ରଶ୍ନ ଉଠାଇଛି। ୬ ଏପ୍ରିଲର ସକାଳେ ବାଲିବା ଗାଁ ନିକଟସ୍ଥ ଚଡ୍ରା ଡେରା ଜଙ୍ଗଲରେ ହୋଇଥିବା ଏକ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ କୋବ୍ରା ୨୦୫ ନମ୍ବର ବାଟାଲିୟନର ଜଣେ ଯବାନ ଅନୁଜ କୁମାର ଆହତ ହୋଇଛନ୍ତି। ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି ଏବଂ ସୁରକ୍ଷା ବଳ ଦ୍ୱାରା ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି। ଆହତ ଯବାନଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଦିଆଯାଇ ଥିଲା। ପରେ ତାଙ୍କୁ ଉତ୍ତମ ଚିକିତ୍ସା ପାଇଁ ରାଞ୍ଚି ପଠାଯାଇଥିବା ସୂଚନା ମିଳିଛି। ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ଭାରତ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଧାର୍ଯ୍ୟ ଡେଟ ଲାଇନକୁ ମାଓବାଦୀ ନକ୍ସଲ ଚ୍ୟାଲେଞ୍ଜ ଦେଇ କାର୍ଯ୍ୟକଳାପ ଜାରି ରଖିଛନ୍ତି ।

ସରଣ୍ଡା, ସଦା ସଚେତନ ରହିବାକୁ ପଡୁଥିବା ଅଞ୍ଚଳ। ଉକ୍ତ ଅଞ୍ଚଳ ଦେଶର ସବୁଠୁ ସମ୍ବେଦନଶୀଳ ନକ୍ସଲ ପ୍ରଭାବିତ ଅଞ୍ଚଳମାନଙ୍କ ମଧ୍ୟରୁ ଗୋଟିଏ। ଘନ ଜଙ୍ଗଲ ଏବଂ ଦୁର୍ଗମ ଭୌଗୋଳିକ ପରିସ୍ଥିତି ସହିତ ଦୁଇଟି ରାଜ୍ୟ ଓଡ଼ିଶା ଓ ଝାଡଖଣ୍ଡର ସମିଶ୍ରଣ ଅଞ୍ଚଳ ଥିବାରୁ ଏହା ମାଓବାଦୀ ନକ୍ସଲଙ୍କ ଲୁଚିବା ପାଇଁ ସହାୟକ ସ୍ଥଳ ସାଜିଛି।

## ମାନବାଧିକାର କର୍ମୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ

### ଭାଙ୍ଗିରୁଜି ଯାଇଛି ଗାଡ଼ି, ଥାନାରେ ଏତଲା



କଟକ,୬।୪(ସଂଚାର ବ୍ୟୁରୋ): ପ୍ରମୁଖ ମାନବାଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁଙ୍କୁ ଆଜି ଗାଡ଼ି ଚଢ଼ାଇ ଜୀବନରେ ମାରିଦେବା ସକାଶେ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଶ୍ରୀ ସାହୁ ସ୍ଥାନୀୟ ମଙ୍ଗଳାବାଗ ଥାନାରେ ଏତଲା ମଧ୍ୟ ଦେଇଛନ୍ତି। ତାଙ୍କୁ ଗାଡ଼ି ଚଢ଼ାଇ ମାରିଦେବା ସକାଶେ ଉଦ୍ୟମ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସେ ଦାବି କରିଛନ୍ତି। ଏଥିସହ ତାଙ୍କୁ ଧକ୍କା ଦେଇଥିବା ଅଟୋର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ଓ ବୀମା ଅବଧି ସରିଯାଇଥିବାରୁ ଏହା ବିରୋଧରେ ସମ୍ପୃକ୍ତ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ମଧ୍ୟ ଶ୍ରୀ ସାହୁ ଦାବି କରିଛନ୍ତି। ମିଳିଥିବା ସୂଚନାନୁସାରେ, ଆଜି ଶ୍ରୀ ସାହୁ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ତାଙ୍କ ଦୁଇଚକିଆ ଗାଡ଼ି (ଧଳା ରଙ୍ଗର ବର୍ଗମାନ୍-ନଂ.ଓଡି୦୫ବିଆର୍ ୭୩୮୨) ଯୋଗେ ଘରୁ ବାହାରି ମଧୁପାଟଣା ଟ୍ରାଫିକ୍ ଛକ ଦେଇ ଯାଉଥିଲେ। ତେବେ ସେ ବାଦାମବାଡ଼ି ଯିବା ରାସ୍ତାରେ ଯାଉଥିବା ସମୟରେ ତାଙ୍କୁ ଏକ ଅଟୋ ଧକ୍କା ଦେଇଥିଲା। ଉକ୍ତ ଅଟୋର ନମ୍ବର ଓଡି୦୫ବିଭି ୪୮୬୪ ରହିଥିବା ବେଳେ ଧକ୍କାରେ ଶ୍ରୀ ସାହୁ ତଳେ ପଡ଼ିଯାଇଥିଲେ। ତେବେ ଅଟୋ ଚାଳକ ଜଣଙ୍କ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଆରମ୍ଭ କରିଦେଇଥିଲା। ତଳୁ ଉଠି ଶ୍ରୀ ସାହୁ ଉକ୍ତ ଅଟୋର ଏକ ଫଟୋ ନେବାକୁ ଉଦ୍ୟମ କରୁଥିବା ସମୟରେ ଅଟୋ ଚାଳକ ଜଣଙ୍କ ଗାଡ଼ି ସହ ମଧୁପାଟଣା ଟ୍ରାଫିକ୍ ଛକ ଦେଇ ସେଠାରୁ ପଳାଇଯାଇଥିଲା। ଅଟୋ ସହ ଦୁର୍ଘଟଣା ଯୋଗୁଁ ଶ୍ରୀ ସାହୁଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି ଓ ତାଙ୍କ ଗାଡ଼ି ମଧ୍ୟ ଭାଙ୍ଗିରୁଜି ଯାଇଛି। ତେବେ ସେ ନିୟମିତ ଭାବେ ସୂଚନା ଅଧିକାର ଆଇନ ଅଧୀନରେ ବିଭିନ୍ନ ଦୁର୍ନୀତି ଓ ଅନିୟମିତତାକୁ ଲୋକଲୋଚନକୁ ଆଣୁଥିବାରୁ ଏହା କେତେକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି।

## ଚୌଦ୍ୱାର ଜେଲ୍‌ର ସ୍ୱତନ୍ତ୍ର ସେଲ୍‌ରେ ରାଜା



ଖୁବ୍‌ଶୀଘ୍ର ହୋଇପାରେ ଅନ୍ୟତ୍ର ସ୍ଥାନାନ୍ତର

କଟକ,୬।୪(ସଂଚାର ବ୍ୟୁରୋ): ଚୌଦ୍ୱାର ଜେଲ୍‌ରୁ ଚମ୍ପଟ ମାରିଥିବା ଅନ୍ୟତମ କଏଦୀ ରାଜା ସାହାଣୀ (୩୯)କୁ କମିସନରେଟ ପୁଲିସ ଗତ ଗୁରୁବାର ଉତ୍ତରାଖଣ୍ଡର ଋଷିକେଶରୁ ଗିରଫ କରିଥିଲା। ଆଜି ତାକୁ ଭୁବନେଶ୍ୱର ଅଣାଯିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅପରାହ୍ଣରେ କଟକ ଜେଏମଏଫସି କୋର୍ଟରେ ହାଜର କରାଯାଇଥିଲା। ସନ୍ଧ୍ୟାରେ ତାକୁ ଚୌଦ୍ୱାର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଜେଲ୍‌ରେ ରାଜାକୁ ଏକ ସ୍ୱତନ୍ତ୍ର ସେଲ୍‌ରେ ରଖାଯାଇଛି, ଯେଉଁଠି କ୍ୟାମେରା ସହ ସେନ୍‌ସର ଲାଗିଛି। ପାଳି କରି ଜଗିବା ପାଇଁ ୩ ଜଣ ଓ ତନଖି ପାଇଁ ଅଧିକ ୨ ଜଣଙ୍କୁ ମୁତୟନ କରାଯାଇଛି। ରାଜା ପୂର୍ବରୁ ଏଠାରେ ରହିଥିବାରୁ ଜେଲ୍‌ର ଭୌଗୋଳିକ ସ୍ଥିତି ତାକୁ ବେଶ୍ ଜଣା ଅଛି। ତେଣୁ ସେ ପୁଣି କୌଣସି କାଣ୍ଡ କରିବା ପୂର୍ବରୁ ତାକୁ ଅନ୍ୟ ଜେଲ୍‌କୁ ସ୍ଥାନାନ୍ତର କରାଯିବା ଉପରେ ଜେଲ୍ କର୍ତ୍ତୃପକ୍ଷ ବିଚାରବିମର୍ଶ କରୁଛନ୍ତି। ତଦନ୍ତରେ ସହଯୋଗ ଓ ଅଧିକ ପଚରାଉଚରା ପାଇଁ ପୁଲିସ ପକ୍ଷରୁ ଅଦାଲତରେ ୭ଦିନିଆ ରିମାଣ୍ଡ ଆବେଦନ କରାଯାଇଛି। ଆଜି ଛୁଟିଦିନ ଥିବାରୁ ଆସନ୍ତାକାଲି ଅଦାଲତ ଖୋଲିବା ପରେ ରିମାଣ୍ଡ ଅବଧି ମଞ୍ଜୁରୀ ମିଳିପାରେ। ଅନ୍ୟତମ ଅଭିଯୁକ୍ତ ମଧୁକାନ୍ତ ରାଣାକୁ ଜେରା ସମୟରେ ପୁଲିସ ଅନେକ ତଥ୍ୟ ହାସଲ କରିଥିଲା। ତେବେ ରାଜା ସମ୍ପର୍କରେ ସେ କିଛି ବି କହିନଥିଲା। ଏବେ ରାଜା ଗିରଫ ହୋଇଥିବାରୁ ସେମାନଙ୍କର କଳା ସାମ୍ରାଜ୍ୟ ଉପରୁ ପରଦା ହଟିବ ବୋଲି ପୁଲିସ ଆଶା ରଖିଛି।

ପ୍ରକାଶ ଥାଉ କି, ଚୌଦ୍ୱାର ଜେଲ୍‌ରୁ ରାଜା ଫେରାର ହେବା ପରେ କର୍ଣ୍ଣାଟକରେ ୧୦ କୋଟି ଟଙ୍କାର ସୁନା ଅଳଙ୍କାର ଲୁଟିଥିଲା। ତା'ର ସହଯୋଗୀମାନଙ୍କ ସହ ଏହି ଲୁଟ କରିଥିବା ବେଳେ ସେଠାରୁ ଫେରାର ହୋଇଯାଇଥିଲା। ମଧୁକାନ୍ତ ଗିରଫ ହେବା ପରେ ରାଜା ଜାଣିନେଇଥିଲା ପୁଲିସ ତା' ପଛରେ ବି ପଡ଼ିଛି। ସେଥିପାଇଁ ସେ ନିୟମିତ ବ୍ୟବଧାନରେ ଠିକଣା ବଦଳାଉଥିଲା। ଉତ୍ତର ପ୍ରଦେଶ, ଦିଲ୍ଲୀ, ମୁମ୍ବାଇ, ବିହାର, ଝାଡ଼ଖଣ୍ଡରେ ସେ ଅଧିକ ଦିନ ରହୁଥିଲା। କିଛିଦିନ ହେବ ସେ ଉତ୍ତରାଖଣ୍ଡରେ ରହୁଥିବା ପୁଲିସ ଜାଣିବାକୁ ପାଇବା ପରେ ସ୍ଥାନୀୟ ପୁଲିସ୍ ସହଯୋଗରେ ତାକୁ ଗିରଫ କରିଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




ତିନିଦିନିଆ ମୁଦ୍ରାନୀତି ବୈଠକ ଆରମ୍ଭ

## ବିଶ୍ୱ ବଜାରରେ ଅନିଶ୍ଚିତତା

# ବଦଳି ନପାରେ ସୁଧ ହାର

ମୁମ୍ବାଇ,୬।୪: ଆଜି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ତିନିଦିନିଆ ମୁଦ୍ରାନୀତି ବୈଠକ ଆରମ୍ଭ ହେଉଛି। ଆଶା ଥିଲା ଏ ଥର ସୁଧ ହାରରେ କିଛିଟା ଆଶ୍ୱସ୍ତି ମିଳୁ କିନ୍ତୁ ପଶ୍ଚିମ ଏସିଆରେ ବର୍ଦ୍ଧିତ ଅସ୍ଥିରତା ସମୀକରଣକୁ ବଦଳାଇଦେଇଛି। ଏସ୍‌ବିଆଇ ରିସର୍ଚ୍ଚର ନୂଆ ରିପୋର୍ଟ ଅନୁସାରେ, ବିଶ୍ୱ ବଜାରର ଅନିଶ୍ଚିତତା ଏବଂ ଅଶୋଧିତ ତୈଳ ଦରରେ ବୃଦ୍ଧିକୁ ଦୃଷ୍ଟିରେ ରଖି ଆର୍‌ବିଆଇ ସୁଧ ହାରରେ କୌଣସି ପରିବର୍ତ୍ତନ କରିବ ନାହିଁ। ଏହାପୂର୍ବରୁ ଫେବ୍ରୁଆରୀରେ ହୋଇଥିବା ବୈଠକରେ ସୁଧ ହାରରେ ପରିବର୍ତ୍ତନ ହୋଇ ନ ଥିଲା। ଏବେ ଏହା ୫.୨୫%ରେ ରହିଛି। ଏ

ଏସବିଆଇ ରିସର୍ଚ୍ଚ ଏହାର ରିପୋର୍ଟରେ ପ୍ରକାଶ କରିଛି ଯେ, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବଢୁଥିବା ଅଶାନ୍ତି ସମଗ୍ର ବିଶ୍ୱକୁ ସଂକଟ ମଧ୍ୟକୁ ଠେଲିଦେଇଛି। ହୋର୍ମୁଜ ଜଳପଥ ବନ୍ଦ ହେବା ଫଳରେ ବିଶ୍ୱ ତୈଳ ବଜାରରେ ୧୯୭୩ ପରେ ସବୁଠାରୁ ବଡ଼ ଅସ୍ଥିରତା ଦେଖାଦେଇଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ହେବ ଆର୍‌ବିଆଇର




ପ୍ରଥମ ମୁଦ୍ରାନୀତି ସମୀକ୍ଷା ବୈଠକ। ଏଣୁ ଏଥିରେ ସର୍ବୋଚ୍ଚ ବ୍ୟାଙ୍କ ବୁଝି ବିଚାରି ପଦକ୍ଷେପ ନେଇପାରେ। ଭାରତ ଏହି ଅନିଶ୍ଚିତତାର ପ୍ରଭାବରୁ ବର୍ତ୍ତିପାରିନାହିଁ। ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ଏବେ ୧୦୦ ଡଲାର ଉପରେ ରହିଛି, ଯାହାଦ୍ୱାରା ଭାରତରେ ମୁଦ୍ରାସ୍ଫୀତି ବଢୁଛି। ରିପୋର୍ଟ ମୁତାବକ, ଡଲାର ତୁଳନାରେ ଟଙ୍କା ୯୩ ସ୍ତର ପାର କରିଗଲାଣି। ଏହାସହିତ 'ସୁପର ଅଲ୍ ନିନୋ'ର ଆଶଙ୍କା ରହିଛି, ଯାହା ଆଗାମୀ ଦିନରେ ମୁଦ୍ରାସ୍ଫୀତି ସ୍ଥିତିକୁ ବିଗାଡ଼ିପାରେ। ଘରୋଇ ବଜାରରେ ଅନେକ ଆହ୍ୱାନ ରହିଛି। ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ଆମଦାନିରୁ ସୃଷ୍ଟି ହେଉଥିବା ମୁଦ୍ରାସ୍ଫୀତି ପୂର୍ବରୁ ହିଁ ୫.୪% ସ୍ତରରେ ପହଞ୍ଚିଯାଇଛି ଏବଂ ଏହା ଆଗକୁ ବି ବଢ଼ିପାରେ। ଅନୁମାନ କରାଯାଉଛି ଯେ, ଆଗାମୀ ୩ଟି ତ୍ରୟମାସ ପର୍ଯ୍ୟନ୍ତ ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ୪.୫%ରୁ ଉପରେ ରହିପାରେ। ଏଭଳି ସ୍ଥିତିରେ ଆର୍‌ବିଆଇ ପାଇଁ ସୁଧ ହାରରେ ହ୍ରାସ କରିବା ରିସ୍କପୂର୍ଣ୍ଣ ହୋଇପାରେ।

ରିପୋର୍ଟରେ ପରାମର୍ଶ ଦିଆଯାଇଛି ଯେ, ଆର୍‌ବିଆଇ ଏବେ କେବଳ ସୁଧ ହାର ଉପରେ ଧ୍ୟାନ ରଖିବା ବଦଳରେ ଲିକ୍ୱିଡିଟି ଏବଂ ମାଇକ୍ରୋଷ୍ଟ୍ରକ୍ଚରକୁ ସୁଧାରିବା ଉପରେ କାର୍ଯ୍ୟ କରିପାରେ। ସରକାରୀ ବଣ୍ଡ୍ ୟିଲ୍ଡକୁ ପରିଚାଳନା କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ 'ଅପରେଶନ ଟ୍ୱିଷ୍ଟ' ଭଳି ପଦକ୍ଷେପ ନେଇପାରେ।



# ଦେଶର ୧୨ ପ୍ରମୁଖ ବନ୍ଦରରେ ୯୧୫ ନିୟୁତ ମାଲ୍ ପରିବହନ

ନୂଆଦିଲ୍ଲୀ,୬।୪: କେନ୍ଦ୍ର ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରାଳୟ ଅଧୀନରେ ଥିବା ଦେଶର ପ୍ରମୁଖ ବନ୍ଦରଗୁଡ଼ିକ ୨୦୨୫-୨୬ ଆର୍ଥିକବର୍ଷରେ ମୋଟ ୯୧୫.୧୭ ନିୟୁତ ଟନ୍ ମାଲ୍ ପରିବହନ କରିଛନ୍ତି। ୯୦୪ ନିୟୁତ ଟନ୍ ମାଲ୍ ପରିବହନ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଏହାଠାରୁ ଅଧିକ ମାଲ୍ ପରିବହନ ହୋଇଛି। ୨୦୨୪-୨୫ ଆର୍ଥିକବର୍ଷ ତୁଳନାରେ ୨୦୨୫-୨୬ରେ ଦେଶର ୧୨ଟି ପ୍ରମୁଖ ବନ୍ଦରଗୁଡ଼ିକରେ ୭.୦୬ ପ୍ରତିଶତ ଅଧିକ ମାଲ୍ ପରିବହନ ହୋଇଛି ବୋଲି ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଦୀନଦୟାଲ ବନ୍ଦର ସର୍ବାଧିକ ୧୬୦.୧୧ ନିୟୁତ ଟନ୍ ମାଲ୍ ପରିବହନ କରିଥିବାବେଳେ ପାରାଦୀପ ବନ୍ଦର ୧୫୬.୪୫ ନିୟୁତ ଏବଂ ଜବାହରଲାଲ ନେହରୁ ବନ୍ଦର ୧୦୨.୦୧ ନିୟୁତ ଟନ୍ ମାଲ୍ ପରିବହନ କରିଛି। ସେହିପରି କୋଲକାତା ବନ୍ଦର ୭୦.୮୭ ନିୟୁତ ଟନ, ବିଶାଖାପାଟଣା ବନ୍ଦର ୯୧.୧୬ ନିୟୁତ ଟନ, କାମରାଜର (ଏନ୍ନୋର) ବନ୍ଦର ୪୯.୦୮ ନିୟୁତ ଟନ, ଚେନ୍ନାଇ ବନ୍ଦର ୫୭୯୦୨ ନିୟୁତ ଟନ ଏବଂ ଭି.ଓ. ଚିଦମ୍ବରନର ବନ୍ଦର ୪୩.୩୧ ନିୟୁତ ଟନ, କୋଚିନ ବନ୍ଦର ୩୮.୦୬ ନିୟୁତ ଟନ, ନ୍ୟୁ ମାଙ୍ଗାଲୋର ବନ୍ଦର ୫୦.୦୪ ନିୟୁତ ଟନ, ମୋରମୁଗାଓ ବନ୍ଦର ୨୧.୦୦ ନିୟୁତ ଟନ ମାଲ ପରିବହନ କରିଛି। ୨୦୨୪-୨୫ ଆର୍ଥିକବର୍ଷ ତୁଳନାରେ ୨୦୨୫-୨୬ରେ ମାଲ୍ ପରିବହନ ଅଭିବୃଦ୍ଧି ଦୃଷ୍ଟିରୁ ମୋରମୁଗାଓ ବନ୍ଦର ସବୁଠୁ ଆଗରେ ରହିଛି। ଏହି ବନ୍ଦରର ମାଲ୍ ପରିବହନ ୧୫.୯୧ ପ୍ରତିଶତ ଅଧିକ ରହିଥିବାବେଳେ କୋଲକାତା ଡକ୍ ସିଷ୍ଟମ୍ ବନ୍ଦରର ମାଲ୍ ପରିବହନ ୧୪.୨୮ ପ୍ରତିଶତ ଅଧିକ ଏବଂ ଜବାହରଲାଲ ନେହରୁ ବନ୍ଦରର ମାଲ୍ ପରିବହନ ୧୦.୭୪ ପ୍ରତିଶତ ଅଧିକ ରହିଛି। ପାରାଦୀପ ବନ୍ଦରର ମାଲ ପରିବହନ ଅଭିବୃଦ୍ଧି ୪.୦୨ ପ୍ରତିଶତ ରହିଥିବା ଜଣାଯାଇଛି।

# ସାର ଆଣିବାକୁ ୨୦ ଦେଶର ଦୂତାବାସ ଜରିଆରେ କଥାବାର୍ତ୍ତା ଆରମ୍ଭ

ନୂଆଦିଲ୍ଲୀ, ୬।୪: ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଉତ୍ତେଜନା ପ୍ରଭାବରେ ଦେଶକୁ ସାର ଅଣାଯାଇପାରୁନାହିଁ। ଚାଷ ଋତୁ ଦ୍ରୁତ ଗତିରେ ପାଖେଇ ଆସୁଛି। ଆଗକୁ ସାର ଅଭାବ ଦେଖାଦେବାର ଆଶଙ୍କା ରହିଛି। ତାହାକୁ ଏଡ଼ାଇବା ଲାଗି ସରକାର ଏବେଠାରୁ ଉଦ୍ୟମ ଆରମ୍ଭ କରିଛନ୍ତି। ବିଭିନ୍ନ ଦେଶ ସହିତ ସାର କିଣା ନେଇ ଆଲେଚନା ଜାରି ରହିଛି। ମିଳିଥିବା ସୂଚନା ଅନୁସାରେ ୨୦ଟି ଦେଶରେ ଭାରତୀୟ ଦୂତାବାସଗୁଡ଼ିକ ସାର କମ୍ପାନିମାନଙ୍କ ସହ ପୃଥକ ପୃଥକ ବୈଠକରେ ଆଲୋଚନା କରିଛନ୍ତି। ବିଶେଷ କରି ଏନ୍‌ପିକେ ସାର ଆଣିବାକୁ ଉଦ୍ୟମ କରାଯାଉଛି। ରୁଷ, ଇଣ୍ଡୋନେସିଆ ଓ ମରୋକୋ ସହ ଆଲୋଚନା ହୋଇଥିବା ଜଣାପଡ଼ିଛି।

ଇରାନ ଯୁଦ୍ଧ ପାଇଁ ହର୍ମୁଜ ପ୍ରଣାଳୀରେ ପରିବହନ ପ୍ରଭାବିତ ହୋଇଛି। ତେଣୁ ସାର ଜାହାଜଗୁଡ଼ିକ ଭାରତ ଆସିପାରୁନାହିଁ। ବିକଳ୍ପ ପଥ ଦେଇ କିଭଳି ସାର ଅଣାଯିବ ସେନେଇ ସରକାର ବିଚାର କରୁଛନ୍ତି। ଆଗାମୀ ଚାଷ ଋତୁ ପାଇଁ ପର୍ଯ୍ୟାପ୍ତ ପରିମାଣର ୟୁରିଆ ଓ ଫସଫରିକ ସାର ଉପଲବ୍ଧ ରଖିବାକୁ ସରକାର ଚାହୁଛନ୍ତି। ଭାରତ ମୁଖ୍ୟତଃ ମଧ୍ୟପ୍ରାଚ୍ୟ ଦେଶରୁ ସାର ଆଣିଥାଏ। ଏହା ୧୮ ପ୍ରତିଶତ ସାର ସାଉଦି ଆରବରୁ, ୧୨ ପ୍ରତିଶତ ଓମାନରୁ, ୨୧ ପ୍ରତିଶତ ରୁଷରୁ, ୩ ପ୍ରତିଶତ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ), ୧ ପ୍ରତିଶତ ବାହାରିନ୍ ଓ ଅବଶିଷ୍ଟ ୪୩ ପ୍ରତିଶତ ସାର ବିଶ୍ୱର ବିଭିନ୍ନ ଦେଶରୁ ଆଣୁଛି। ଅନ୍ତର୍ଜାତୀୟ ବଜାରରେ ସାର ମହଙ୍ଗା ହୋଇଥିଲେ ମଧ୍ୟ ସରକାର ତାହାକୁ ମଗାଇ ତାହା ଉପରେ ସାର କମ୍ପାନିଗୁଡ଼ିକୁ ସବ୍‌ସିଡି ଦେଉଛନ୍ତି। ଫଳରେ ଚାଷୀମାନଙ୍କ ପାଖରେ ସୁଲଭ ମୂଲ୍ୟରେ ସାର ପହଞ୍ଚିପାରୁଛି।

ତେବେ ଏଥିପାଇଁ ସରକାରଙ୍କୁ ସବ୍‌ସିଡି ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ୨୦୨୩-୨୪ରେ ସବ୍‌ସିଡି ବାବଦରେ ୧.୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଚାଷୀମାନେ



ନାଇଟ୍ରୋଜେନ୍ ଆଧାରିତ ସାର ଉପଲବ୍ଧତାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ବର୍ଷକୁ ୩୫-୪୦ ନିୟୁତ ଟନ୍‌ର ନାଇଟ୍ରୋଜେନ୍ ସାର ବ୍ୟବହାର ହୋଇଥାଏ। ଏହାର ଅଧିକାଂଶ ଭାଗ ଦେଶ ଭିତରେ ଉତ୍ପାଦନ କରାଯାଉଛି। କିନ୍ତୁ ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହାର ହେଉଥିବା ପ୍ରାକୃତିକ ଗ୍ୟାସ୍‌ର ସଙ୍କଟ ଦେଖାଦେଇଛି। ସେଥିପାଇଁ କାରଖାନାକୁ ଗ୍ୟାସ୍ ଯୋଗାଣ ୩୦ ପ୍ରତିଶତ ହ୍ରାସ ପାଇଛି।

ସାର କମ୍ପାନିଗୁଡ଼ିକ ସାମ୍ନା କରୁଥିବା ସବୁଠୁ ବଡ଼ ସମସ୍ୟା ହେଉଛି ଗ୍ୟାସ୍ ସଙ୍କଟ। ଭାରତ ଏହାର ଆବଶ୍ୟକତାର ୬୦ ପ୍ରତିଶତ ଗ୍ୟାସ୍ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆଣିଥାଏ। ବିଶେଷ କରି ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି) ଓ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ମଗାଯାଇଥାଏ। ୨୦୨୪ରେ ଭାରତ ଏହାର ୪୩ ପ୍ରତିଶତ ଗ୍ୟାସ୍ କତରରୁ, ୧୧ ପ୍ରତିଶତ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ)ରୁ, ୫ ପ୍ରତିଶତ ଓମାନରୁ ଓ ଅବଶିଷ୍ଟ ଗ୍ୟାସ୍ ଅନ୍ୟାନ୍ୟ ଦେଶରୁ ମଗାଇଥିଲା। ସାର ସଙ୍କଟ ଦେଖାଦେଲେ ତାହା ସିଧାସଳଖ ଦେଶର ଖାଦ୍ୟ ସୁରକ୍ଷାକୁ ପ୍ରଭାବିତ କରିବ। ଶସ୍ୟ ଅମଳ କମ୍ ହେଲେ କ୍ଷୁଧା ଓ ଦାରିଦ୍ର୍ୟ ବିରୋଧୀ ଲଢ଼େଇ ଦୁର୍ବଳ ହେବ। ଜାତିସଂଘ ସଂସ୍ଥା ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଆକଳନ କରିଛି ଯେ ଯଦି ଆସନ୍ତା ଜୁନ୍ ସୁଦ୍ଧା ଇରାନ ଯୁଦ୍ଧ ଶେଷ ନ ହେବ ତେବେ ବିଶ୍ୱର ୪.୫ କୋଟି ଲୋକ ଗମ୍ଭୀର ଖାଦ୍ୟ ସଙ୍କଟ ସାମ୍ନା କରିବେ।

# ଲକ୍ଷେ କୋଟି ଟଙ୍କାର ବ୍ରାଣ୍ଡ ହେଲା ଅମୂଲ

ନୂଆଦିଲ୍ଲୀ, ୬।୪:ଦେଶର ପ୍ରମୁଖ ଡାୟରୀ ବ୍ରାଣ୍ଡ 'ଅମୂଲ' ୨୦୨୫-୨୬ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ନୂଆ ଲକ୍ଷ୍ୟ ହାସଲ କରିଛି। କମ୍ପାନୀର ମୋଟ ବ୍ରାଣ୍ଡ ଟର୍ଣ୍ଣଓଭର ୧୧% ବୃଦ୍ଧି ସହ ୧ ଲକ୍ଷ କୋଟି ଟଙ୍କା ପାର କରିଯାଇଛି। ଭାରତୀୟ ଡାୟେରୀ ସେକ୍ଟର ଲାଗି ଏହାକୁ ଏବେ ଏକ ବଡ଼ ଉପଲବ୍ଧି ମନେ କରାଯାଉଛି। ଅମୂଲ ବ୍ରାଣ୍ଡର ମାର୍କେଟିଂ କରୁଥିବା ସଂସ୍ଥା ଗୁଜରାଟ କୋ-ଅପରେଟିଭ ମିଲ୍କ ମାର୍କେଟିଂ ଫେଡେରେସନ ଲିମିଟେଡ (ଜିସିଏମଏମଏଫ) ଅନୁସାରେ ଗତ ଆର୍ଥିକ ବର୍ଷରେ ଅମୂଲର ଟର୍ଣ୍ଣଓଭର ୯୦,୦୦୦ କୋଟି ଟଙ୍କା ଥିଲା। ଅମୂଲର ଏହି ସଫଳତା ପଛରେ ଏହାର ବ୍ୟାପକ ପ୍ରଡକ୍ଟ ପୋର୍ଟଫୋଲିଓ ଏବଂ ମଜଭୁତ ସପ୍ଲାଇ ଚେନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଅମୂଲର ପାଖାପାଖି ୧ ହଜାର ୨୦୦ରୁ ଅଧିକ ଡାୟେରୀ ପ୍ରଡକ୍ଟ ରହିଛି, ଯାହା ଦେଶରେ ଥିବା ମଜଭୁତ ଡିଷ୍ଟ୍ରିବ୍ୟୁସନ ନେଟୱାର୍କ ମାଧ୍ୟମରେ ଗ୍ରାହକଙ୍କ ପାଖକୁ ପହଞ୍ଚୁଛି। ଏହାଛଡା ପରିବର୍ତ୍ତିତ ଉପଭୋକ୍ତା ଆବଶ୍ୟକତା ଅନୁସାରେ ନୂଆ ପ୍ରଡକ୍ଟ ଲଞ୍ଚ କରିବାର ରଣନୀତି ମଧ୍ୟ ଅମୂଲ ସଫଳତାର ଅନ୍ୟ ଏକ କାରଣ ବୋଲି କୁହାଯାଇଛି।

## ଦେଶରେ ବଢୁଛି ଡାୟରୀ ଡିମାଣ୍ଡ

ଜିସିଏମଏମଏଫ ଚେୟାରମ୍ୟାନ ଅଶୋକଭାଇ ଚୌଧୁରୀ ଅମୂଲର ଏହି ଉପଲବ୍ଧିକୁ ଲକ୍ଷଲକ୍ଷ ଗ୍ରାହକଙ୍କ ବିଶ୍ୱାସ ଓ ୩୬ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀଙ୍କ କଠିନ ପରିଶ୍ରମର ପରିଣାମ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଏହା ସମବାୟ ମଡେଲର ତାକତକୁ ଦର୍ଶାଉଛି। ସେହିପରି ଭାଇସ ଚେୟାରମ୍ୟାନ ଏହାକୁ ଅମୂଲ ମଡେଲର ବଡ଼ ସଫଳତା ବୋଲି କହିଛନ୍ତି, ଯାହା ଆର୍ଥିକ ଭାଗିଦାରୀର ଏକ ମଜଭୁତ ଉଦାହରଣ।

ପାଦଜିସିଏମଏମଫ ମ୍ୟାନେଜିଂ ଡାଇରେକ୍ଟର ଜୟନ ମେହେଟାଙ୍କ ଅନୁସାରେ କମ୍ପାନୀ ଏବେ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଦ୍ରୁତ ପ୍ରସାରିତ ହେଉଛି। କମ୍ପାନୀର ଏହି ପଦକ୍ଷେପ ଯୋଗୁ ଟେକ୍ନୋଲଜି ଓ ବୈଶ୍ୱିକ ବ୍ୟବସାୟର ଲାଭକୁ ସିଧା ଦୁଗ୍ଧ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଜିସିଏମଏମଏଫ ଆଜି ବିଶ୍ୱର ସବୁଠୁ ବଡ଼ ଚାଷୀ ମାଲିକାନାଧିନ ସମବାୟ ସଂସ୍ଥାରେ ପରିଣତ ହୋଇଛି। ସଂସ୍ଥା ଦୈନିକ ପାଖାପାଖି ୩.୧ କୋଟି ଲିଟର ଦୁଗ୍ଧ ସଂଗ୍ରହ କରୁଛି ଓ ପ୍ରତି ବର୍ଷ ଦୁଗ୍ଧ, ଲହୁଣୀ, ପନିର, ଘିଅ ଓ ଆଇସ୍କ୍ରିମ ଭଳି ଶହଶହ ଉତ୍ପାଦ ବିକ୍ରି କରୁଛି। ଅମୂଲର ଏହି ସଫଳତା ନା କେବଳ କମ୍ପାନୀର ସଫଳତା ବଖାଣୁଛି ବରଂ ଭାରତୀୟ ଡାୟେରୀ ସେକ୍ଟର ଓ ସମବାୟ ମଡେଲର ତାକତର ମଧ୍ୟ ପ୍ରମାଣ ଦେଉଛି।




# ମୁଦ୍ରାସ୍ଫୀତି ଚିନ୍ତା ବଢ଼ିବ, ଖାଦ୍ୟଶସ୍ୟ ଦର ତେଜିବ

## ଚିନ୍ତା ବଢ଼ାଇଲା ମୁଡିସ୍‌ର ଆକଳନ

ନୂଆଦିଲ୍ଲୀ,୬।୪: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭାରତର ଅଭିବୃଦ୍ଧି ଧାରାକୁ ପ୍ରଭାବିତ କରିବ। ଏହାସହିତ ମୁଦ୍ରାସ୍ଫୀତିଜନିତ ରିସ୍କ ବଢ଼ିବ। ରେଟିଙ୍ଗ୍ ଏଜେନ୍ସି ମୁଡିସ୍ ଏହା ପ୍ରକାଶ କରିଛି। ଏଥିସହିତ ଭାରତର ଅଭିବୃଦ୍ଧି ଅନୁମାନକୁ ଖସାଇଦେଇଛି ମୁଡିସ୍। ଚଳିତ ଆର୍ଥିକ ବର୍ଷ ଭାରତର ଅଭିବୃଦ୍ଧି ୬% ରହିବ ବୋଲି ଏହା ପୂର୍ବାନୁମାନ କରିଛି। ପୂର୍ବ ଆକଳନ ଥିଲା ୬.୮%।

ମୁଡିସ୍ ଏହାର ରିପୋର୍ଟରେ ଉଲ୍ଲେଖ କରିଛି ଯେ, ଲମ୍ବା ସମୟ ଧରି ଯୁଦ୍ଧ ଲାଗି ରହିଲେ ସ୍ଥିତି ଖରାପ ହୋଇଯିବ। ଏଲ୍‌ପିଜି ଯୋଗାଣ ବ୍ୟାହତ ହେବା ଫଳରେ ଅର୍ଥନୈତିକ କାର୍ଯ୍ୟକଳାପ ସଂକୁଚିତ ହେବ। ଏହା ଅର୍ଥବ୍ୟବସ୍ଥାର ଗତିକୁ ମନ୍ଥର କରିଦେବ। ପାରିବାରିକ ଖର୍ଚ୍ଚ ବଢ଼ିବ। ଇନ୍ଧନ ଏବଂ ପରିବହନ ଖର୍ଚ୍ଚ ବଢ଼ିବା ଦ୍ୱାରା ମୁଦ୍ରାସ୍ଫୀତି ରିସ୍କ ତେଜିବ। ସାର ପାଇଁ ଭାରତ ଆମଦାନି ଉପରେ ବଡ଼ ଆକାରରେ ନିର୍ଭରଶୀଳ। ହୋର୍ମୁଜ ବନ୍ଦ ହେବା ଫଳରେ ଏହାର ଯୋଗାଣ ବାଧାପ୍ରାପ୍ତ ହୋଇଛି। ଶସ୍ୟ ବୁଣା ସମୟରେ ସାର ଅଭାବ ଦେଖାଦେବା ଦ୍ୱାରା ଖାଦ୍ୟ ଉତ୍ପାଦନ କମିବ। ଏହାଦ୍ୱାରା ଦେଶରେ ଖାଦ୍ୟ ଦର ବଡ଼ ଆକାରରେ ବଢ଼ିଯିବ ବୋଲି ମୁଡିସ ପ୍ରକାଶ କରିଛି। ବର୍ତ୍ତମାନ ପାଇଁ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି। କିନ୍ତୁ ଭୁ-ରାଜନୈତିକ ସ୍ଥିତି ଯୋଗୁ ଆଗକୁ ଏହା ଉର୍ଦ୍ଧ୍ୱମୁଖୀ ହେବ। ମୁଡିସ୍ ଆକଳନ ଅନୁସାରେ, ୨୦୨୬-୨୭ରେ ଏହା ହାରାହାରି ୪.୮% ରହିପାରେ, ଯାହାକି ୨୦୨୫-୨୬ର ୨.୪% ତୁଳନାରେ ଅଧିକ।

ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖିଲେ ୨୦୨୬-୨୭ରେ ସୁଧ ହାର ସ୍ଥିର ରହିପାରେ କିମ୍ବା ଧୀରେ ଧୀରେ ବଢ଼ିପାରେ ବୋଲି ମୁଡିସ୍ ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ଯୁଦ୍ଧ କେତେ ଦିନ ଚାଲିବ ତାହା ଉପରେ ଏହା ନିର୍ଭର କରିବ। ଗତ ମାସ ଅର୍ଥନୈତିକ ସମନ୍ୱୟ ଏବଂ ବିକାଶ ସଂଗଠନ(ଓଇସିଡି) ଆକଳନ କରିଥିଲା ଯେ, ଚଳିତ ଆର୍ଥିକ ବର୍ଷ ଭାରତର ଜିଡିପି ଅଭିବୃଦ୍ଧି ୬.୧% ରହିପାରେ, ଯାହାକି ୨୦୨୫-୨୬ରେ ୭.୬% ଥିଲା। ଅର୍ଣ୍ଣଷ୍ଟ ଆଣ୍ଡ୍ ୟଙ୍ଗ୍(ଇୱାଇ) ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ, ୨୦୨୬-୨୭ ଆର୍ଥିକବର୍ଷରେ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ପ୍ରାୟ ୧% ଖସିପାରେ। ଅନ୍ୟପକ୍ଷରେ, ଖୁଚୁରା ମୁଦ୍ରାସ୍ଫୀତି ପ୍ରାୟ ୧.୫% ବଢ଼ିପାରେ।






# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

## ‘ଶତରୂପା’ର ବାର୍ଷିକ ଉତ୍ସବ ଉଦ୍‌ଯାପିତ

# ପୀତାମ୍ବର ତରାଇ ପାଇଲେ ‘ଶତରୂପା ସାହିତ୍ୟ ପୁରସ୍କାର’



ଯାଜପୁର,୬।୪ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ଶତରୂପା ସାହିତ୍ୟାୟନ'ର ୭ମ ବାର୍ଷିକ ଉତ୍ସବ ଗତ ରବିବାର ଦିନ ଓଡିଶୋଅଣ୍ଡେଇଗୋଡା ଗ୍ରାମ ସ୍ଥିତ ସ୍ୱପ୍ନେଶ୍ୱର ହାଇସ୍କୁଲ ପରିସରରେ ଉଦଯାପିତ ହୋଇଯାଇଛି। ଏହି ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରତାପରୁଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସଭାରେ ବିଶିଷ୍ଟ ପ୍ରାବନ୍ଧିକ ତଥା 'ସମ୍ବାଦ'ର ସହସଂପାଦକ ଡକ୍ଟର ଚିତ୍ତରଂଜନ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ କହିଲେ କି, ଓଡିଆ ସାହିତ୍ୟକୁ ନେଇ ଯେଉଁ କାନ୍ଦଣା ଚାଲିଛି ଯଦି ଗରଜଗୁଜୁରାଣର ଭାଷା ହେବ ତେବେ ଯାଇ ଭାଷା ବଞ୍ଚିପାରିବ। ସେଥିପାଇଁ ସାହିତ୍ୟ ସଂଗଠନମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ଡ. ବେହେରା କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ, ସମ୍ମାନୀତ ଅତିଥିରୂପେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଏବଂ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟକାରିଣୀ ସଦସ୍ୟା ଡକ୍ଟର ବୈଜୟନ୍ତୀ ମାଳା ଶତପଥୀ ପ୍ରମୁଖ ଅତିଥିରୂପେ ଯୋଗଦେଇଥିଲେ।

ଅନୁଷ୍ଠାନର ମୁଖପତ୍ର 'ଶତରୂପା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। 'ଶତରୂପା'ର ସଂପାଦକ ମନୋଜ କୁମାର ନାୟକ ବିବରଣୀ ଓ ମାନପତ୍ର ପାଠ କରିଥିଲେ। ବ୍ରହ୍ମବରଦା କଲେଜର ଅଧ୍ୟକ୍ଷ ବିଶିଷ୍ଟ ସାହିତ୍ୟିକ ଡ. ମହେଶ୍ୱର ପାଢି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସଂଗଠନ ସଂପାଦକ ରମାକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।ପ୍ରଥମ ଅଧିବେଶନ କବିତା ପାଠୋତ୍ସବରେ ମୁଖ୍ୟଅତିଥିଭାବେ 'ଗୋକର୍ଣ୍ଣିକା'ର ସଂପାଦକ ଡ. ରମାକାନ୍ତ ଜେନା ମୁଖ୍ୟଅତିଥି , ପ୍ରାବନ୍ଧିକ ଡ. ମହେଶ୍ୱର ପାଢି ମୁଖ୍ୟବକ୍ତା, 'ମେଘମହ୍ଲାର'ର ସଂପାଦିକା ପ୍ରଭାତି ମାଝୀ ସମ୍ମାନୀତ ଅତିଥିରୂପେ ଯୋଗଦେଇଥିବା ବେଳେ କବୟିତ୍ରୀ ସୁରଭି ଦ୍ୱିବେଦୀ, ବ୍ରଜେଶ୍ୱରୀ ସିଂହ,ସରୋଜିନି ପତି,ଅରୁଣା ଦ୍ୱିବେଦୀ କବିତାପାଠ ସଂଯୋଜନା କରିଥିଲେ।

ଏହି ଅବସରରେ ବିଶିଷ୍ଟ କବି ପିତାମ୍ବର ତରାଇଙ୍କୁ ଶତରୂପା ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବା ସହିତ ଟ୍ରଫି,ଉତ୍ତୋରୀୟ ଏବଂ ପୁରସ୍କାର ବାବଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।ସେହିପରି ବରିଷ୍ଟ ସାମ୍ବାଦିକ 'ପ୍ରଜାତନ୍ତ୍ର'ର ସହସଂପାଦକ ଦୁର୍ଗା ଚରଣ ଦାଶଙ୍କୁ ଶତରୂପା ସାମ୍ବାଦିକ ରତ୍ନ ସମ୍ମାନ ଏବଂ ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୁଶିଲ କୁମାର ବାଗ, ଦେବେନ୍ଦ୍ର ବାଉରୀ,,ଯୋଗୀନ୍ଦ୍ରନାଥ ସାହୁ, ଦୟାନିଧି ନାୟକ, ମିନତୀ ମିଶ୍ର, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସନ୍ଧ୍ୟାରାଣୀ ମିଶ୍ରଙ୍କୁ ଶତରୂପା ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା।ଯୁବ ଲେଖକ ଗୌରୀ ଶଙ୍କର ଦାଶଙ୍କୁ ଶତରୂପା ଯୁବ ଲେଖକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ବାଲେଶ୍ୱର ସାଂସଦ



ନୀଳଗିରି,୬।୪ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ୍ ଜାମୁଡିହା ପଞ୍ଚାୟତ ବାଘମରାଗାଁତଳସାହିରେ ରବିବାରଅପରାହ୍ନପ୍ରାୟଘ.୨.୩୦ମି ସମୟରେ ବିଦ୍ୟୁତ୍ ସର୍ଟସର୍କିଟ କାରଣରୁ ଲାଗିଥିବା ନିଆଁରେ ୭ବଖରା ଘର ସଂପୂର୍ଣ୍ଣ ଜଳିପୋଡ଼ି ଭସ୍ମ ହୋଇଯାଇଥିଲା। ନୀଳଗିରି ତହସିଲଦାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଆର.ଆଇ ସର୍ଜମିନ୍ ତଦନ୍ତକରି କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ପଲିଥିନ ସହିତ ଶୁଖିଲାଖାଦ୍ୟ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲାପାଳ ମଧ୍ୟ ତିନିଦିନ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରିଥିଲେ। ସୂଚନାପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆଜି ଅଗ୍ନିବିପନ୍ନପରିବାରଙ୍କୁଭେଟିବା ସହିତସାହାଯ୍ୟରହାତବଢ଼ାଇ ଥିଲେ।ମୁଖ୍ୟମନ୍ତ୍ରୀଏବଂଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ କରି କିପରି ପ୍ରତି ପରିବାର ୧ଲକ୍ଷ ଟଙ୍କାର ନିଶ୍ଚିତ ଅନୁଦାନ ପାଇବେ ସେଥିପ୍ରତି ଦୃଷ୍ଟିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସ୍ଥାନୀୟ ଜନସାଧାରଣ ଏହି ଆଦିବାସୀ ବିପନ୍ନ ପରିବାରଙ୍କୁ ଅକୁଣ୍ଠ ସାହାଯ୍ୟ କରିବାକୁ ନିବେଦନ କରିଥିଲେ।

## ପଞ୍ଚାମୁଣ୍ଡାଇରେ ମିଳିତ ଜନଶୁଣାଣି ଶିବିର




ପଞ୍ଚାମୁଣ୍ଡାଇ,୬।୪ (ସଂଚାର ବ୍ୟୁରୋ): ଆଜି ପଞ୍ଚାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର,ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା,ଏସ ପି ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି ଉପଜିଲ୍ଲାପାଳ ଅରୁଣ ନାୟକ ପଞ୍ଚାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ,ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ,ବିଡ଼ିଓ ଶୀତଲ ଅଗ୍ରୱାଲ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ପ୍ରମୁଖ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ ।

ବଳଭଦ୍ର ପୁର ସରପଞ୍ଚ ପ୍ରିୟବ୍ରତ ଓଝା ଜିଲ୍ଲା ପାଳଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସ୍ଥାନ ନିରୂପଣ ସତ୍ୱେ ବଳଭଦ୍ରପୁର ପଂଚାୟତରେ ଏ ଏନ ଏମ ସେଣ୍ଟର ଖୋଲା ଯାଇନାହିଁ ଯାହାଫଳରେ ପଂଚାୟତ ବାସୀ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନ୍ୟାରେ କ୍ଷତିଗସ୍ତ ଜଳସମ୍ପଦ ବିଭାଗ ପୋଲ ନିର୍ମାଣ ଓ ଏଲପିଜି ଗ୍ୟାସ କଳା ବଜାରୀ ରୋକିବା, ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ ଓ ଭତ୍ତା ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ । ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ ଅଣ୍ଡରା ପଂଚାୟତର ୧୩ନଂ ଓ ୧୪ନଂ ୱାର୍ଡରେ ଦୀର୍ଘ ୨୦ବର୍ଷ ପଂଚାୟତ ଫଣ୍ଡରୁ କୌଣସି ଅନୁଦାନ ଖର୍ଚ୍ଚ କରାନଯିବାରୁ ୱାର୍ଡର ବିକାଶ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ କରିଥିଲେ । ବଡ଼ ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ଯୁବନେତା ସଂଗ୍ରାମ ସ୍ୱାଇଁ ଦୁର୍ଘଟଣା ରୋକିବା ପାଇଁ କଟକ ଚାନ୍ଦବାଲି ରାସ୍ତାର ମୂଳବସନ୍ତ ପଦ୍ମନାଭ ସେବା ସଂସ୍ଥା ବାଳିକା ଉଚ୍ଚ ବିଦ୍ୟାଳୟଛକ, ମୂଳବସନ୍ତ ଛକ ଓ ପୋହଳ ନିତାଇ ଚୈତନ୍ୟ ସରକାରୀ ଉଚ୍ଚ ବିଦ୍ୟାଳୟ ଛକରେ ହମ୍ପସ ନିର୍ମାଣ କରିବାକୁ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ । ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ପଞ୍ଚାମୁଣ୍ଡାଇ ବ୍ଲକର ଭିନ୍ନକ୍ଷମମାନଙ୍କୁ ଅନ୍ତୋଦୟ ଯୋଜନାରେ ସାମିଲ କରିବା ସହିତ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରିଥିଲେ । ଦିହୁଡିପୁର ସରପଞ୍ଚ ନରେଶ ମଲିକ ଦିହୁଡିପୁର ସାଆନ୍ତପୁର କଲଭର୍ଟ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଥିବାରୁ ପୁନଃନିର୍ମାଣ, ସାହୁ ପଡା ଷ୍ଟ୍ରକଚର ଠାରୁ ବଡ଼ମୋହନ ପୁର ପଂଚାୟତ ଦେଇ ଯାଇଥିବା ୧୧ କେଭି ପୁରୁଣା ତାର ଏବଂ ଖୁଣ୍ଟକୁ ପରିବର୍ତ୍ତନ କରି ନୂତନ ବିକଳ୍ପ ସ୍ଥାୟୀ ବ୍ୟବସ୍ଥା କରିବା ସହିତ ସୁଜନପୁର ଆରଡି ରୋଡ଼ ତାରିଣୀ ଛକ ଠାରୁ ପଥରପଲ୍ଲୀ କଲଭର୍ଟ ପର୍ଯ୍ୟନ୍ତ ବିଲସାହିକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରିବା, ଦିହୁଡିପୁର ସ୍ୱପ୍ନେଶ୍ୱର ମନ୍ଦିର ଠାରୁ ସାତକୁଡ଼ିଆ ପର୍ଯ୍ୟନ୍ତ କଚ୍ଚା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରିବାକୁ ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରିଥିଲେ । ଏହି ମିଳିତ ଜନଶୁଣାଣୀ ଶିବିରରେ ଆଗତ ୯୮ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଜନଶୁଣାଣୀ ଶିବିରରେ ଜିଲ୍ଲା ଓ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ ।

## ବନ୍ଧପାଳି ସ୍କୁଲରେ ଧୂମଧାମରେ ପାଳିତ ହେଲା ଖଡ଼ିଛୁଆଁ ଉତ୍ସବ

ସୁନ୍ଦରଗଡ଼, ୬।୪ (ସଂଚାର ବ୍ୟୁରୋ):ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ଆହୁରି ଆକର୍ଷଣୀୟ ଓ ଆନନ୍ଦମୟ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ “ଖଡିଛୁଆଁ ଉତ୍ସବ” ପାଳନ କରାଯାଉଛି। ଏହି ଅବସରରେ ଆଜି ବନ୍ଧପାଳି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏହି ଉତ୍ସବ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ହେଉଛି କୁନି କୁନି ପିଲାମାନଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ସ୍କୁଲ ଜୀବନର ପ୍ରଥମ ପଦାର୍ପଣକୁ ସ୍ମରଣୀୟ ଓ ଆନନ୍ଦମୟ କରିବା।ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ଓ ଜିଲ୍ଲା ସଂଯୋଜକ (ଅନ୍ତର୍ନିବେଶୀ ଶିକ୍ଷା) ଅମାତ୍ୟ ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ ପିଲାମାନଙ୍କୁ ଆଶୀର୍ବାଦ ଦେଇ ଶିକ୍ଷା ଜୀବନରେ ସଫଳତା କାମନା କରିଥିଲେ।

# ବିଜେପିର ୪୭ତମ ସ୍ଥାପନା ଦିବସ ପାଳିତ




ଢେଙ୍କାନାଳ,୬।୪ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟିର ୪୭ତମ ସ୍ଥାପନା ଦିବସ ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସଂଘର ପ୍ରତିଷ୍ଠାତା ସର୍ଗତ ଡଃ. ଶ୍ୟାମାପ୍ରସାଦ ମୁଖାର୍ଜୀ, ପଣ୍ଡିତ୍ ଦିନଦୟାଲ ଉପାଧ୍ୟାୟ ତଥା ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ପ୍ରମୁଖ ମହାନୁଭବମାନଙ୍କୁ ନମନ୍ କରି ସେମାନଙ୍କ ସ୍ମୃତିଚାରଣ କରିବା ସହ ଅନ୍ୟାନ୍ୟ ନେତୃବୃନ୍ଦଙ୍କର ତ୍ୟାଗ, କଠୋର ପରିଶ୍ରମ ଓ ସଂଗଠନ ଉପରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ନିଆଯାଇଥିବା ଜନହିତକର ଯୋଜନାଗୁଡିକ ଉପରେ ତଥା ଦେଶର ବିକାଶ ଓ ରାଜ୍ୟ ବିକାଶ ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତାର ଶତବାର୍ଷିକ ପୂର୍ତ୍ତି ଅବସରରେ ୨୦୪୭ମସିହାରେ ଭାରତକୁ ଏକ ବିକଶିତ ରାଷ୍ଟ୍ର ଓ ଓଡିଶା ଗଠନର ୧୦୦ବର୍ଷ ପୂର୍ତ୍ତି ଅବସରରେ ୨୦୩୬ ମସିହାରେ ଏକ ବିକଶିତ ରାଜ୍ୟ ଭାବେ ପରିଣତ କରିବା ପାଇଁ ନିଆଯାଇଥିବା ସଂକଳ୍ପ ବାବଦରେ ଆଲୋଚନା କରିବା ସହ ଏହାକୁ ସାକାର କରିବା ପାଇଁ ଉପସ୍ଥିତ ସମସ୍ତ ନେତୃତ୍ୱ ଓ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଗଁଦିଆ ବ୍ଲକ୍ ଅଧ୍ୟକ୍ଷା ରିନାରାଣୀ ଖଟୁଆ, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ପୂର୍ବତନ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦଳର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ।

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର,୬।୪ (ସଂଚାର ବ୍ୟୁରୋ): ଆଜି ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୭ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଗୋଟିଏ ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା।

## ନୂତନ ଗୃହ ଉଦ୍‌ଘାଟିତ



ଢେଙ୍କାନାଳ,୬।୪ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ସେଟରିଙ୍ଗ ଆସୋସିଏସନ ପକ୍ଷରୁ ସୋମବାର ସହରସ୍ଥିତ ବାଜିଚୋକ ଠାରେ ଏକ ନୂତନ ଗୃହ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ଜୟନ୍ତୀ ପାତ୍ର ନୂତନ ଗୃହକୁ ଉଦଘାଟିତ କରିବା ସହ ସହରବାସୀ ଏଥିରେ ଉପକୃତ ହୋଇପାରିବେ। ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ. ସେଟରିଙ୍ଗ ଆସୋସିଏସନର ସେକ୍ରେଟାରୀ ଚକ୍ରଧର ରାଉତ ଯୋଗଦେଇ ନାର୍ଯ୍ୟ ଦାବି ପାଇଁ ଆମେ ଲଢେଇ କରୁଛୁ। ସେଥିପାଇଁ ଢେଙ୍କାନାଳରେ ୫ ଦିନ ହେବ କାର୍ଯ୍ୟ ବନ୍ଦ ରହିଥିଲା. ଏଥିପାଇଁ ୧୫ ଦିନ ପୂର୍ବରୁ ଲୋକଙ୍କୁ ସଚେତନ କରାଯାଇଛି. ଗମେଣ୍ଟ ରେଟ ଅନୁସାରେ ସେଟରିଙ୍ଗ ରେଟ ଅଧିକା ରହିଛି। କାମ ଅନୁସାରେ ରେଟ କରାଯିବା ହକ ମୂଲ୍ୟ ପାଇଁ ଆମେ ଲଢେଇ କରୁଛୁ ବୋଲି କହିଥିଲାବେଳେ ଏଥିରେ ୫୦ ରୁ ଉର୍ଦ୍ଧ କର୍ମ କ୍ରତା ଙ୍କ ସହ ସମାଜସେବୀ ରାମଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ରଘୁନାଥ ମାହାତୋଙ୍କ ସହିଦ ଦିବସ ପାଳିତ

# ରଘୁନାଥଙ୍କ ବୀରତ୍ୱ ଓ ବଳିଦାନ ସମସ୍ତଙ୍କ ପାଇଁ ଉଦାହରଣ: ପୂର୍ବତନ ମନ୍ତ୍ରୀ



ଯାଜପୁର,୬।୪ (ସଂଚାର ବ୍ୟୁରୋ): ଯାଜପୁର ଜିଲା କଳିଙ୍ଗନଗରସ୍ଥ ସଂସାଇଲୋ ଟାଟା କଲୋନି ଠାରେ ସହିଦ ରଘୁନାଥ ମହାନ୍ତଙ୍କ ୨୪୮ ତମ ସହିଦ ଦିବସ ପାଳନ ହୋଇଯାଇଛି। ସହିଦ ସଂଗ୍ରାମୀ ରଘୁନାଥ ମହାନ୍ତ ସ୍ମୃତି କମିଟି ଆନୁକୁଲ୍ୟରେ ଏହା ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଯୋଗଦେଇ ସହିଦ୍ ରଘୁନାଥ ମହାନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ମୁଖ୍ୟ ଅତିଥି ତଥା ପୂର୍ବତନ ମନ୍ତ୍ରୀ ଘଡ଼ାଇ ରଘୁନାଥ ମହାନ୍ତଙ୍କ ବୀରତ୍ୱ ଏବଂ ବଳିଦାନ ସଂପର୍କରେ ଆଲୋକପାତ କରିଥିଲେ। ମହାନ୍ତ ସମାଜର ଲୋକମାନେ କିପରି ଆଦିବାସୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ହୋଇ ପାରିବେ ସେଥିପାଇଁ ସେ ଦୀର୍ଘ ଦିନ ଧରି ସଂଗ୍ରାମ ଜାରି ରଖିଥିଲେ । କିନ୍ତୁ ତାଙ୍କ ସଂଗ୍ରାମକୁ ସରକାର ଗୁରୁତ୍ୱ ଦେଇ ନାହାନ୍ତି। ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଏବେବି ଦେଶରେ ଧନୀ, ଗରିବଙ୍କ ମଧ୍ୟରେ ଦିନକୁ ଦିନ ତାରତମ୍ୟ ବୃଦ୍ଧି ପାଉଛି। ତେଣୁ ପଛୁଆବର୍ଗ ଲୋକମାନେ ଏକାଠି ହୋଇ ସଂଗ୍ରାମ ଜାରୀ ରଖିବାକୁ ସେ ଆହ୍ୱାନ ଦେଇଥିଲେ।

ଏଥିରେ ଝାଡଖଣ୍ଡରଜେଏଲକେଏମ ପ୍ରବକ୍ତା ମାଧବ ମହତୋ, ଜେ.ଏଲ. କେ.ଏମ ନେତା ପ୍ରେମକୁମାର ମାରାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅଭିଭାଷଣ ରଖିଥିଲେ। ଏଥିରେ ସ୍ମୃତି କମିଟିର ସଭାପତି ଭୀମସେନ ମହାନ୍ତ, ସଂପାଦକ ତ୍ରିଲୋଚନ ମହାନ୍ତ, ଦୋଳଗୋବିନ୍ଦ ମହାନ୍ତ, ସୁକିନ୍ଦା ପଂଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ବିବେକାନନ୍ଦ ବୋଷ, ସୁକିନ୍ଦାଗଡ ସରପଂଚ ସ୍ୱାଧୀନ ଦାସ, ଲକ୍ଷ୍ମୀଧର ବେହୁରା, ଦିପ୍ତିରଂଜନ ବେହୁରା, ଜୟନ୍ତ କୁମାର ରାଉତ, ବାରାଗଡିଆ ସମିତି ସଭ୍ୟ ମୃତ୍ୟୁଞ୍ଜୟ ଦେଓ ପ୍ରମୁଖ ସମେତ ଶତାଧିକ ମହାନ୍ତ ସମ୍ପ୍ରଦାୟର ଲୋକ ସାମିଲ ଥିଲେ ।

## ସନ୍ତୋଷ ଅମାତ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ



ସୁନ୍ଦରଗଡ଼, ୬।୪ (ସଂଚାର ବ୍ୟୁରୋ): ସ୍ୱତନ୍ତ୍ର ବିକାଶ ପରିଷଦର ୨୩ଟି ଜିଲ୍ଲାର ନୂତନ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ପଦବୀ ପୂରଣ କରିଛନ୍ତି ସରକାର। ଏହି କ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ହୋଇଛନ୍ତି ଜିଲ୍ଲାର ବରିଷ୍ଠ ନେତା ସନ୍ତୋଷ ଅମାତ ଓ ଉପାଧ୍ୟକ୍ଷା ଭାବେ ରାଜଗାଙ୍ଗପୁର ଖ ଜିଲ୍ଲା ପରିଷଦ ଜୋନର ବିଜେପି ମହିଳା ନେତ୍ରୀ ଗାଙ୍ଗି କିଣ୍ଡୋ। ୨୦୧୭-୧୮ରେ ନୂତନ ଭାବେ ଗଠିତ ହୋଇଥିବା ସ୍ୱତନ୍ତ୍ର ବିକାଶ ପରିଷଦର ସୁନ୍ଦରଗଡ଼ର ପ୍ରଥମ ଅଧ୍ୟକ୍ଷ ଭାବେ ସନ୍ତୋଷ ଅମାତ ନିଯୁକ୍ତି ପାଇଥିଲେ ବର୍ତ୍ତମାନ ପୁନଃ ନିଯୁକ୍ତି ପରେ ସେ କହିଛନ୍ତି ଆଦିବାସୀ ଭାଇ ଭଉଣୀଙ୍କ ପାଇଁ ସରକାର ଆଣୁଥିବା ସମସ୍ତ ଯୋଜନା ସୁଫଳ ଭାବେ ତାଙ୍କ ପାଖରେ ପହଞ୍ଚେଇବା ତାଙ୍କର ପ୍ରଥମ କର୍ତ୍ତବ୍ୟ ରହିବ, ତାଙ୍କୁ ନୂତନ ଦାୟିତ୍ୱ ଦେଇଥିବାରୁ ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଦଳର ସମସ୍ତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ବୀର ସହିଦ ରଘୁନାଥ ମାହାତୋଙ୍କ ୨୪୮ତମ ବଳିଦାନ ଦିବସ



ବେତନଟୀ, ୬।୪ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗର ଝାଡଗ୍ରାମ ଥାନା ଅନ୍ତର୍ଗତ ଶାଳବଣୀ ଠାରେ କୁଡୁମି ସମାଜ ଓ କୁଡୁମି ସେନାର ମିଳିତ ଆନୁକୁଲ୍ୟରେ ଏକ ବିଶାଳ ଜନସଭା ଓ ବାଇକ ରାଲିର ଆୟୋଜନ କରାଯାଇଥିଲା। ଓଡିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ଶହ ଶହ ବାଇକ ରେ କୁଡୁମୀ ଭାଇ ମାନେ ଯୋଗଦାନ କରିଥିଲେ। ଏହି ସଭାରେ ସ୍ୱାଧୀନତା ସଂଗ୍ରାମରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୋଧରେ ଲଢେଇ କରି ୧୮୭୮ ମସିହା ଏପ୍ରିଲ ୫ ତାରିଖରେ ରଘୁନାଥ ମାହାତୋ ସହିଦ ହୋଇଥିଲେ । ଜଳ, ଜଙ୍ଗଲ, ଜମି, ଆପନା ଗାଓଁ ଆପନା ରାଜ, ଦୂର ଖେଦ ବ୍ରିଟିଶ ରାଜ, ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ବୀର ସହିଦ ରଘୁନାଥ ମାହାତଙ୍କ ଜୟନ୍ତୀ ପାଳନ କରିବା ସହିତ ତାଙ୍କର ଏକ ବିରାଟ କାୟ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି । ବେଙ୍ଗଲ କୁଡୁମୀ ସମାଜର ଅଧକ୍ଷ କୌଶିକ ମହାନ୍ତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶାର କୁଡୁମି ସେନା ପ୍ରତିଷ୍ଠାତା ରାଜ୍ୟ ସଭାପତି ଜୈମୁନି କୁମାର ମହାନ୍ତ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ଓ ସହିଦ ରଘୁନାଥ ମାହାତୋଙ୍କର ଦେଶ ମାତୃକା ପାଇଁ ତ୍ୟାଗକୁ ସ୍ମରଣ କରିଥିଲେ ।

ଏହି ସଭାରେ କୁଡୁମି ସେନାର ଅନ୍ୟ ପ୍ରମୁଖ ନେତା ସାଇରାମ୍ ମହାନ୍ତ, ବିଶ୍ୱନାଥ ମହାନ୍ତ, ବିରେନ୍ଦ୍ର ମହାନ୍ତ, ବରୁଣ କୁମାର ମହାନ୍ତ,ପପୁ ମହାନ୍ତ, ଶିବାଜୀ, ସୁମନ୍ତ, ଘନ, ମନୋଗୋବିନ୍ଦ, ସଞ୍ଜୟ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଜନସଭା କାର୍ଯକ୍ରମରେ ଓଡିଶା, ଝାଡ଼ଖଣ୍ଡ, ବିହାର, ବେଙ୍ଗଲ, ଆସାମରୁ ବହୁ ମାତ୍ରରେ ସବୁ କୁଡୁମୀ ଭାଇ ଭଉଣୀ ଯୋଗଦାନ କରିଥିଲେ।

## ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସେମିନାର

# ଜାତୀୟ ଶିକ୍ଷା ନୀତି-୨୦୨୦ ଉପରେ ଗୁରୁତ୍ୱାରୋପ



ଯାଜପୁର,୬।୪ (ସଂଚାର ବ୍ୟୁରୋ): ଯାଜପୁର ସ୍ଥିତ ଏନ୍.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ସେମିନାର ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ଉଚ୍ଚ ଶିକ୍ଷାର ସଂସ୍କାର ପାଇଁ ଜାତୀୟ ଶିକ୍ଷା ନୀତି ୨୦୨୦ ଉପରେ ଶିକ୍ଷାବିତମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶାର ଗୌରବ ଗାନ "ବନ୍ଦେ ଉତ୍କଳ ଜନନୀ"' ସଙ୍ଗୀତ ଗାନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ରଞ୍ଜନ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ନିଜ ଅଭିଭାଷଣରେ ଉଚ୍ଚଶିକ୍ଷାର ସଂସ୍କାର ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମିନାର ସମ୍ପାଦକ କାଶିସ୍ ଅହମ୍ମଦ ଅତିଥୀମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହାପରେ ଶିକ୍ଷା ବିଭାଗ ମୁଖ୍ୟ ଡକ୍ଟର ଲୋପାମୁଦ୍ରା ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜଧାନୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଅରୁଣ କୁମାର ସାମଲ ଯୋଗଦେଇ ଜାତୀୟ ଶିକ୍ଷା ନୀତି -୨୦୨୦ର ଗୁରୁତ୍ୱ ବୁଝାଇଥିଲେ। ମୁଖ୍ୟ ବକ୍ତା ଭାବେ ରାଜଧାନୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ସରୋଜ କାନ୍ତି ଚୌଧୁରୀ ଯୋଗ ଦେଇ ଶିକ୍ଷା ବ୍ୟବସ୍ଥାର ନୂତନ ପରିବର୍ତ୍ତନ, ବହୁମୁଖୀ ଶିକ୍ଷା ବ୍ୟବସ୍ଥା (ଏମ ଡି ସୀ ) ଏବଂ ମଲ୍ଟିପୁଲ ଏଣ୍ଟ୍ରି ଓ ଏକ୍ଜିଟ୍ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟତମ ବକ୍ତା ପ୍ରଫେସର ସୁରେଶ ଚନ୍ଦ୍ର ସାହୁ ଶିକ୍ଷାର ଲକ୍ଷ୍ୟ ଓ ନୈତିକ ଶିକ୍ଷା ଉପରେ ନିଜ ବହୁମୂଲ୍ୟ ମତ ରଖୁଥିଲେ।

ସେମିନାରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ପର୍ଯ୍ୟାୟ ଆଲୋଚନା (ଇଣ୍ଟରଆକ୍ଟିଭ ସେସନ) ଆୟୋଜିତ ହୋଇଥିଲା, ଯେଉଁଥିରେ ମୁଖ୍ୟ ଅତିଥି ଓ ବକ୍ତାମାନେ ଛାତ୍ରଛାତ୍ରୀଙ୍କ ସମସ୍ତ ପ୍ରଶ୍ନ ଓ ସନ୍ଦେହକୁ ବେଶ୍ ଧୈର୍ଯ୍ୟର ସହିତ ସମାଧାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଜ୍ଞା ଏବଂ କରିସ୍ମା ସୁଚାରୁ ରୂପେ ପରି ପରିଚାଳନା କରିଥିଲେ।

ସେମିନାର ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନେ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଏବଂ ଏହାପରେ ଏକ ଅତ୍ୟନ୍ତ ଅଭିନବ ଓ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ମଧୁପୁର କଲେଜ, କଳାଣ ଶିକ୍ଷା ବିଭାଗର ଅଧ୍ୟାପକ ବୃନ୍ଦ ଓ ଏନ୍.ସି. ସ୍ୱୟଂଶାସିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ସାମିଲ ହୋଇଥିଲେ।

## ତରାପୁର ମା’ ହିଙ୍ଗୁଳା ଯଜ୍ଞ ଉତ୍ସବର ପୂର୍ଣ୍ଣାହୁତି



ଯାଜପୁର ରୋଡ଼, ୬।୪ (ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଂଚାୟତ ତରାପୁରରେ ଅବସ୍ଥାପିତ ମା' ହିଙ୍ଗୁଳା ଦେୱୀଙ୍କର ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଅଛି। ଗତ ଏକ ତାରିଖରୁ ମା'ଙ୍କର ବହୁ ରୀତିନୀତିରେ ଆରମ୍ଭ ହୋଇଥିବା ବାର୍ଷିକ ଉତ୍ସବ ଶେଷପର୍ଯ୍ୟାୟରେ ପହଂଚିଥିବା ଦେଖିବାକୁ ମିଳିଛି । ମା'ଙ୍କର ଦୈନନ୍ଦିନ ପୂଜକ ଶ୍ରୀ ଶ୍ରୀ ସଂଜୀବ କୁମାର ପଣ୍ଡା, ହୃଷିକେଶ ମିଶ୍ର ଓ ଗୋପୀନାଥ ପାଢ଼ୀଙ୍କ ସମେତ ଅନ୍ୟ ପଣ୍ଡିତ ଓ ବ୍ରାହ୍ମଣ ମାନଙ୍କ ଦ୍ୱାରା ପୂଜାକାର୍ଯ୍ୟ ଓ ମହାଯଜ୍ଞ ଚାଲୁରହିଥିବା ବେଳେ ଆସନ୍ତା ୯ତାରିଖ ଦିନ ମା'ଙ୍କ ଯଜ୍ଞଭସ୍ମକୁ ନାମ ସଂକୀର୍ତନ ଓ ରୋଷଣୀ ସହିତ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯିବା ନେଇ ହିଙ୍ଗୁଳା କମିଟିର ସଭାପତି ଶ୍ରୀ ନରୋତମ ଜେନା ସୂଚନା ଦେଇଥିଲେ।

ଏହି ପୂର୍ଣ୍ଣାହୁତି ଦିବସରେ ମା'ଙ୍କ କୃପା ଓ ଆଶିଷ ଲାଭ କରିବା ପାଇଁ ଆଖ ପାଖ ଅଂଚଳରୁ ସାହସ୍ରାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ମା'ଙ୍କ ପୂଜା ପାଇଁ ସାରା ଅଂଚଳ ଉତ୍ସବ ମୁଖର ହୋଇ ଉଠିଥିବା ବେଳେ ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ମୁତୟନ ରହିଥିବା ସହ ମା'ଙ୍କ ପୂଜାଚର୍ଣ୍ଣା ସୁରୁଖୁରୁରେ ସମ୍ପାଦନା ହୋଇଥିବା ସରପଞ୍ଚ ଇଂ ସର୍ବେଶ୍ୱର ସାହୁ କହିଥିଲେ । ପରିଚାଳନା କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ପୂର୍ଣ୍ଣାହୁତି କାର୍ଯ୍ୟରେ ସହଯୋଗ କରିଥିଲେ।




# ନିୟମିତ ମଦ୍ୟପାନ କଲେ ଜିନ୍‌ରେ ଆସେ ପରିବର୍ତ୍ତନ

ଦୈନଦିନ ଜୀବନରେ କେତେକ ଖାଦ୍ୟାଭାସ ଦ୍ୱାରା ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ନିୟମିତ ମଦ୍ୟପାନ କଲେ, ଏହା କୋଷରେ ଥିବା ଡିଏନ୍‌ଏ ସଂରଚନାକୁ ବିଶୃଙ୍ଖଳିତ କରେ। ଏହାଯୋଗୁ କର୍କଟ ରୋଗ ସୃଷ୍ଟି ହୋଇଥାଏ ବୋଲି ଗବେଷକ ସୂଚିତ କରିଛନ୍ତି। ସୁରାସାର ଜିନ୍‌ଗତ ସଂରଚନାକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥାଏ । ତେଣୁ ଜୀବନଶୈଳୀରେ ନିୟମିତ ମଦ୍ୟପାନ ନ କରିବା ଉଚିତ ବୋଲି ଗବେଷକ ସୂଚିତ କରିଛନ୍ତି। ଏହା ଶରୀରରେ ଏସିଟାଲଡିହାଇଡ୍ ପ୍ରସ୍ତୁତ କରେ। ଯାହାକି ଜିନ୍‌ରେ ପରିବର୍ତ୍ତନ ଆଣିଥାଏ। ଏହାର ପ୍ରଭାବରେ ଡିଏନ୍‌ଏ ସଂରଚନାରେ ପରିବର୍ତ୍ତନ ଆସିଥାଏ। ସୁରାସାର ଦ୍ୱାରା ସ୍ତନକର୍କଟ ଓ ପାଚକଯନ୍ତ୍ର କର୍କଟ ସମେତ ୭ ପ୍ରକାର କର୍କଟ ରୋଗ ସୃଷ୍ଟି ହୋଇଥାଏ। ସୁରାସାର ଆଲଡିହାଇଡ୍ ହାଇଡ୍ରୋଜେନେଜ୍ ଏଞ୍ଜାଇମ୍‌କୁ ନଷ୍ଟ କରିଥାଏ। ଫଳରେ ଏସିଟେଟ୍ ସୃଷ୍ଟି ହୋଇଥାଏ। ଏହି ଏଞ୍ଜାଇମ୍‌ର ଅଭାବରେ ଶରୀରରେ ଡିଏନ୍‌ଏ ସଂରଚନାରେ ବ୍ୟତିକ୍ରମ ଦେଖାଯାଇଥାଏ ବୋଲି ବ୍ରିଟେନ୍ କର୍କଟ ଗବେଷଣା ପରିଷଦ ପକ୍ଷରୁ କରାଯାଇଥିବା ଗବେଷଣା ରିର୍ପୋଟରେ ଉଲ୍ଲେଖ କରାଯାଇଛି।





# ହାର୍ଟ ପାଇଁ ବିପଦ ଜଙ୍କଫୁଡ୍

ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ ହୃଦ୍‌ଜନିତ ସମସ୍ୟା ଅନ୍ୟତମ। ତେବେ କେତେକ ଖାଦ୍ୟ ପ୍ରତି ସତର୍କ ରହିଲେ ଏଭଳି ସମସ୍ୟାଠାରୁ ଆପଣ ନିଜକୁ କେତେକାଂଶରେ ଦୂରେଇ ରଖିପାରିବେ। ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡ଼ା ମାଂସ ଓ ଚର୍ବି ଲାଗିଥିବା ଛେଳି ମାଂସ କିମ୍ବା ମେଣ୍ଢା ମାଂସ ହୃଦ୍‌ରୋଗ ସୃଷ୍ଟି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଅନ୍ୟପକ୍ଷରେ ଅଣ୍ଡାର କେଶର, ଚିଙ୍ଗୁଡ଼ି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରୁ ମିଳୁଥିବା କୋଲେଷ୍ଟରଲର ପରିମାଣ ଅଧିକ ହୋଇଥିବାରୁ ଏହା ହାର୍ଟ ପାଇଁ ଆଦୌ ଅନୁକୂଳ ନୁହେଁ। ସେହିପରି ବେଶି ଚିନି, ଗୁଡ଼ କିମ୍ବା ମିଷ୍ଟାନ୍ନଜାତୀୟ ଖାଦ୍ୟ ଖାଇଲେ ସେଥିରେ ଥିବା ଶ୍ୱେତସାର ଚର୍ବିରେ ପରିଣତ ହୋଇ ଦେହରେ ଜମିଯାଏ ଓ ହୃଦ୍‌ରୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦିଏ। ବେଶି ଲୁଣ, ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍ ଏବଂ ଡବାରେ ବନ୍ଦ ହୋଇ ବିକ୍ରି ହେଉଥିବା ଖାଦ୍ୟ ମଧ୍ୟ ହୃତ୍‌ପିଣ୍ଡ ପାଇଁ କ୍ଷତିକାରକ। ପ୍ରତିଦିନ ଯଥେଷ୍ଟ ପରିମାଣର ତଟକା ଫଳମୂଳ, ଶାଗ ଓ ପନିପରିବା ଖାଇବା ନିରାପଦ। ରୋଷେଇବାସ ପାଇଁ ସୋରିଷ ତେଲ, ସୋୟାବିନ୍ ତେଲ, ବାଦାମ ତେଲ ଓ ସୂର୍ଯ୍ୟମୁଖୀ ତେଲ ଭଲ। କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେମ୍ବୁର ସାଲାଡ୍ ମଧ୍ୟ ଉପାଦେୟ। ସବୁଦିନେ ଚୁନାମାଛ ଖାଇପାରିଲେ ତାହା ମଧ୍ୟ ହାର୍ଟ ପାଇଁ ବେଶ୍ ଉପକାରୀ।

# ହାର୍ଟ ଆଟାକ୍‌ରୁ ଦୂରେଇ ରଖେ ଝୁଣା ଧୂଆଁ



ପରିବର୍ତ୍ତିତ ଜୀବନ ଶୈଳୀରେ କେତେକଙ୍କଠାରେ ହାର୍ଟ ଆଟାକ୍ ସମସ୍ୟା ଦେଖାଦେଇଥାଏ। ତେବେ ଏହାର ନିରାକରଣ କିଛି ଘରୋଇ ଉପଚାର ଦ୍ୱାରା ମଧ୍ୟ ସମ୍ଭବ। ଘରେ ସବୁଦିନ ଝୁଣା ଧୂଆଁ ଦେଲେ ଏହା ମନରେ ସକାରାତ୍ମକ ପ୍ରଭାବ ପକାଇବା ସହିତ ହରମୋନ୍‌ସ୍ତରକୁ ନିୟନ୍ତ୍ରିତ କରି କୋଲେଷ୍ଟରଲ କମ୍ କରିଥାଏ। ଏହା ଦ୍ୱାରା ରକ୍ତଚାପ ସ୍ୱାଭାବିକ ହୋଇଥାଏ। ଫଳରେ ହାର୍ଟ ଆଟାକ୍ ଭଳି ସମସ୍ୟାରୁ ସହଜରେ ମୁକ୍ତି ମିଳିପାରେ। ଝୁଣାରେ ଥିବା ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ନିଶ୍ୱାସରେ ଫୁସଫୁସ୍ ରକ୍ତକୋଷିକାରେ ଆବଜରଭ୍ ହୋଇ ରକ୍ତରେ ଥିବା ଟ୍ରାଇଗ୍ଲିସେରଡ୍ କମ୍ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ଘରେ ସପ୍ତାହରେ ୩-୪ଥର ଝୁଣା ଧୂଆଁ ଦେଲେ ଅନେକ ଉପକାର ମିଳିଥାଏ।

# ମେଦବହୁଳତାରୁ ରକ୍ଷା ପାଇବା ପାଇଁ ଖାଆନ୍ତୁ ଚାମଚେ ଘିଅ



ପ୍ରତିଦିନ ଶରୀର ଲାଗି ଫ୍ୟାଟ ଆବଶ୍ୟକ ହୋଇଥାଏ। ଶରୀରର ଆବଶ୍ୟକତା ପୂରଣ ଲାଗି ପ୍ରତିଦିନ ଖାଦ୍ୟରେ ଗୋଟିଏ ଚାମଚେ ଗୁଆଘିଅ ସାମିଲ କଲେ ବେଶ୍ ସୁଫଳ ମିଳିଥାଏ। ଗୁଆଘିଅ ଖାଇବା ଦ୍ୱାରା ମେଦବହୁଳତା ସମସ୍ୟାରୁ ମିଳିଥାଏ ମୁକ୍ତି ମିଳେ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଏହା କର୍କଟ ରୋଗ ଆଶଙ୍କା ମଧ୍ୟ ଦୂର କରେ। ଗୁଆଘିଅ ଖାଇବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ସ୍ୱାଭାବିକ ହୋଇଥାଏ। ଫଳରେ ହାର୍ଟ ଆଟାକ୍‌ରୁ ମୁକ୍ତି ମିଳେ। ଗୁଆଘିଅ ଶରୀରରୁ କର୍କଟ ରୋଗ ସୃଷ୍ଟିକାରୀ କାର୍ସିନୋଜେନକୁ ପ୍ରତିରୋଧ କରିବା ଲାଗି ଏକ ପ୍ରକାର ଏନ୍‌ଜାଇମ୍ ତିଆରି କରେ। ଅନ୍ୟପକ୍ଷରେ କାର୍ସିନୋଜେନକୁ କ୍ରିୟାଶୀଳ କରୁଥିବା ତତ୍ତ୍ୱକୁ ଗୁଆଘିଅ ହ୍ରାସ କରେ। ଗୁଆଘିଅରେ ଥିବା କନ୍‌ଜୁଗେଟଡ୍ ଲିନୋଲିକ୍ ଏସିଡ୍(ସିଏଲଏ) ଭେଜିଟେବୁଲ ଅଏଲ ଅପେକ୍ଷା ଅଧିକ ସ୍ୱାସ୍ଥ୍ୟପ୍ରଦ। ଭେଜିଟେବୁଲ ଅଏଲରେ ଥିବା ଅନସାଚୁ୍ୟରେଟେଡ୍ ଫ୍ୟାଟି ଏସିଡ୍ ଡିଏନଏକୁ କ୍ଷତି ପହଞ୍ଚାଏ। ମାତ୍ର ଗୁଆଘିଅ ଖାଇବା ଦ୍ୱାରା ଏହା ସୁରକ୍ଷିତ ରହିଥାଏ।

# ଇନ୍‌ସୁଲିନ୍ ସ୍ତର ସନ୍ତୁଳିତ ରଖେ ପିଆଜ ଶଣ୍ଢା

ପିଆଜ ଶଣ୍ଢା କାହାକୁ ବା ନାପସନ୍ଦ କହିଲେ। ଏହା କେବଳ ସ୍ୱାଦିଷ୍ଟ ନୁହେଁ ବରଂ ସ୍ୱାସ୍ଥ୍ୟପ୍ରଦ ମଧ୍ୟ। ପିଆଜ ଶଣ୍ଢାରେ ଭରପୂର୍ ଥିବା ଆଣ୍ଟିଅକ୍ସିଡାଣ୍ଟ ଡିଏନ୍‌ଏକୁ କ୍ଷତି ପହଞ୍ଚିବାରୁ ରୋକିଥାଏ। ଏଥିରେ ମିଳୁଥିବା ଭିଟାମିନ ସି ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ଏହାଦ୍ୱାରା ହୃଦ୍‌ରୋଗ ସମ୍ବନ୍ଧିତ ସମସ୍ୟାରୁ ରକ୍ଷାମିଳେ। ଏହାଛଡ଼ା ପିଆଜ ଶଣ୍ଢାରେ ଥିବା ସଲଫର୍ ଧମନୀ ସହ ଜଡ଼ିତ ବିଭିନ୍ନ ସମସ୍ୟାର ଆଶଙ୍କା ମଧ୍ୟ ହ୍ରାସ କରେ। ପିଆଜ ଶଣ୍ଢା ସେବନ ଦ୍ୱାରା ଇନ୍‌ସୁଲିନ୍ ସ୍ତର ସନ୍ତୁଳିତ ରହିଥାଏ। ଏହା ଶରୀରକୁ କ୍ରିୟାଶୀଳ କରିଥାଏ। କେବଳ ସେତିକି ନୁହେଁ, ଏହାର ସେବନ ଦ୍ୱାରା ବିଭିନ୍ନ ପ୍ରକାର କ୍ୟାନସର୍ ଆଶଙ୍କା ହ୍ରାସ ପାଇଥାଏ।





# ଫୁସ୍‌ଫୁସ୍‌କୁ ସୁସ୍ଥ ରଖେ ଗୁଡ଼ପାଣି

ସକାଳେ ଗୁଡ଼ପାଣି ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏହାକୁ ପିଇଲେ ଫୁସ୍‌ଫୁସ୍‌ର କାର୍ଯ୍ୟ ସ୍ୱାଭାବିକ ହୋଇଥାଏ। ବାୟୁ ପ୍ରଦୂଷଣରେ ଏହା ଶରୀର ପାଇଁ ଏକ ସୁରକ୍ଷା ବଳୟ ସୃଷ୍ଟି କରିଥାଏ। ଏହାଦ୍ୱାରା ପାଚନ କ୍ରିୟା ମଧ୍ୟ ସ୍ୱାଭାବିକ ହୋଇଥାଏ। ଅଧାକପ୍ ଗୁଡ଼ପାଣି ନିୟମିତ ପିଇଲେ ଲିଭର ସମସ୍ୟା ଦୂର ହୁଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଗୁଡ଼ପାଣି ରକ୍ତ ସଫା କରିବାରେ ସହାୟକ ହୋଇଥାଏ। ଶରୀରରେ ପ୍ରତିଷେଧକ ଶକ୍ତି ବୃଦ୍ଧି ଲାଗି ଏହା ମହୌଷଧୀ ସଦୃଶ ସାବ୍ୟସ୍ତ ହୋଇଥାଏ। ମହିଳାଙ୍କଠାରେ ଦେଖାଦେଉଥିବା ଋତୁସ୍ରାବ ଓ ବିଭିନ୍ନ ସମସ୍ୟା ଗୁଡ଼ପାଣି ଦୂର କରେ। ଏଥିରେ ପୋଟାସିୟମ୍ ଏବଂ ସୋଡିୟମ୍ ରହିଥାଏ। ଫଳରେ ରକ୍ତଚାପ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।



# ଥାଇରଏଡ ରୋଗରୁ ମୁକ୍ତି ପାଇଁ କରନ୍ତୁ ଘରୋଇ ଉପଚାର

ଥଣ୍ଡା ଦିନରେ ଥାଇରଏଡ ରୋଗୀମାନେ ଅନେକ ପ୍ରକାର ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ଏହି ରୋଗରୁ ମୁକ୍ତି ପାଇବା ପାଇଁ ପ୍ରାଚୀନ ଆୟୁର୍ବେଦିକ ଉପାୟରୁ ଆମେ ଘରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟରୁ ଔଷଧ ପ୍ରସ୍ତୁତ କରିପାରିବା। ଏହା ଦ୍ୱାରା ଥାଇରଏଡ ରୋଗୀମାନେ କିଛି ମାତ୍ରାରେ ଆଶ୍ୱସ୍ତି ପାଇପାରିବେ।

ଅଦା: ପ୍ରାୟତଃ ସମସ୍ତଙ୍କ ଘରେ ସବୁବେଳେ ଅଦା ମହଜୁଦ ଥାଏ। ଅଦାର ଅନେକ ଔଷଧିୟ ଗୁଣ ରହିଛି। ଅଦାରେ ଅନେକ ଉପକାରୀ ଗୁଣ ମଧ୍ୟ ରହିଛି ଯଥା-ପୋଟାସିୟମ, ମ୍ୟାଗନେସିୟମ ଇତ୍ୟାଦି। ଯାହା ଥାଇରଏଡ ରୋଗରୁ ମୁକ୍ତି ଦେଇଥାଏ। ଅଦାରେ ଆଣ୍ଟି-ଇଂଫଲେମେଟରି ଗୁଣ ଥିବାରୁ ଏହା ଥାଇରଏଡକୁ ବଢ଼ିବାରୁ ରୋକିଥାଏ।

ଦହି ଓ କ୍ଷୀର: ଥାଇରଏଡ ରୋଗୀମାନେ ସର୍ବଦା କ୍ଷୀର ଓ ଦହି ଅଧିକ ମାତ୍ରାରେ ଖାଇବା ଦରକାର। କ୍ଷୀର ଓ ଦହିରେ କ୍ୟାଲସିୟମ, ମିନେରାଲ ଏବଂ ଭିଟାମିନ ପ୍ରଚୁର ପରିମାଣରେ ରହିଥାଏ। ଏହା ଥାଇରଏଡ ଭୋଗୁଥିବା ପୁରୁଷଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ରଖିବାରେ ସହାୟକ ହୋଇଥାଏ।

ଗହମ ଓ ଯଅ: ଥାଇରଏଡ ଗ୍ରନ୍ଥିକୁ ରୋକିବା ପାଇଁ ଗହମ ଓ ଯଅର ବ୍ୟବହାର ଅତ୍ୟନ୍ତ ଆବଶ୍ୟକ। ଗହମ ଓ ଯଅ ଖାଇବା ଦ୍ୱାରା ସେଥିରେ ଥିବା ଆୟୁର୍ବେଦିକ ଗୁଣ ଥାଇରଏଡ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

# ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ପିଅନ୍ତୁ ପିଆଜ ରସ



ଖରାଦିନେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ଏଥିରୁ ରକ୍ଷା ପାଇବା ପାଇଁ କେତେକ ସହଜ ଘରୋଇ ଉପାୟ ରହିଛି। ଖରାଦିନେ ପ୍ରତିଦିନ ପିଆଜ ରସ ଚାମୁଚେ ପିଇଲେ ବେଶ୍ ସୁଫଳ ମିଳିଥାଏ। ଏହା ସହିତ ଖାଦ୍ୟରେ ଅଭ୍ୟାସ କରି ପିଆଜ ଖାଇଲେ ଶରୀରର ଉତ୍ତାପ କମିବା ସହିତ ଜଳୀୟ ଅଂଶ ନିୟନ୍ତ୍ରିତ ହୋଇଥାଏ। ସେହିପରି ତେନ୍ତୁଳି ପାଣିରେ ଅଳ୍ପ ଲୁଣ ମିଶାଇ ପିଇଲେ ମଧ୍ୟ ଗ୍ରୀଷ୍ମତାପରୁ ଆରାମ ଲାଗିଥାଏ। ଏଥିରେ ଚାମୁଚେ ମହୁ ମିଶାଇ ପିଇଲେ ଭଲ। ଖରାଦିନେ ତୋରାଣିରେ ସୈନ୍ଧବ ଲବଣ ମିଶାଇ ପିଇଲେ ଶରୀରରେ ଜଳସ୍ତର ସ୍ୱାଭାବିକ ହୋଇଥାଏ।

# ଜିଲ୍ଲାସ୍ତରୀୟ ସମନ୍ୱୟ ଓ ନିରୀକ୍ଷଣ ସମିତି ବୈଠକ ଓ କର୍ମଶାଳା



**ସୁବର୍ଣ୍ଣପୁର,୬।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ସ୍ଥିତ ବ୍ଲକ୍ ମିଶନ୍ ଶକ୍ତି ଭବନରେ ଠାରେ "ଇଣ୍ଟେଗ୍ରେଟେଡ୍ ଫାର୍ମିଂ କ୍ଲଷ୍ଟର (ଆଇଏଫ୍‌ସି)" ଉପରେ ଏକ ଦିନିଆ ଜିଲ୍ଲା ସ୍ତରୀୟ ସମନ୍ୱୟ ଓ ନିରୀକ୍ଷଣ ସମିତି ବୈଠକ ସହ କର୍ମଶାଳା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମଟି ଓଡିଶା ଲାଇଭଲିହୁଡ୍‌ସ ମିଶନ (ଓଏଲ୍‌ଏମ୍), ଡିଏମ୍‌ଏମ୍‌ୟୁ, ସୁବର୍ଣ୍ଣପୁର ଦ୍ୱାରା ମିଶନ୍ ଶକ୍ତି ବିଭାଗ, ଓଡିଶା ସରକାରଙ୍କ ଅଧୀନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ତଥା ଜିଲ୍ଲା ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ଉପସ୍ଥିତ ଥିଲେ । ସେ ଆଇଏଫ୍‌ସି ମାଧ୍ୟମରେ କୃଷି ଓ ଜୀବିକା ଉନ୍ନତିରେ ମହିଳା ସ୍ୱୟଂ ସାହାୟକ ଗୋଷ୍ଠୀଙ୍କ ଭୂମିକାକୁ ବୃହତ୍ ଭାବେ ଉଲ୍ଲେଖ କରିଥିଲେ । ଏହି ଅବସରରେ ମିଶନ ଶକ୍ତି ,ଡିପିସି ବିଶ୍ୱଜିତ ପରିଡା, ରିସୋର୍ସ ପର୍ସନ୍ ଗୋପାଳ ଚନ୍ଦ୍ର ମହାପାତ୍ର, କେଭିକେ ସୁବର୍ଣ୍ଣପୁରର ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ବିଶ୍ୱ ରଞ୍ଜନ ପଟ୍ଟନାୟକ, ଏଏଚ୍‌ଓ ତ୍ରିଦେବ ବଘାର, ଡିରେକ୍ଟର ରବିନାରାୟଣ ସେଠ, ଟ୍ରେନର ସତ୍ୟବ୍ରତ ଦାଶ ଆଦି ଉପସ୍ଥିତ ଥିଲେ । ଓରମାସ ର ଡେପୁଟି ସିଇଓ ସମୀର କୁମାର ନାୟକ, ସୁବ୍ରଜିତ ବେହେରା ଓ ଜିଙ୍ଗ୍ୟାରାଣୀ ଦାଶ, ବିପିଏମ, ମନୋଜ କୁମାର ବାଘ, ଆକାଉଣ୍ଟାଣ୍ଟ ଶଶିକାନ୍ତ ଶର୍ମା, ବିପିଏମ, ଉଲୁଣ୍ଡା କେଶବ ଚନ୍ଦ୍ର ମାଝି, ବିପିଏମ, ସୋନପୁର ସୁବ୍ରତ ମେହେର, ଡବ୍ଲୁଏସ୍‌ଏଚ୍‌ଜି ଯୋଜନା (କୃଷି) ମିତାଳୀ ବିଶ୍ୱାଳ, ସଚ୍ଚିଦାନନ୍ଦ ବୁଡାଏକ, ବିପିସି- ମିଶନ୍ ଶକ୍ତି, ସୋନପୁର ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ଆଇଏଫ୍‌ସି କାର୍ଯ୍ୟକ୍ରମର ସଫଳ ଅମଳ, କୃଷି ବିଭିନ୍ନତା, ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଓ ଜୀବିକା ବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ ଓ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନେ ସକ୍ରିୟ ଭାବେ ଯୋଗଦେଇଥିଲେ ।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

# ୫୪ଟି ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୬।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାୟକ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବନ୍ଧୀୟ ସର୍ବମୋଟ ୫୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୪୪ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୦ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର ଶ୍ରୀ ପ୍ରତୀକ କରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଅଶ୍ୱିନୀ କୁମାର ମେହେର, ଉପ-ଜିଲ୍ଲାପାଳ, ସୋନପୁର ଡ଼. ସୌମ୍ୟ ରୁପା ରଥ, ଡେପୁଟି କଲେକ୍ଟର (ଅଭିଯୋଗ ଶୁଣାଣୀ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସହିତ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଅର୍ଜୁନ ମାଝୀ ଏବଂ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ଚୋରା ବେଆଇନ ମଦ ବିକ୍ରି ବନ୍ଦ ପାଇଁ ମହିଳାମାନେ ଥାନା ଦ୍ୱାରସ୍ଥ ହେଲେ



**ବୈଶିଙ୍ଗା,୬।୪ (ସଂଚାର ବ୍ୟୁରୋ):** ମଦ ବନ୍ଦ କରିବା ପାଇଁ ଅଣ୍ଟା ଭିଡିଲେ ଏସ୍‌ଏଚଜି ମହିଳା। ଖୁବ ଶିଘ୍ର ଅଞ୍ଚଳରୁ ମଦକୁ ବନ୍ଦ ନକଲେ ଆନ୍ଦୋଳନ ପାଇଁ ଚେତାବନୀ ଦେଲେ ଥାନା ଅଧିକାରୀଙ୍କୁ।ଏହିପରି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ବୈଶିଙ୍ଗା ପଞ୍ଚାୟତରେ। ସରପଞ୍ଚ ସାବିତ୍ରୀ ମୁର୍ମୁ ଓ ସମିତିସଭ୍ୟା ସରସ୍ୱତୀ ଦାସଙ୍କ ନେତୃତ୍ୱରେ ପଞ୍ଚାୟତରେ ଥିବା ବିଭିନ୍ନ ଏସ୍‌ଏଚ୍‌ଜିର ଶତାଧିକ ମହିଳା ଆଜି ଅପରାହ୍ଣରେ ମହୁରି ଜଗନ୍ନାଥ ମନ୍ଦିର ଠାରେ ଥିବା ମିଶନ ଶକ୍ତି ଗୃହରୁ ଦୁଇ କି. ମି. ରାସ୍ତା ପାଦରେ ଚାଲିଚାଲି ଆସି ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସଙ୍କୁ ପଞ୍ଚାୟତର ଗ୍ରାମାଞ୍ଚଳ ମାନଙ୍କରେ ବୃଦ୍ଧି ପାଉଥିବା ମଦ ଦୋକାନକୁ ତୁରନ୍ତ ବନ୍ଦ କରାଯାଉ ବୋଲି ଏକ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମ ମାନଙ୍କରେ ମଦ ଦୋକାନ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପୁରୁଷ ମାନେ ମଦ ଖାଇ ଘରେ ପାଟିହୁରି ସହ ବିଭିନ୍ନ ସମୟରେ ଅଶାନ୍ତି କରୁଥିବା ନେଇ ଅଭିଯୋଗ କରିଥିଲେ। ଏମିତିକି ଚଳିତ ମାସ ୧ ତାରିଖ ଦିନ ମଲକଡି ଗ୍ରାମର ରବିନ୍ଦ୍ର ସିଂହ ଅତ୍ୟଧିକ ମଦପାନ କରି ରେଳଧାରଣାରେ ଶୋଇ ଜୀବନ ହାରିଥିଲେ। ତେଣୁ ଅତିଷ୍ଠ ହୋଇ ମହିଳା ମାନେ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଏଥି ସହିତ ଚୋରା ଏବଂ ବିଷାକ୍ତ ମଦ ପିଇ ଅଳ୍ପ ବୟସରେ ଜୀବନ ହାରୁଥିବା ଜଣାଯାଇଛି। ଥାନାଧିକାରୀ ବାରିଣି ଦାସ ଙ୍କ ମତରେ ଏଥିପାଇଁ ଚେଷ୍ଟିତ ଅଛୁ।

### ● ବିନାନୁମତିରେ ଗଛ କଟା ଘଟଣା

# ପ୍ରଧାନଶିକ୍ଷକଙ୍କ ବିରୋଧରେ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ



**ଧାମନଗର,୬।୪(ସଂଚାର ବ୍ୟୁରୋ):** ବିନା ଅନୁମତିରେ ଗଛ କଟା ଘଟଣା ପ୍ରଧାନଶିକ୍ଷକଙ୍କ ବିରୋଧରେ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଧାମନଗର ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତ ଅଧିନସ୍ଥ ବାବୁରିଗାଁ ଶ୍ରୀ ଜଗନ୍ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବହୁ ପୁରୁଣା ମୂଲ୍ୟବାନ ଗଛ ଗୁଡିକୁ ବିନା ଅନୁମତିରେ କଟା ଯିବାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳରେଅସନ୍ତୋଷ ଦେଖାଦେଇଥିବା ବେଳେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସଭାପତି ମିଳିତ ଭାବେ ଗଛ ବିକ୍ରି କରିଥିବା କଥା ସାମ୍ନାକୁ ଆସିଛି।ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ, ଗ୍ରାମବାସୀମାନେ ଧାମନଗର ଥାନା ଅଧିକାରୀ, ମାନ୍ୟବର ଭଦ୍ରକ ଜିଲ୍ଲାପାଳ, ଧାମନଗର ତହସିଲଦାର, ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ବନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପତ୍ର ଦେଇ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ତାଙ୍କ ପାଖରେ ଏନେଇ କୌଣସି ସୂଚନା ନାହିଁ। ଧାମନଗର ବନ ବିଭାଗ ପକ୍ଷରୁ ମଧ୍ୟ ଏପରି ଗଛ କଟା ବିଷୟରେ କିଛି ଜଣା ନଥିବା କୁହାଯାଇଛି।

### ବିଦ୍ୟୁତ ବିଭାଗର ଅଜବ କାରସାଦି

# ବିଜୁଳି ସଂଯୋଗ ନଥାଇ ୩୮ ହଜାର ବିଲ୍

**ନୀଳଗିରି,୬।୪(ସଂଚାର ବ୍ୟୁରୋ):** ବିଦ୍ୟୁତ ବିଭାଗର ଅଜବ କାରସାଦି! ଜନ୍ମରୁ ଯିଏ ବିଦ୍ୟୁତ ଆଲୁଅ ଦେଖିନାହିଁ, ଯାହାଙ୍କ ପାଇଁ ଡିବିରି ଆଲୁଅ ହିଁ ଭରସା, ତାଙ୍କ ନାଁରେ ଆସିଛି ହଜାର ହଜାର ଟଙ୍କାର ବିଲ୍। ବିଦ୍ୟୁତ ସଂଯୋଗ ହୋଇନି କିନ୍ତୁ ବକେୟା ପଡ଼ିଛି ୩୮ ହଜାର ଟଙ୍କା। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ବରହମପୁର ବିଦ୍ୟୁତ ଷ୍ଟ୍ରକଚର୍ ଅଧୀନ ପରାଶିପାଳ ଗାଁରେ। ମୃତ ଭିକାରୀ ଦେହୁରୀଙ୍କ ପୁଅ ମଦନ ବେହେରା। ପର ଘରେ ମୂଲ ଲାଗିଲେ ଚୁଲି ଜଳେ। ସରକାରଙ୍କ ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପରେ ବିଦ୍ୟୁତ ପାଇଁ ଆବେଦନ କରିଥିଲେ। ହେଲେ ବିଭାଗ କହୁଛି ବିଲ୍ ବାକି ଅଛି। ବାପା-ଜେଜେ ଅମଳରୁ ଲଣ୍ଠନରେ ଚଳୁଛୁ, ଆମର ୩୮ ହଜାର ବକେୟା ବିଲ୍ କେଉଁଠୁ ଆସିଲା ? ବୋଲି ପ୍ରଶ୍ନ କରିଛନ୍ତି ମଦନ। ଅଭିଯୋଗ ଅନୁଯାୟୀ, ମଦନ ବିଦ୍ୟୁତ ସଂଯୋଗ ପାଇଁ ୩ ବର୍ଷ ହେବ ନାମ ପଞ୍ଜିକରଣ କରିଥିଲେ। ହେଲେ ଏବେ ଅଧିକାରୀଙ୍କ କହିବା କଥା, ମଦନଙ୍କ ନାଁରେ ପୂର୍ବରୁ ଏକ ସେଲୋ ପଏଣ୍ଟ ରହିଛି, ଯାହାର ବିଲ୍ ବାକି ଅଛି। ଟଙ୍କା ପୈଠ ନକଲେ ସଂଯୋଗ ମିଳିବନି। ଅନ୍ୟପଟେ ଜଣେ ଖଟିଖିଆଙ୍କୁ ବିଦ୍ୟୁତ ବିଭାଗ ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ବିଦ୍ୟୁତ ବିଭାଗ ଜେଇ। କେବେ ମିଳିବ ମଦନଙ୍କୁ ନ୍ୟାୟ? କେବେ ତାଙ୍କ ଘରେ ଜଳିବ ବିଦ୍ୟୁତ ଆଲୁଅ ? ତାହା ଏବେ ବଡ଼ ପ୍ରଶ୍ନ।



# ବିଡ଼ିଓଙ୍କ ସହ ସରପଞ୍ଚ ଓ ସମିତି ସଭ୍ୟ ସଂଘର ଆଲୋଚନା



**ନର୍ଲା,୬।୪(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ ଓ ସମିତି ସଦସ୍ୟ ସଂଘ ସଭାପତି ଜୟ ମେହେରଙ୍କ ନେତୃତ୍ୱରେ ଆଜି ଏକ ପ୍ରତିନିଧି ମଣ୍ଡଳୀ ବିଡ଼ିଓ ବିପିନ ବିହାରୀ ଦୀପଙ୍କୁ ସିକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ନିକଟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ବ୍ଲକରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ରଖିଥିଲେ, କିନ୍ତୁ କୌଣସି ପ୍ରକାରର ଦୁର୍ନୀତି ହେଉନାହିଁ ତଥା ସମସ୍ତ ଉନ୍ନୟନ କାର୍ଯ୍ୟ ସରକାରୀ ନିୟମାନୁସାରେ ହେଉଥିବା ନେଇ ବିଡ଼ିଓଙ୍କୁ କହିଥିଲେ ପ୍ରତିନିଧି ମଣ୍ଡଳୀ। ନର୍ଲାରେ ପାନୀୟ ଜଳର ସୁବନ୍ଦୋବସ୍ତ ଅଛି, ଯାହାବି ଛୋଟମୋଟ ଅସୁବିଧା ଅଛି ତାହାକୁ ପଞ୍ଚାୟତ ଏବଂ ବ୍ଲକ ସ୍ତରରେ ସମାଧାନ କରିବାର ପ୍ରୟାସ କରାଯାଉଛି। ଜନପ୍ରତିନିଧି ଦଳମତ ନିର୍ବିଶେଷରେ ସମସ୍ତ ଜନସାଧାରଣଙ୍କ ପାଇଁ ସେବା କରିଥାନ୍ତି, ତେଣୁ ଅଯଥା ସେମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ ନକରିବାକୁ ସେମାନେ ମତ ରଖିଛନ୍ତି। ଏହାସହ ନର୍ଲା ବ୍ଲକ ଅଧ୍ୟକ୍ଷଙ୍କ ନାମରେ ତହସିଲଦାର ଆଣିଥିବା ଅଭିଯୋଗ ଉପରେ ମଧ୍ୟ ଜନପ୍ରତିନିଧି ମାନେ ମତବ୍ୟକ୍ତ କରିଥିଲେ। ଜନପ୍ରତିନିଧି ମାନଙ୍କ କହିବା ଅନୁସାରେ ଏହା ରାଜନୈତିକ ଅଭିସନ୍ଧି ନେଇ ଶାସକ ଦଳର ଫାନ୍ଦ। ବ୍ଲକ ଅଧ୍ୟକ୍ଷ ମାସେ ତଳେ କିଛି କହିଥିବା କଥାକୁ ନେଇ ରାଜ୍ୟସଭା ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଏତଲା ଦାଏର କଲେ ତହସିଲଦାର। ବିଧାୟିକାଙ୍କ ବାସଭବନରେ ପୋଲିସ ଯେଉଁ ଢଙ୍ଗରେ ଚଢ଼ାଉ କଲା ଏହା ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୋଟାମୋଟି ଭାବେ ନର୍ଲା ବିଧାୟିକା ଓ ତାଙ୍କ ସ୍ୱାମୀ ତଥା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ଛବିକୁ ମଳିନ କରିବାକୁ ଏହା ଉଦ୍ଦିଷ୍ଟ, କିନ୍ତୁ କେବେବି ଏହା ହେବାକୁ ଦିଆଯିବ ନାହିଁ ବୋଲି ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ବାଗପୁର ସରପଞ୍ଚ ଗୋପାଳ ହାତୀ, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ ଓ ଅନ୍ୟ ସରପଞ୍ଚ ଏବଂ ସମିତି ସଭ୍ୟ ସଭ୍ୟା ମାନେ ପ୍ରକାଶ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ସରୋଜ ରାଉତ, ଯୁବ ନେତା ଘାସିରାମ ସାହୁ, ତହସିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ ପରିକ୍ରମାରେ ଶିକ୍ଷା ସଚେତନ ରଥ



**ସୁବର୍ଣ୍ଣପୁର,୬।୪(ସଂଚାର ବ୍ୟୁରୋ):** ଶିକ୍ଷା ସଚେତନତା ରଥ ସୋନପୁର ବ୍ଲକର ବିଭିନ୍ନ ଗାଁ ତଥା ସ୍କୁଲ ପରିକ୍ରମା କରିଛି। ହରଡ଼ଖୋଲ କ୍ଲଷ୍ଟରରେ ସିଆରସିସି ରଶ୍ମିତା ସାହୁଙ୍କ ନେତୃତ୍ୱରେ ନୂତନ ଶିକ୍ଷା ବର୍ଷ୨୦୨୬-୨୭ରେ ଲୋକଙ୍କୁ ଶିକ୍ଷା ଉପରେ ସଚେତନ କରାଇବା ପାଇଁ ଆଜି ଉକ୍ତ ରଥ କୁଲିପାଲି, ହରଡ଼ଖୋଲ, ସାହାଜପିଟା, ବୈଦ୍ୟନାଥ ଗାଁ ତଥା ସ୍କୁଲ ପରିଭ୍ରମଣ କରିଥିଲା। ରଥକୁ ବିଭିନ୍ନ ସ୍କୁଲରେ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ସ୍ୱାଗତ ଜଣାଇଥିଲେ। ସେହିପରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ହରଡ଼ଖୋଲ କ୍ଲଷ୍ଟରର ଶିକ୍ଷୟତ୍ରୀ ଭଗ୍ୟସିନୀ ମିଶ୍ର, କଲ୍ୟାଣୀ ମେହେର, କୁମୁଦିନୀ ବେହେରା, ଘନଶ୍ୟାମ ମିଶ୍ର, ଗାୟତ୍ରୀ ଦାସ ଓ ଅନ୍ୟାମାନେ ସହଯୋଗ କରିଥିଲେ।

# ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର,୬।୪ (ସଂଚାର ବ୍ୟୁରୋ):** ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି, ସୁବର୍ଣ୍ଣପୁର ପାଇଁ ନୂତନ ଭାବେ ଚୟନ ହୋଇଥିବା ସଭାପତି ତଥା ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲାଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲା ପ୍ରଶାସନର ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି ସଭାପତି ଇଂ ରଘୁନାଥ ଜଗଦଲାଙ୍କୁ ସ୍ୱାଗତ କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନାରାୟଣ ନାଏକ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀଯୁକ୍ତ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର, ଡ. ସୋମ୍ୟାରୂପା ରଥଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ବଲାଙ୍ଗିର,୬।୪ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ସଦର ମହକୁମାସ୍ଥିତ ପଞ୍ଚାୟତ ସାଧନ କେନ୍ଦ୍ରର ବୈଠକ ଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣାନିଧି ମଲ୍ଲିକ ଯୋଗଦାନ କରି, ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଆପତ୍ତି ସମ୍ପର୍କିତ ୬୫ଟି ପଞ୍ଜୀକୃତ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେଥିରୁ ୪ଟି ସାମୁହିକ ଓ ୬୧ଟି ବ୍ୟକ୍ତିଗତ ଦରଖାସ୍ତ ଥିଲା। ତାହାରୁ ୭ଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ପତ୍ରଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାଖଲ କରାଯାଇ, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- ମୁଖ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ପୌରପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ସୋଭିନା ଭୋଇ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ।

### ● କାଳବୈଶାଖୀ ବର୍ଷା ସହ କୁଆପଥର ମାଡ଼

# ବେହାଲ ହେଲା ଅତାବିରା ଅଞ୍ଚଳ, ଚାଷୀକୁଳ ହତାଶ



**ଅତାବିରା, ୬।୪(ସଂଚର ବ୍ୟୁରୋ):** ବରଗଡ଼ ଜିଲ୍ଲା ଅତାବିରା ଅଞ୍ଚଳରେ ସୋମବାର କାଳବୈଶାଖୀ ଝଡବର୍ଷା ସହ ପ୍ରଚୁର କୁଆପଥର ମାଡ଼ ହୋଇଛି । ଫଳରେ ଅତାବିରା ଅଞ୍ଚଳ ବେହାଲ ହୋଇପଡିଛି। ସୋମବାର ଅପରାହ୍ନ ୩ଟାରୁ ସାଢେ ୩ଟା ଯାଏ ଅତାବିରା ବ୍ଲକର ସବୁ ଅଞ୍ଚଳରେ ତୁହାକୁ ତୁହା କାଳବୈଶାଖୀ ଝଡବତାସ, ବର୍ଷା ସାଙ୍ଗକୁ ପ୍ରଚୁର ମାତ୍ରାରେ କୁଆପଥର ମ ମାଡ଼ ହୋଇଛି। କୁଆପଥରରେ କ୍ଷଣିକ ସମୟ ପାଇଁ ଅତାବିରା କଶ୍ମୀର ଭଳି ଭ୍ରମ ସୃଷ୍ଟି ହୋଇଯାଇଥିଲା । ବ୍ଲକର ଅତାବିରା, ଲାଦରପାଲି, ରେଙ୍ଗାଲିକେମ୍ପ, କୁଲୁଣ୍ଡା, ବାବେବିରା, ରେଙ୍ଗାଲିପାଲି, ଟାଙ୍ଗରପାଲି, ମନାପଡା, ଟିର୍ଙ୍ଗିପାଲି, ହିର୍ଲିପାଲି, ସରଣ୍ଡା, ଚକୁଳି ଫାର୍ମ, ଭୋଇପାଲି, ଖଇରପାଲି, ଗୋଡ଼ଭଗା, ଆଇଁଲାପାଲି, ଟାମ୍ପରସରା, ଦୁଲମପୁର, କୁମେଲସିଂହା ଆଦି ବହୁ ଗ୍ରାମରେ ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଛି ।

# ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ସୁବର୍ଣ୍ଣପୁର,୬।୪ (ସଂଚାର ବ୍ୟୁରୋ):** ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିନରେ ସକାଳ ୭ ଟା ରେ ସୋନପୁର ପୌର ପରିଷଦ ପକ୍ଷରୁ ଜିଲ୍ଲାର ଦେବାଳୟ ଓ ଐତିହ୍ୟ ସ୍ଥଳୀମାନଙ୍କରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଅଭିଯାନରେ ମାଁ ସୁରେଶ୍ୱରୀ ପୀଠ ଏବଂ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ ସଫା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତାର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଏହା ସହିତ ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଋଷି ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ଯମୁନା ପ୍ରଧାନ, ଜିଲ୍ଲା କ୍ରୀଡା ଓ ଯୁବ ସେବା ଅଧିକାରୀ ଶ୍ରୀ ଚିତ୍ତ ରଞ୍ଜନ ମିଶ୍ର ଓ ଜିଲ୍ଲା ନିଜାରତ ଅଧିକାରୀ ଶ୍ରୀ ସତ୍ୟବ୍ରତ ସାହୁ, ଅତିରିକ୍ତ ଅଗ୍ନିଶମ ବିଭାଗ ଅଧିକାରୀ ଧୀରେନ୍ଦ୍ର ନାଥ ଦେ ପ୍ରମୁଖ ଉପସ୍ଥିତ ଥିଲେ। ସୋନପୁର-ମନମୁଣ୍ଡା ର ସ୍ୱଚ୍ଛ ଭାରତ ସଂଗଠନ, ସୋନପୁର ମହାବିଦ୍ୟାଳୟର ଏନ୍.ସି.ସି ଛାତ୍ରଛାତ୍ରୀ, ପୌର ପରିଷଦ ସ୍ୱଚ୍ଛ ସାଥୀ ଓ ସଚେତନ ନାଗରିକମାନେ ସକ୍ରିୟ ଭାବେ ଭାଗନେଇଥିଲେ। ପୌର ପରିଷଦର ସମସ୍ତ କର୍ମଚାରୀମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମସ୍ତଙ୍କୁ ପ୍ରତିଦିନ ନିଜ ଘର, ସାହି ଓ ଧାର୍ମିକ ସ୍ଥଳୀମାନଙ୍କୁ ସଫା ରଖିବା ପାଇଁ ସଚେତନ କରିବା, ଓ ସମଗ୍ର ପରିବେଶ ସୁରକ୍ଷା ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ଏହା ଛଡା ସମସ୍ତଙ୍କୁ ପୌର ପରିଷଦ ପକ୍ଷରୁ ଏହା ମଧ୍ୟ ଅନୁରୋଧ କରାଯାଇଛି ଯେ ସେମାନେ ପ୍ରତ୍ୟେକ ଦିନ ତାଙ୍କ ଘର ପାଖକୁ ଆସୁଥିବା ଅଳିଆ ସଂଗ୍ରହ ଗାଡ଼ିରେ ତାଙ୍କ ଘରୁ ବାହାରୁ ଥିବା ଶୁଖା ଏବଂ ଓଦା ଅଳିଆକୁ ପୃଥକ ପୃଥକ ଭାବରେ ସଂଗ୍ରହ ଗାଡ଼ିରେ ଦିଅନ୍ତୁ। ଏହା ଅଳିଆର ପୁନରାବୃତ୍ତି, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଜୈବିକ ଖତ ତିଆରିରେ ସାହାଯ୍ୟ କରିଥାଏ।



# ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଆକ୍ରମଣ: ୨ ଗିରଫ

**ଦିଗପହଣ୍ଡି,୬।୪(ସଂଚର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ପାରିବାରିକ ହିଂସା ଘଟଣାରେ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ସୁବାସ ବାୟକ ରବୀନ୍ଦ୍ର ସାହୁ ଓରଫ ଅଧିକାରୀ ଏବଂ ପ୍ରତିପକ୍ଷ ଗୋବିନ୍ଦ ସାହୁଙ୍କୁ ଗିରଫ କରିଛନ୍ତି। ୨ ଭାଇଙ୍କୁ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଥାନା ମାମଲା ନଂ.୯୦/୨୬ ଏବଂ ୯୧/୨୬ ଭାରତୀୟ ଆଇନ ସଂହିତାର ଧାରା-୨୯୬/୧୨୬(୨)/ ୧୧୫(୨)/୭୪/୭୬/ ୩୨୪(୨)/୧୦୯(୧)/ ୩୦୩(୨)/ ୩୫୨(୨)/୩(୫) ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ୨ ଭାଇଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶନିବାର ପୈତୃକ ଘର ଓ ଚାଷ ଜମି ବଣ୍ଟନକୁ କେନ୍ଦ୍ର କରି ଘର ସମ୍ମୁଖରେ ବିନୋଦ ସାହୁ ଏବଂ ରବୀନ୍ଦ୍ର ସାହୁ ଓରଫ ଅଧିକାରୀଙ୍କ ମଧ୍ୟରେ ଯୁକ୍ତିତର୍କ କଥା କଟାକଟି ହୋଇଥିଲା।

# 'ଓଡ଼ିଆ ପକ୍ଷ' ପ୍ରଶାସନିକ ଅଧିକାରୀଙ୍କ ସଫେଇ କାର୍ଯ୍ୟକ୍ରମ

**ପାଟଣା,୬।୪(ସଂଚର ବ୍ୟୁରୋ):** ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ ହେଉଥିବାବେଳେ ସୋମବାର କେନ୍ଦୁଝର ଜିଲା ପାଟଣା ବ୍ଲକର ରାଜନଗର ରଘୁନାଥ ଜିଉ ମଠ, ଟାଙ୍ଗରପଡ଼ା ମଠ, ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀ, ପାଟଣା ଆନନ୍ଦେଶ୍ୱର ଶିବ ମନ୍ଦିର ସହ ବ୍ଲକର ବିଭିନ୍ନ ଐତିହ୍ୟ ସ୍ଥଳୀ ଓ ଦେବାଳୟ ଗୁଡିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି। ରାଜନଗର ରଘୁନାଥ ଜିଉ ମଠରେ ସ୍ଥାନୀୟ ସରପଞ୍ଚ ସୁଧାଂଶୁ ନାଏକ, ବିଡିଓ ମାନସ କୁମାର ଦଣ୍ଡପାଟ, ପ୍ରୋଗ୍ରାମ ଅଫିସର ଜମାଲ ଉଦ୍ଦିନ ଖାନ,ପିଇଓ ଲଲାଟେନ୍ଦୁ ବିଦ୍ୟାଧର ମହାନ୍ତ, ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀରେ ସ୍ଥାନୀୟ ସରପଞ୍ଚ ଗୌରହରି ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ପାଇକ ରାୟ, ଏଡିଇଓ ଯଦୁ ମଣି ମହାନ୍ତ, ଜିଓ ଟେକର ଡମ୍ବରୁ ଧର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

### ଫସର ଫାଟିଲା ଜଗନ୍ନାଥପୁର ମଣ୍ଡଳ ପ୍ରଶିକ୍ଷଣ ଶିବିର

# ସଭାକୁ ଆସିଲେନି ବହୁ ଛାମୁଆ ନେତା ଓ କର୍ମୀ

**ତିର୍ତ୍ତୋଲ,୬।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ର କଲ୍ୟାଣ ମଣ୍ଡପ ଠାରେ ଜଗନ୍ନାଥପୁର ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚେୟାର ଫାଙ୍କା ପଡ଼ିବା ସହିତ ଏଥିରେ ମଣ୍ଡଳର କିଛିଟା ହାତ ଗଣତି ନେତା ଓ କର୍ମୀମାନେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ଖାଲି ସେତିକି ନୁହେଁ ମଣ୍ଡଳ ସଭାପତିଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ଅନେକ କର୍ମୀ ମଧ୍ୟ ଉକ୍ତ ବୈଠକରେ ପ୍ରଶ୍ନ କରିବା ସହ ହୋ ଗଲା କରିଥିଲେ। ସବୁଠୁ ଆଚର୍ଯ୍ୟ ର କଥା ହେଉଛି ଉକ୍ତ ବୈଠକରେ ମଣ୍ଡଳ ପ୍ରଭାରୀ ଅଶୋକ କୁମାର ମହାନ୍ତି ସଭା ପରିଚାଳନା କରିଥିବା ବେଳେ ଦାୟିତ୍ୱରେ ଥିବା ପ୍ରଭାରୀ ସୁବାସ ବାବୁ ଅନୁପସ୍ଥିତି ରହିଥିଲେ। ଏଥି ସହିତ ମଣ୍ଡଳ ସଭାପତି ଗଗନ କୁମାର ବିଶ୍ୱାଳ ଉପସ୍ଥିତ ନଥିବାକୁ ନେଇ ବିଜେପି ସଂଗଠନ ରସା ତଳକୁ ଯିବା ଅନୁମାନ କରାଯାଉଛି। ଯାହାକି ଆଗାମୀ ପଞ୍ଚାୟତ ନିର୍ବାନରେ ଏହି ଜୋନ୍ ରେ କିଭଳି ଭାବରେ ବିଜେପି ଜିତିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି ସଭାରେ ଯୋଗ ଦେଇଥିବା କର୍ମୀ। ଉକ୍ତ ବୈଠକରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ବୁଥ୍ ସଭାପତି ମାନଙ୍କୁ ଅଣଦେଖା କରାଯାଇଥିବା ଦେଖିବାକୁ ମିଳିଥିଲା। ମୋଟ୍ ୩୦ ଟି ବୁଥ ରୁ ହାତଗଣତି ମାତ୍ର ୫ ଟି ବୁଥ ର ସଭାପତି ଉକ୍ତ ବୈଠକରେ ଯୋଗଦେଇଥିବା ଶୁଣିବାକୁ ମିଳୁଛି।ଉକ୍ତ ବୈଠକ କୁ ରାତି ୧୦ ଟା ରେ ଜିଲ୍ଲା ସଭାପତି ଲୁଚିଛପି ଆସିଥିବା ଦେଖିବାକୁ ମିଳିଥିଲା।

# ଅର୍ଦ୍ଧନିର୍ମିତ ଅବସ୍ଥାରେ ଧାନ ଖଳା



**କେସିଙ୍ଗା,୬।୪ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଶିରୋଲ ଗ୍ରାମ ପଞ୍ଚାୟତରେ ଚାଷୀଙ୍କ ସୁବିଧା ପାଇ ଗତ ୨୩-୨୪ ଆର୍ଥିକ ବର୍ଷରେ ଖଳା ନିର୍ମାଣ ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ କଳାହାଣ୍ଡି ପକ୍ଷରୁ ୭ଲକ୍ଷ୩୨ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏଥିପାଇଁ କେସିଙ୍ଗା ପଞ୍ଚାୟତ ସମିତିର କାର୍ଯ୍ୟ ନିର୍ବାହୀ ସଂସ୍ଥା ପକ୍ଷରୁ କାର୍ଯ୍ୟ କରିବା କଥା, କିନ୍ତୁ ଶିରୋଲ ଗ୍ରାମ ଜଣେ ଠିକାଦାରଙ୍କୁ ଉକ୍ତ ଧାନ ଖଳା ନିର୍ମାଣ ପାଇଁ ଦାୟିତ୍ୱ ଦିଆଯାଇଥିଲା। ଏହି ଖଳା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲେ ଶିରୋଲ ଗ୍ରାମର ପ୍ରାୟ ଶାତାଧିକ ଚାଷୀ ଧାନ କାଟି ଏହି ଖଳାରେ ରଖି ଧାନ ମଡ଼ାଇ ସୁବିଧାରେ ଘରକୁ ନେଇ ପାରିବେ। କିନ୍ତୁ ଠିକାଦାର ଜଣଙ୍କ ଖଳାର ଚତୁଃପାର୍ଶ୍ୱରେ ସିମେଣ୍ଟର ଫାଉଣ୍ଡେଶନ ଉଠାଇ ନିରବ ରହିଗଲେ। ଖଳା ଉପରେ ଆଉ କଂକ୍ରିଟ କରିଲେ ନାହିଁ। ଯାହା ଫଳରେ ଦୀର୍ଘ ୩ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ଆଜିହେବ କାଲି ହେବ ବୋଲି ଯେଉଁ ଆଶା କରିଥିଲେ ତାହା ସମ୍ପୂର୍ଣ୍ଣ ନ ହେବାରୁ ଚାଷୀ ମନରେ ଅସନ୍ତୋଷ ହେବା ସହ ବହୁତ ହଇରାଣ ହେଉଛନ୍ତି। ବ୍ଲକ ପ୍ରଶାସନର ଉଦାସୀନତା ଯୋଗୁ ଖଳା କାମ ନିର୍ମାଣ ନ ହୋଇ ଆଜକୁ ୩ବର୍ଷ ବିତିଗଲାଣି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଛି। ଏହି ଖଳା ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଶିରୋଲ ଗ୍ରାମର ଶାତାଧିକ ଚାଷୀ ଧାନ ରଖି ମଡ଼ାଇ ଘରକୁ ନେବାରେ ସୁବିଧା ହୋଇଥାନ୍ତା। ଶିରୋଲ ଗ୍ରାମରୁ ପ୍ରାୟ ଦେଢ଼ କିମି ଦୂରରେ ଏହି ଖଳା ନିର୍ମାଣ ପାଇଁ ଜାଗା ନିରୂପଣ କରାଯାଇଛି। ଖଳାର ଚତୁଃପାର୍ଶ୍ୱରେ ଚାଷ ଜମି ଥିବାରୁ ଚାଷୀଙ୍କ ସୁବିଧା ହେବା ପାଇଁ ଏହି ଖଳାନିର୍ମାଣ ପାଇଁ ଶିରୋଲ ଗ୍ରାମର ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା।